

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୩ ଫେବୃଆରୀ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 FEBRUARY 2023
Vol.No. 34 ■ No. 42 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ୱେ-୧ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୨/୦୨ : ଦିଲ୍ଲୀରୁ ମୁମ୍ବାଇ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଖୁସି ଖବର । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦୌସାରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେର ପ୍ରଥମ ପର୍ଯ୍ୟାୟକୁ ଉଦଘାଟନ କରିବେ। ଏହା ହେଉଛି ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ ଦେଶର ସବୁଠାରୁ ଦୀର୍ଘ ଏକ୍ସପ୍ରେସୱେ , ଯାହାର ଲମ୍ବ ୧,୩୮୬ କିଲୋମିଟର ହେବ । ପ୍ରଧାନମନ୍ତ୍ରୀ ମୋଦୀ ଆସନ୍ତାକାଲି ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସୱେ, ଦିଲ୍ଲୀ-ଦୌସା-ଲାଲସୋଟ୍ ର ପ୍ରଥମ ଭାଗକୁ ଉଦଘାଟନ କରିବେ । ଏହା ୨୪୬ କିଲୋମିଟର ପରିବ୍ୟାପ୍ତ ଏବଂ ୧୨,୧୫୦ କୋଟି ରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଏହା ଦ୍ୱାରା ଦୁଇ ପ୍ରମୁଖ ସହର ମଧ୍ୟରେ ବର୍ତ୍ତମାନର ଯାତ୍ରା ସମୟ



ବର୍ତ୍ତମାନର ୫.୫ ଘଣ୍ଟାରୁ ମାତ୍ର ୩ ଘଣ୍ଟାକୁ କମିଯିବ ବର୍ତ୍ତମାନର ଦିଲ୍ଲୀ-ଜୟପୁର ଜାତୀୟ ରାଜପଥ ୪୮ ରାଜପଥରେ ମଧ୍ୟ ଭିଡ଼କୁ କମାଇବ । ଏହାପରେ ମୋଦୀ ରାଜସ୍ଥାନ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ନ ପ୍ରାୟ ୩ଟାରେ ସେ ଦୌସାରେ ପହଞ୍ଚି ଶିଳାନ୍ୟାସ କରିବା ସହ ୧୮,୧୦୦ କୋଟିରୁ ଅଧିକ ଟଙ୍କାର ସଡ଼କ ବିକାଶ ପ୍ରକଳ୍ପର ଲୋକାର୍ପଣ କରିବେ। ଏହାର ଗୋଟିଏ ଦିନ ପରେ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁର ୟେଲାହାଙ୍କାସ୍ଥିତ ବାୟୁସେନା ଷ୍ଟେସନରେ ଏରୋ ଇଣ୍ଡିଆ ୨୦୨୩ର ୧୪ତମ ସଂସ୍କରଣକୁ ଉଦଘାଟନ କରିବେ । ୧୩୮୬ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଏକ୍ସପ୍ରେସୱେ ଭାରତର ସବୁଠାରୁ ଲମ୍ବା ହେବ । ଏକ୍ସପ୍ରେସ ୱେ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଦିଲ୍ଲୀ ଓ ମୁମ୍ବାଇ ମଧ୍ୟରେ ଯାତ୍ରା ଦୂରତା ୧୪୨୪ କିଲୋମିଟରରୁ ୧୨୪୨ କିଲୋମିଟରକୁ ହ୍ରାସ ପାଇବ । ଦିଲ୍ଲୀ-ମୁମ୍ବାଇ ମଧ୍ୟରେ ଯାତ୍ରା ସମୟ ୨୪ ଘଣ୍ଟାରୁ ୧୨ ଘଣ୍ଟାକୁ ୫୦% ହ୍ରାସ ପାଇବ। ଏହି ଏକ୍ସପ୍ରେସୱେ ଭାରତର ୬ଟି ରାଜ୍ୟ ଦିଲ୍ଲୀ, ହରିୟାଣା, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ମହାରାଷ୍ଟ୍ର ଦେଇ ଯିବ । ଏହା ଭାରତର ପ୍ରମୁଖ ସହର ଯଥା କୋଟା, ଇନ୍ଦୋର, ଜୟପୁର, ଭୋପାଳ, ଭଦୋଦରା ଏବଂ ସୁରଟକୁ ସଂଯୋଗ କରିବ।

## ୧୬ ତାରିଖରେ ହେବ ଦିଲ୍ଲୀ ମେୟର ନିର୍ବାଚନ, ଗତ ୩ଟି ବୈଠକରେ ହୋଇପାରିନାହିଁ ନିଷ୍ପତ୍ତି



ନୂଆଦିଲ୍ଲୀ, ୧୨/୦୨ : ଦୁଇଦୁଇଥର ବୈଠକ ବିଫଳ ହେବା ପରେ ଏବେ ପୁଣି ଫେବୃଆରୀ ୧୬ ତାରିଖରେ ଦିଲ୍ଲୀ ନଗର ନିଗମର ମେୟର, ଡେପୁଟୀ ମେୟର ଓ ଷ୍ଟାଣ୍ଡିଂ କମିଟିର ୬ ସଦସ୍ୟଙ୍କ ପାଇଁ ନିର୍ବାଚନ ହେବ । ଏନେଇ ଦିଲ୍ଲୀ ନଗର ନିଗମର ବୈଠକ ୧୬ ତାରିଖକୁ ସ୍ଥିର କରାଯାଇଛି । ଅଧିକାରୀଙ୍କ ସୂଚନା ମୁତାବକ ଦିଲ୍ଲୀ ଉପରାଜ୍ୟପାଳ ଆଜି ସକାଳେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ମେୟର ନିର୍ବାଚନ କରିବାକୁ ପଠାଇଥିବା ପ୍ରସ୍ତାବକୁ ସ୍ୱୀକାର କରିଛନ୍ତି । ବିଜେପି ଓ ଆମ୍ ଆଦମୀ ପାର୍ଟି ସଦସ୍ୟଙ୍କ ମଧ୍ୟରେ ହଇଗୋଳ ପାଇଁ ଏହି ନିର୍ବାଚନ ୩ଥର ସ୍ଥଗିତ ହୋଇଛି । ଉପ ରାଜ୍ୟପାଳଙ୍କ ଦ୍ୱାରା ମନୋନୀତ ୧୦ଜଣ ସଦସ୍ୟଙ୍କୁ ଭୋଟ ଦେବାକୁ ଅନୁମତି ମିଳିବା ପରେ ଆମ୍ ଆଦମୀ ପାର୍ଟି ସଦସ୍ୟ ଏହାକୁ ଘୋର ବିରୋଧ କରିଥିଲେ । ଫଳରେ ନିଗମ ବୈଠକକୁ ରଦ୍ଦ କରାଯାଇଥିଲା । ସେପଟେ ନଗର ନିଗମର ନିୟମ ମୁତାବକ ମନୋନୀତ ସଦସ୍ୟମାନେ ଉଚ୍ଚ ସଦନର ବୈଠକରେ ମତଦାନ କରିପାରିବେ ନାହିଁ । ଆପ୍ ସଦସ୍ୟମାନେ ଅଭିଯୋଗ କରିଛନ୍ତି କି ବିଜେପି ଉପ ରାଜ୍ୟପାଳଙ୍କୁ ହାତ କରି କୌଣସି ପରିସ୍ଥିତିରେ ଦିଲ୍ଲୀ ନଗରନିଗମର ମେୟର ପଦ ଦଖଲ କରିବାକୁ ଚାହୁଁଛି । ସୂଚନା ଥାଉକି ଦିଲ୍ଲୀ ଏମସିଡି ନିର୍ବାଚନରେ ଆମ୍ ଆଦମୀ ପାର୍ଟିକୁ ବହୁମତ ମିଳିଛି । ଡିସେମ୍ବରରେ ହୋଇଥିବା ଏମସିଡି ନିର୍ବାଚନରେ ମୋଟ ୨୫୦ ଆସନରୁ ଆପ୍ କୁ ୧୩୪ଟି ଆସନ ମିଳିଥିବା ବେଳେ ବିଜେପିକୁ ୧୦୪ ଆସନ ମିଳିଥିଲା ।

## ୧୩ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତି କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୨/୦୨ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମହାରାଷ୍ଟ୍ରର ରାଜ୍ୟପାଳ ଭଗତ ସିଂହ କୋଶିୟାରୀ ଓ ଲଦାଖର ଉପ ରାଜ୍ୟପାଳ ରାଧାକୃଷ୍ଣ ମାଥୁରଙ୍କ ଇସ୍ତଫା ପତ୍ର ସ୍ୱୀକାର କରିବା ସହ ୧୩ ରାଜ୍ୟର ନୂଆ ରାଜ୍ୟପାଳ ମାନଙ୍କୁ ନିଯୁକ୍ତି ଦେଇଛନ୍ତି । ରାଷ୍ଟ୍ରପତି ଭବନ ପକ୍ଷରୁ ଜାରୀ କରାଯାଇଥିବା ବିଜ୍ଞପ୍ତିରେ ଏହି ସୂଚନା ଦିଆଯାଇଛି । ଏହି ବିଜ୍ଞପ୍ତି



ଅନୁସାରେ ରାଷ୍ଟ୍ରପତି ମହାରାଷ୍ଟ୍ରର ରାଜ୍ୟପାଳ ଭଗତ ସିଂହ କୋଶିୟାରୀ ଓ ଲଦାଖର ଉପ ରାଜ୍ୟପାଳ ରାଧାକୃଷ୍ଣ ମାଥୁରଙ୍କ ଇସ୍ତଫା ପତ୍ର ସ୍ୱୀକାର କରି ନେଇଛନ୍ତି । ଝାଡ଼ଖଣ୍ଡର ରାଜ୍ୟପାଳ ଦାୟିତ୍ୱରେ ଥିବା ରମେଶ ବୈଁସଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ସିପି ରାଧାକୃଷ୍ଣନଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଲେଫ୍ଟିନେଂଟ ଜେନେରାଲ କୈବଲ୍ୟ ତ୍ରିବିକ୍ରମ ପରନାଏକଙ୍କୁ ଅରୁଣାଚଳ ପ୍ରଦେଶର

▶▶ପୃଷ୍ଠା ୭

## ଗୋଟିଏ ପରିବାରର ୩ ଜଣଙ୍କ ସନ୍ଦେହଜନକ ମୃତ୍ୟୁ

କୋରାପୁଟ,୧୨/୦୨ (ନି.ପ୍ର): କୋରାପୁଟ ଜିଲ୍ଲା ତୋୟାପୁଟରେ ଅଭାବନୀୟ ଘଟଣା ଘଟିଛି। ଘର ଭିତରୁ ଗୋଟାଏ ପରିବାର ୩ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକମାନେ ସମ୍ପର୍କରେ ସ୍ୱାମୀ, ସ୍ତ୍ରୀ ଓ ତାଙ୍କ ଛୋଟ ଝିଅ। ସେମାନେ ହେଲେ ତୋୟାପୁଟର ଲିଙ୍ଗା ବିଷୋଇ, ତାଙ୍କ ସ୍ତ୍ରୀ ଓ ୪ ବର୍ଷର ଝିଅ। ଆଜି ସନ୍ଧ୍ୟା ପ୍ରାୟ ୭ଟା ବେଳେ ଘଟଣା ଘଟିଥିବା ସୂଚନା ମିଳିଛି। ଲିଙ୍ଗାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିବା ବେଳେ ତାଙ୍କ ସ୍ତ୍ରୀର ମୃତଦେହ ସୋଫାରେ ପଡିଥିବା ଓ ଛୁଆର ମୃତଦେହ ସୋଫା ତଳୁ ଉଦ୍ଧାର ହୋଇଛି। ଘଟଣାକୁ ନେଇ ଏହି ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ଲକ୍ଷ୍ମୀପୁର ପୁଲିସ ପହଂଚି ତଦନ୍ତ କରୁଛି। ପାରିବାରିକ ଅଶାନ୍ତି ଓ ଆର୍ଥିକ ଅନଟନ ଯୋଗୁ ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଅଲୋଚନା ହେଉଛି।

## ୨୪ ପୂର୍ବରୁ ଆନ୍ଦୋଳନ ମୁଡ୍‌ରେ ବିଜେଡି ଓ ବିଜେପି

ଭୁବନେଶ୍ୱର,୧୨/୦୨ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ କିଏ ଜିତିବ ଭୋଟରଙ୍କ ମନ, ସେ ନେଇ କଶରତ ଆରମ୍ଭ କରିଛନ୍ତି ଶାସକ ବିଜେଡି ଓ ମୁଖ୍ୟବିରୋଧୀ ଦଳ ବିଜେପି । ବିଶେଷକରି ଗାଁ ଭୋଟରଙ୍କୁ ଦୃଷ୍ଟିରେ ରଖି ରଣନୀତି ପ୍ରସ୍ତୁତ କରୁଛନ୍ତି ଦୁଇଦଳ । ଚଳିତ ସପ୍ତାହରେ ରାଜରାସ୍ତାରେ ମୁହାଁମୁହିଁ ହେବେ ବିଜେଡି ଓ ବିଜେପି । ବିଜେଡି କେନ୍ଦ୍ର ଦେଉଥିବା ୫ କେଜି ଚାଉଳ ବନ୍ଦ କରିବା ପ୍ରସଙ୍ଗକୁ ନେଇ ଲୋକଙ୍କ ପାଖକୁ ଯିବ । ଏଥିପାଇଁ ଆସନ୍ତା ୧୫ ଓ ୧୬ ତାରିଖରେ




ପଂଚାୟତ ଓ ଜିଲ୍ଲାସ୍ତରରେ ଆନ୍ଦୋଳନ କରିବ । ଆଉ ବିଜେଡିକୁ କାଉଂଟର କରିବ ବିଜେପିର ଆନ୍ଦୋଳନ । ଆଇନଶୃଙ୍ଖଳା ପରିସ୍ଥିତି ନେଇ ଦଳ ୧୪, ୧୫ ଓ ୧୬ ତାରିଖରେ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତି ନେଇଛି । ବିଜେପିର ଅଭିଯୋଗ ହେଲା,

▶▶ପୃଷ୍ଠା ୭

## କେନ୍ଦୁଝର ଧରଣୀଧର ମହାବିଦ୍ୟାଳୟକୁ ମିଳିଲା ବିଶ୍ୱବିଦ୍ୟାଳୟର ମାନ୍ୟତା

ଭୁବନେଶ୍ୱର,୧୨/୦୨ (ନି.ପ୍ର): କେନ୍ଦୁଝର ଧରଣୀଧର ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଛି । । ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ଜାରି ହୋଇଛି। ଉଲ୍ଲେଖନୀୟ ଯେ ସୋମବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦୁଝର ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତ ସମୟରେ ସେ କେନ୍ଦୁଝରବାସୀଙ୍କୁ ପ୍ରାୟ ୪୭୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଭେଟିଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୧୩ ତାରିଖ ପୂର୍ବାହ୍ଣ ୧୧ଟା ୧୫ ମିନିଟରେ କେନ୍ଦୁଝରରେ ପହଞ୍ଚିବେ। ୧୧ଟା ୨୦ରେ ସେ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲକୁ ଉଦ୍‌ଘାଟନ କରିବେ। ସେଠାରେ ଛାତ୍ରଛାତ୍ରୀଙ୍କ ସହିତ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ମେଡିକାଲ କଲେଜକୁ ଉଦ୍‌ଘାଟନ କରିବା ପରେ ସାଧାରଣ ସଭାରେ ଯୋଗଦାନ କରିବେ। ସେଠାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିବେ ବୋଲି ସୂଚନା ରହିଛି ।

## ଗୋପାଳକୁ ଅଣାଯିବ ଝାରସୁଗୁଡା : କରାଯିବ କୋର୍ଟରେ ହାଜର

ଭୁବନେଶ୍ୱର,୧୨/୦୨ (ନି.ପ୍ର): ସରିଲା ଗୋପାଳର ନାର୍କୋ ଟେଷ୍ଟ । ଆଜି ଓଡ଼ିଶା ଫେରିବ ଗୋପାଳ । ବିମାନ ଯୋଗେ ଗୋପାଳକୁ ଝାରସୁଗୁଡ଼ା ଅଣାଯିବ । ଆସନ୍ତାକାଲି ତାଙ୍କୁ ଝାରସୁଗୁଡା କୋର୍ଟରେ ହଜାର କରାଯିବ । ଗୁଜରାଟ ଗାନ୍ଧୀନଗର ଡିଏଫଏସରେ ଗୋପାଳର ପଲିଗ୍ରାଫ ଟେଷ୍ଟ ଓ ଦୁଇ ଦିନ ଧରି ନାର୍କୋ ଟେଷ୍ଟ କରାଯାଇଥିଲା । ନାର୍କୋ ଟେଷ୍ଟ ରିପୋର୍ଟ ଝାରସୁଗୁଡ଼ା କୋର୍ଟରେ ଦାଖଲ କରାଯିବ । ଗୋପାଳ ନାର୍କୋ ଟେଷ୍ଟ ବେଳେ



କେତେ ସତ କହିଲା ଓ ନବ ଦାସଙ୍କ ହତ୍ୟା ସମ୍ପର୍କରେ କ'ଣ କାରଣ କହିଲା ତାହା ଜଣାପଡ଼ିନାହିଁ । ନାର୍କୋ ଟେଷ୍ଟ ହେବା ପୂର୍ବରୁ ଏକ ୫ ଜଣିଆ ଡାକ୍ତରୀ ଟିମ୍ ଗୋପାଳର ରକ୍ତଚାପ, ଶର୍କରା ଆଦି ପରୀକ୍ଷା କରିଥିଲେ । ଏହା ପରେ ତାଙ୍କୁ ଅର୍ଦ୍ଧ ଚେତନ କରାଇବା ପାଇଁ ଇଞ୍ଜେକସନ୍ ଦିଆଯାଇଥିଲା । ନାର୍କୋ ଟେଷ୍ଟ କରିଥିବା ଟିମ୍ କ୍ରାଇମବ୍ରାଞ୍ଚ ଠାରୁ ଏକ ପ୍ରଶ୍ନ ତାଲିକା ନେଇଥିଲେ । ଏହି ତାଲିକା ସହ ଆଉ କିଛି ପ୍ରଶ୍ନ ମିଶାଇ ଗୋପାଳକୁ ପଚରାଯାଇଥିଲା । ଅର୍ଦ୍ଧଚେତନ ବସ୍ଥାରେ ଥିବା ଗୋପାଳର ସଂପୂର୍ଣ୍ଣ ଚେତା କାଲି ବିଳମ୍ବିତ ରାତିରେ ଫେରିଛି । ରାତ୍ରୀ ଭୋଜନ ପରେ ବିଶ୍ରାମ ନେଇଥିବା ମଧ୍ୟ ଜଣାପଡ଼ିଛି ।

## ପୁଣି ଅଶାନ୍ତ ବାଣୀବିହାର କ୍ୟାମ୍ପସ୍

ଭୁବନେଶ୍ୱର,୧୨/୦୨ (ନି.ପ୍ର): ପୁଣି ଅଶାନ୍ତ ବାଣୀବିହାର, ଉତ୍କଳ ବିଶ୍ୱବିଦ୍ୟାଳୟରେ ଦେଖିବାକୁ ମିଳିଲା ଜେଏନୟୁ ତାତି । ରବିବାର ଉତ୍କଳ ବିଶ୍ୱବିଦ୍ୟାଳୟରେ ଏକ ଆଲୋଚନା ଚକ୍ର ଚାଲିଥିବାବେଳେ ସେଠାରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା । ତେବେ ଜେଏନୟୁରୁ ଆସିଥିବା ପ୍ରଫେସରଙ୍କ ଉପରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଜେଏନୟୁର ଅର୍ଥନୀତି ବିଭାଗର ପ୍ରଫେସର ସୁରଜିତ୍ ମଜୁମଦାର ଏହି ସେମିନାରରେ ଯୋଗ ଦେବାକୁ ଆସିଥିଲେ, ଭାରତୀୟ ସମ୍ବିଧାନ ଉପରେ ସେଠାରେ ସେମିନାର ଆୟୋଜିତ ହୋଇଥିଲା । ଏହି ସମୟରେ କିଛି ଛାତ୍ର ସେଠାକୁ ଆସି ସେମିନାର ବନ୍ଦ କରିବାକୁ କହିବା ସହ ଯୁକ୍ତିତର୍କ କରିବାରୁ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା । ତେବେ କିଛି ଛାତ୍ର ଅତିଥିଙ୍କୁ ଆକ୍ରମଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି ।

## ମୁଖ୍ୟ ଶାସନ ସଚିବଙ୍କ ଦୁଇଦିନିଆ ବାଲେଶ୍ୱର ଗସ୍ତ

ବାଲେଶ୍ୱର, ୧୨/୦୨ (ନି.ପ୍ର): ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଦୁଇଦିନିଆ ବାଲେଶ୍ୱର ଗସ୍ତରେ ଆସି ଜିଲାର ବିଭିନ୍ନ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ଲୋକାଭିମୁଖୀ ପ୍ରକଳ୍ପ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ଗତକାଲି ସେ ସିମୁଳିଆ ବ୍ଲକ ମଇତାପୁରରେ ଏସଏଚଜି ମହିଳାଙ୍କ ଦ୍ୱାରା ଚାଷ କରାଯାଇଥିବା ସୋରିଷ କ୍ଷେତ ବୁଲି ଦେଖିବା ସହ ତେଲ ପେଡ଼ା, ମସଲା ପ୍ରସ୍ତୁତ, ମୁଢ଼ି ତିଆରି ଓ ଛୋଟ ଧାନକଳ ଏସଏଚଜି ମହିଳାଙ୍କୁ ପ୍ରଦାନ କରିଥିଲେ। ରବିବାର ଚାନ୍ଦିପୁର ବେଳାଭୂମି ଉନ୍ନତିକରଣ ପ୍ରକଳ୍ପ ବୁଲି ଦେଖିବା ସହିତ କାର୍ଯ୍ୟର ଗୁଣବତ୍ତା ରକ୍ଷା ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବିଶେଷ କରି ନିର୍ମାଣଧୀନ ମେରାଇନ ଡ୍ରାଇଭର ଲମ୍ବ ବୃଦ୍ଧି ଓ ଏକାଧିକ ପ୍ରବେଶ ପଥ ରଖିବାକୁ ମୁଖ୍ୟ



ଶାସନ ସଚିବ ଶ୍ରୀ ମହାପାତ୍ର ଜିଲାପାଳଙ୍କ ସମେତ ପର୍ଯ୍ୟଟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ପ୍ରତି ଏଣ୍ଟ୍ରି ପଏଣ୍ଟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବଜାର ବ୍ୟବସ୍ଥା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ଏନେଇ ସେ ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା ବି କରିଥିଲେ। ପରେ ସେ ଏଫଏମ ମେଡିକାଲ କଲେଜର ନିର୍ମାଣଧୀନ ଡାକ୍ତରଖାନା ବୁଲି ଦେଖିଥିଲେ। ଏହାପରେ ସେ ତାଳସାରୀ ମେଳାଭୂମି ଉନ୍ନତୀକରଣ ପ୍ରକଳ୍ପ କାର୍ଯ୍ୟ, ଭୋଗରାଇ ଶଙ୍ଖାରୀ ସ୍ଥିତ ମନୋଜ ଦାସଙ୍କ ସ୍ମୃତିପୀଠ ବିକାଶ କାର୍ଯ୍ୟ, ବିଚିତ୍ରପୁର ଜେଟି ଓ ଇକୋ ଟୁରିଜିମ କ୍ଷେତ୍ର ବୁଲି ଦେଖିଥିଲେ। ଏହି ଅବସରରେ ପାୱାର ବୋଟରେ ସେ ସୁବର୍ଣ୍ଣରେଖା ମୁହାଣ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ଫେରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ବାଲେଶ୍ୱର ସହର ଉପକଣ୍ଠ ନୁଣିଆ ଯୋଡ଼ିଠାରେ ନିର୍ମାଣଧୀନ ରିଭର ଫଣ୍ଟ ଗାର୍ଡ଼େନ ବୁଲି ଦେଖିଥିଲେ। ତେବେ ସମୟ ଅଭାବରୁ ସ୍ଥିରୀକୃତ ସାମ୍ବାଦିକ ସମ୍ମିଳନୀ କାର୍ଯ୍ୟକ୍ରମକୁ ସେ ବାତିଲ କରିଥିଲେ। ତେବେ ମୁଖ୍ୟ ଶାସନ ସଚିବଙ୍କର ଏହି ଗସ୍ତକାଳରେ ତାଙ୍କ ସହ ଜିଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, ଏସପି ସାଗରିକା ନାଥ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ସାହୁ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ସୁଚାରୁ ବଳ (ରାଜସ୍ୱ), ଉପ-ଜିଲାପାଳ କୁନାଲ ମୋତିରାମ ଚୌହାନ, ଆଏଏସ ପ୍ରବେଶନର କିରଣ ଦୀପ କୌର, ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଭାସ ପ୍ରଧାନ, ପର୍ଯ୍ୟଟନ ଅତିରିକ୍ତ ନିର୍ଦ୍ଦେଶକ ଗଗନ ସାହୁ, ଜିଲା ସଂସ୍କୃତି ଅଧିକାରୀ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦଶମ ବୋର୍ଡର ସମସ୍ତ ପ୍ରସ୍ତୁତି ସରିଛି : ସମୀର ରଂଜନ



ଭୁବନେଶ୍ୱର,୧୨/୦୨ (ନି.ପ୍ର): ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଦଶମ ପରୀକ୍ଷା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଛି । ସାମ୍ବାଦିକ ମାନଙ୍କ ସହ ଆଲୋଚନା ବେଳେ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଯେଉଁ ପରୀକ୍ଷା କେନ୍ଦ୍ରରେ ସମେଟିଭ -୧ ପରୀକ୍ଷା ହୋଇଥିଲା ସେହି କେନ୍ଦ୍ରରେ ହିଁ ଏହି ପରୀକ୍ଷା ହେବ । ଖୁମ କମ ଓ ଅଳ୍ପ କିଛି ସ୍କୁଲର ପରୀକ୍ଷା କେନ୍ଦ୍ର ବଦଳିଛି । ବୋର୍ଡ ଏହି ପରୀକ୍ଷାକୁ ସୁରୁଖୁରରେ କରାଇବାକୁ ସମସ୍ତ ପ୍ରସ୍ତୁତି କରିଥିବା ସେ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଦଶମ ବୋର୍ଡ ପରୀକ୍ଷା ଦେବାକୁ ଥିବା ପିଲା ମାନେ ଆଦୌ ବ୍ୟସ୍ତ ବିବ୍ରତ ହୁଅନ୍ତୁ ନାହିଁ । ସେମାନେ ଆତ୍ମ ବିଶ୍ୱାସର ସହ ଏହି ପରୀକ୍ଷା ଦିଅନ୍ତୁ । ସେମାନେ ପରୀକ୍ଷାରେ ନମ୍ବର କଥା ଚିନ୍ତା କରନ୍ତୁ ନାହିଁ, କାରଣ ଏହା ସେମାନଙ୍କ ଜୀବନର ଶେଷ ପରୀ କ୍ଷା ନୁହେଁ ।

# ଚମ୍ପୁଆ ଏନଏସିରେ ନିମ୍ନମାନର ସ୍ପିଡ଼ ବ୍ରେକର କାମ : ସପ୍ତାହେ ନ ପୂରୁଣୁ ଉଠିଯାଉଛି କଂଟା, ଛାଡିଯାଉଛି ଅଠା

ଚମ୍ପୁଆ, ୧୨/୦୨ (ନି.ପ୍ର): ଉପାନ୍ତ ଚମ୍ପୁଆ ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବାବେଳେ ଏଠି ଲୋକମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଠକେଇର ଶିକାର ହେଉଥିବା ନଜିର ରହିଛି । ଠିକ ସେହିପରି ଏବେ ଖୋଦ ଏନଏସି ପକ୍ଷରୁ ଏପରି ଏକ ମାମଲା ସାମ୍ନାକୁ ଆସିଛି । ଚମ୍ପୁଆ ଏନଏସିର ବିଭିନ୍ନ ସ୍ଥାନରେ ଏକ ସପ୍ତାହ ତଳେ ନିର୍ମାଣ କରାଯାଇଥିବା ସ୍ପିଡ଼ ବ୍ରେକର କାମ ଅତି ନିମ୍ନ ମାନର ହୋଇଥିବା ବେଳେ ଏ କାମ କିଏ କରିଛି, କେତେ ଅନୁଦାନର କାର୍ଯ୍ୟ, ତାହାର ଖୋଜ ଖବର କାହାରି ପାଖରେ ନାହିଁ । ଖୋଦ ବିଭାଗୀୟ ଅଧିକାରୀ ଏ ସମ୍ପର୍କରେ କୌଣସି ସୂଚନା ଦେଇପାରୁ ନଥିବା ବେଳେ ଏକ ସପ୍ତାହ ତଳେ କରାଯାଇଥିବା କାମ ଏବେ ଭାଙ୍ଗିବାକୁ ବସିଲାଣି । ନିମ୍ନମାନର କାମ ପାଇଁ ସ୍ପିଡ଼ ବ୍ରେକରରୁ କଣ୍ଟା ଉଠି ଯାଉଥିବାବେଳେ ଏହାର ସ୍ଥାୟୀତ୍ୱ ପାଇଁ ଲଗାଯାଇଥିବା ଅଠା ମଧ୍ୟ ଛାଡି ଯାଉଛି । ବ୍ରେକରରୁ କଣ୍ଟାଗୁଡିକ ବାହାରି ଯାଉଥିବାରୁ ରାସ୍ତାରେ ଯାଉଥିବା ଗାଡି ଗୁଡିକ କ୍ଷତିଗ୍ରସ୍ତ ହେଉଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ସୂଚନା ଅନୁଯାୟୀ, ଗତ କିଛି ସପ୍ତାହ ତଳୁ ଚମ୍ପୁଆ ଏନଏସିର ୧୩ ଟି ଯାକ ୱାର୍ଡର ରାସ୍ତା ଗୁଡିକରେ ଏନଏସି ପକ୍ଷରୁ ସ୍ପିଡ଼ ବ୍ରେକର କାମ କରାଯାଇଥିଲା । କିନ୍ତୁ, କେତେ ଅନୁଦାନର କାମ, କିଏ କାମ କରୁଛି ଏ ସମ୍ପର୍କରେ ଖୋଦ ବିଭାଗୀୟ ଅଧିକାରୀ କାହାରିକି କୌଣସି ସୂଚନା ଦେଉ ନ ଥିବାବେଳେ ବାହାର ରାଜ୍ୟର କୌଣସି ଏକ ଠିକାଦାର ଏ କାମ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି । ତେବେ ଏହି ସ୍ପିଡ଼ ବ୍ରେକର କାମ ଏତେ ନିମ୍ନମାନର ହୋଇଛି ଯେ ସପ୍ତାହେ ନ ପୂରୁଣୁ କଂଟା ଓ ଅଠା ଉଠିଯାଉଥିବାରୁ କାମର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏ ସମ୍ପର୍କରେ ଚମ୍ପୁଆ ଏନଏସି ସହକାରୀ ଯନ୍ତ୍ରୀ ସୁଧାକର ଦାସଙ୍କୁ ପଚାରିବାରୁ, କାମ କେତେ ଅନୁଦାନର, କିଏ କରୁଛି ମୁଁ କହି ପାରିବି ନାହିଁ, ମିଶ୍ର ବାବୁଙ୍କୁ ପଚାରନ୍ତୁ ବୋଲି କହିଥିବା ବେଳେ ବିଭାଗୀୟ ବରିଷ୍ଠ କିରାଣୀ ବିଜୟ କୁମାର ମିଶ୍ରଙ୍କୁ ପଚାରିବାରୁ କାମ ସମ୍ପର୍କରେ ମୋ ପାଖରେ କୌଣସି ଖବର ନାହିଁ ବୋଲି କହିଥିଲେ । ଏନଏସି ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କୁ ପଚାରିବାରୁ, ମହତାବ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ସ୍ପିଡ଼ ବ୍ରେକର ଗୁଡିକ ଉଠି ଯାଉଥିବା ଖବର ମୁଁ ପାଇଛି, ତେବେ ସେଠାରେ ଲଗାଯିବାର ଯୋଜନା ନ ଥିଲା, ଆମର ଅନୁରୋଧରେ ଲଗାଇ ଦିଆଯାଇଛି, ଖୁବ ଶୀଘ୍ର ଏହାର ମରାମତି କରାଯିବ ବୋଲି ସଫେଇ ଦେଇଥିଲେ ହେଁ କେଉଁ ଯୋଜନାରୁ କେତେ ଅନୁଦାନର ଓ ଏହି ସ୍ପିଡ଼ ବ୍ରେକର କାମ କିଏ କରୁଛି ସେ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦେବାକୁ ଆବଶ୍ୟକ ମଣୁ ନ ଥିବାରୁ ଏହି ବିଭାଗର କାର୍ଯ୍ୟକୁ ନେଇ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେବେ ପୂର୍ବରୁ ମଧ ଚମ୍ପୁଆ ଏନଏସି ପକ୍ଷରୁ ଅନେକ କାର୍ଯ୍ୟର କୌଣସି ସୂଚନା ଦେବାକୁ କୁଣ୍ଠାବୋଧ ପ୍ରକାଶ କରିଥିବାର ନଜିର ରହିଥିବା ବେଳେ ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି ।

# କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରିୟ ଲୋକ ଅଦାଲତରେ ୬୭୮୫ଗୋଟି ମକଦ୍ଦମାର ସମାଧାନ

କେନ୍ଦୁଝର, ୧୨/୦୨ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଜିଲା ଜଜ୍ କୋର୍ଟ ସମେତ ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ ଆନନ୍ଦପୁର, ଚମ୍ପୁଆ, ପ୍ରଥମ ଶ୍ରେଣୀ କନିଷ୍ଠ ବିଚାରପତି କୋର୍ଟ ହାଟଡିହୀ, ତେଲକୋଇ, ବଡବିଲ ଗୁଡିକରେ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ଚିତରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସମସ୍ତ କୋର୍ଟର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ରାଷ୍ଟ୍ରିୟ ଲୋକ ଅଦାଲତକୁ ଜିଲ୍ଲା କୋର୍ଟ ପରିସରରେ ସ୍ୱତନ୍ତ୍ର ବିଚାରପତି, ଦୁର୍ନୀତି ନିବାରଣ ରଶ୍ମିତା ଦଳାଇ, ପରିବାର ଅଦାଲତ ବିଚାରପତି ବିଜୟ ପାତ୍ର, ସ୍ଥାୟୀ ଲୋକ ଅଦାଲତ ବିଚାରପତି ବିଜୟ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍(ପୋକ୍ସ) ଶୁଭଶ୍ରୀ ତ୍ରିପାଠୀ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ର, ମହିଳା କୋର୍ଟ ବରିଷ୍ଠ ଦେୱାନୀ ଜଜ୍ ପତଞ୍ଜଳୀ ସାହୁ, ଉପଖଣ୍ଡୀୟ ବିଚାରପତି ଶରତ ଚନ୍ଦ୍ର ସାହୁ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ସ୍ମିତପ୍ରଜ୍ଞ ବିଶ୍ୱାଳ, ଦେବଜୟା ରଥ, ସଙ୍ଘମିତ୍ରା ଦ୍ୱିବେଦୀ ଯୋଗଦେଇ ନିଜ ନିଜ କୋର୍ଟର ମକଦ୍ଦମାକୁ ତୁଲାଇ ଥିବାବେଳେ ପ୍ରାଧିକରଣ ସଚିବ ମାମୀ ବେହେରା ସମସ୍ତ କୋର୍ଟର ପରିଚାଳନା ଦାୟିତ୍ୱ ବହନ କରି କାର୍ଯ୍ୟକ୍ରମର ତଦାରଖ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ପରିଚାଳକ ଅଚ୍ୟୁତାନନ୍ଦ ସାମନ୍ତ, ନାଜୀର ସର୍ବେଶ୍ୱର ମହାନ୍ତ, ସହଯୋଗୀ ନାଜୀର ନିର୍ମଳ ନାୟକ, ପ୍ରାଧିକରଣ ସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର, ପାନେଲ ଅଧିବକ୍ତା ତାରିଣୀ ପ୍ରସାଦ ପୋଥାଳ, ଦୁର୍ଗାପ୍ରସାଦ ମହାନ୍ତି, ସବିତା ସିଂ, ଅର୍ଚ୍ଚନା ଦାସ, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ଦେବବ୍ରତ କୁମାର ଦାସ, ମାନସ ରଞ୍ଜନ ନାୟକ, ଶିଶିର ସାହୁ, ନବକିଶୋର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ । ରାଷ୍ଟ୍ରିୟ ଲୋକ ଅଦାଲତରେ ଅନୁଷ୍ଠିତ ବିଭିନ୍ନ କୋର୍ଟରେ ଯେଉଁ ଯେଉଁ ମକଦ୍ଦମା ସମାଧାନ ହୋଇଥିଲା ଓ ଜୋରିମାନା ଆଦାୟ ହାଇଥିଲା ତାହା ହେଉଛି , ପ୍ରାକ୍ ମକଦ୍ଦମା ୧୫୭ ଗୋଟି ରୁ ୧ କୋଟି ୫ ଲକ୍ଷ ୬୮ ହଜାର ୫୨୯ ଟଙ୍କା, ସ୍ଥାୟୀ ଲୋକ ଅଦାଲତର ଜନ ଉପଯୋଗୀତା ମକଦ୍ଦମା ୪୧ ଗୋଟି, ଟେଲିଫୋନ୍ (ବିଏସ୍ଏନ୍ଏଲ) ୩୨ ଗୋଟିରୁ ୩୫ ହଜାର ୭୬୯ ଟଙ୍କା, ମଟର ଯାନ ଦୁର୍ଘଟଣାଜନିତ କ୍ଷତିପୂରଣ ୪୩ଟି ରୁ ୨କୋଟି ୮୨ ଲକ୍ଷ ୪୫ ହଜାର ଟଙ୍କା, ପରିବାର ଅଦାଲତର ୯ଟି ସମାଧାନ, ଦେୱାନୀ ମକଦ୍ଦମା ସମାଧାନ ୮୩ଟିର ୫କୋଟି ୪୬ଲକ୍ଷ ୩୫ହଜାର ୭୩୮ ଟଙ୍କା, ଫୌଜଦାରୀ ମକଦ୍ଦମା ୧୧୭ଟିର ୭୭ଲକ୍ଷ ୫୨ହଜାର ୩୨୨ ଟଙ୍କା, ତହସିଲ ରାଜସ୍ୱ ୬୩୦୩ ଟି ମକଦ୍ଦମାର ୩୨ଲକ୍ଷ ୫୮ ହଜାର ୪୨୬ ଟଙ୍କା ଆଦାୟ ହୋଇଥିଲା । ରାଷ୍ଟ୍ରିୟ ଲୋକ ଅଦାଲତ ମାଧ୍ୟମରେ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଇଥାଏ ଫଳରେ ଦେଶରୁ ମକଦ୍ଦମା ହ୍ରାସ ଦିଗରେ ରାଷ୍ଟ୍ରିୟ ଲୋକ ଅଦାଲତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ବୋଲି ସଚିବ ମାମୀ ବେହେରା କହିଥିଲେ ।

# ଫାର୍ମ ହାଉସରେ ନିଆଁ ଲଗାଇଦେଲେ ଦୂର୍ବୃର୍ତ: ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଓ ଗଛ ଜଳିଗଲା

କୋରେଇ, ୧୨/୦୨ (ନି.ପ୍ର): ପାଣିକୋଇଲି ପଂଚାୟତ ଅନ୍ତର୍ଗତ ମଣିପୁର ଗ୍ରାମରେ ଥିବା ଏକ ଫାର୍ମ ହାଉସରେ କେହି ନଥିବାର ସୁଯୋଗ ନେଇ ନିଆଁ ଲଗାଇଦେବା ଯୋଗୁ ୨୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ସାମଗ୍ରୀ ଓ ଗଛ ପୋଡି ଯାଇଥିବା ବେଳେ ଏନେଇ ଥାନାରେ ଅଭିଯୋଗ ହୋଇଛି । ପ୍ରକାଶଯେ ମଣିପୁର ଗ୍ରାମର ଅଙ୍କୁର ଚରଣ ପଣ୍ଡା ମଣିପୁର ମୌଜାର ୮ଏକର ପରିମିତ ଅଂଚଳରେ ମା ତାରିଣୀ ଫାର୍ମ ହାଉସ କରିଛନ୍ତି । ୨୦୧୬/୧୭ ମସିହାରେ ଉଦ୍ୟାନ ବିଭାଗ ସହାୟତରେ ମନେରେଗା ଯୋଜନାରେ ସେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ । ଏହି ପାର୍ମ ହାଉସରେ ୩ ଏକର ପରିମିତ ଅଂଚଳରେ ପୋଖରୀ ଖୋଳି ମାଛ ଚାଷ କରୁଥିବା ବେଳେ ଅନ୍ୟ ୫ ଏକରରେ ଆମ୍ବ, ନଡିଆ, ପିଜୁଳି, ତେଜପତ୍ର, କଦଳୀ, ଅଳାଁ, କୋଳି ଆଦି ଗଛ ଲଗାଇଛନ୍ତି । ବହୁମୁଖି କୃଷି ଉଦ୍ୟୋଗ କରି ଶ୍ରୀ ପଣ୍ଡା ପଂଚାୟତରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ବହୁବାର ସରକାରୀ ଓ ବେସରକାରୀ କ୍ଷେତ୍ରରେ ପୁରସ୍କୃତ ହୋଇଛନ୍ତି । ଏଥି ସହିତ ୫ଏକର ଜମିରେ ବୁନ୍ଦା ଜଳସେଚନ ବ୍ୟବସ୍ଥା କରିବା ସହ ଫସଲ ସଂରକ୍ଷିତ ରଖିବା ପାଇଁ ଏକ କ୍ଷୁଦ୍ର ଶୀତଳ ଭଣ୍ଡାର ନିର୍ମାଣ କରିଛନ୍ତି । ଶ୍ରୀ ପଣ୍ଡାଙ୍କ ନାତି ବ୍ରତଘର ଯୋଗୁ ସେଠାରେ କେହିନଥିଲେ । ଏହାର ସୁଯୋଗରେ କେହି ଦୂର୍ବୃର୍ତ ଫାର୍ମ ହାଉସରେ ନିଆଁ ଲଗାଇଦେଇଥିଲା । ଫଳରେ ସମସ୍ତ ୨ଲକ୍ଷ ଟଙ୍କାରୁ ଉର୍ଦ୍ଧ ବୁନ୍ଦା ଜଳସେଚନ ପାଇପ ସହ ୫ଲକ୍ଷ ଟଙ୍କାର ଶୀତଳ ଭଣ୍ଡାର କୁଲ ପପାୱାର ମେସିନଟି ସମ୍ପୂର୍ଣ୍ଣ ପୋଡି ଯାଇଛି । ଏଥି ସହିତ ଆମ୍ବ, ପିଜୁଳି, ତେଜପତ୍ର ଶତାଧିକ ଗଛ ପୋଡି ଯାଇଛି । ଯାହାର ସମସ୍ତ ଆନୁମାନିକ ମୂଲ୍ୟ ୨୦ ଲକ୍ଷଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଉଛି । ଏନେଇ ଶ୍ରୀ ପଣ୍ଡା ଜାଣିବା ପରେ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ସବୁଜ ସୁନ୍ଦର ଫାର୍ମ ହାଉସକୁ ଶ୍ରୀହୀନ କରିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଶ୍ରୀ ପଣ୍ଡା । ତୁରନ୍ତ ଅଭିଯୁକ୍ତଙ୍କୁ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

# ଜୁନିୟର ରେଡ଼କ୍ରସ୍ ପରାମର୍ଶଦାତାମାନଙ୍କ ତ୍ରିଦିବସୀୟ ତାଲିମ ଶିବିର ଉଦ୍ଯାପିତ

ବଲାଙ୍ଗୀର, ୧୨/୦୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ ଆଠଗାଁ ହାଇସ୍କୁଲ ଠାରେ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ୍ ପରାମର୍ଶଦାତାମାନଙ୍କ ତ୍ରିଦିବସୀୟ ତାଲିମ ଶିବିର ଉଦ୍ଯାପିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ଧ୍ରୁବ ଚରଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନ ତଥା ଜୁନିୟର ରେଡକ୍ରସ୍ ସଂପାଦକ ଅନ୍ତର୍ଯ୍ୟାମି ବିଶ୍ୱାଲ ଓ ଜୁନିୟର ରେଡକ୍ରସ୍ ଅଫିସର ସୁବାଷ ପଟେଲ ସଂଯୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲିପ କୁମାର ଯୋଷୀ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପୁଇଁନ୍ତଲା ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ଅନ୍ୟ ଅତିଥି ଭାବରେ ପର୍ଯ୍ୟବେକ୍ଷକ ଭାବରେ ଛତାମଖନା ହାଇସ୍କୁଲର ପ୍ରଧାନ ଶିକ୍ଷକ ନୀଳମଣି ପଟେଲ, କୁରୁଲ ହାଇସ୍କୁଲର କାର୍ଯ୍ୟରତ ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଦିଗାମ୍ବର ନାଏକ, ପ୍ରକୃତି ବନ୍ଧୁ ଶିକ୍ଷକ ଆନନ୍ଦ ବଡ଼ପଣ୍ଡା, ପୂର୍ବତନ ସରପଂଚ ବବିତା ପଟେଲ ପ୍ରମୁଖ ଯୋଗ ଦେଇଥିଲେ । ସକାଳୁ ସର୍ବ ଧର୍ମ ପ୍ରାର୍ଥନାରୁ ଆରମ୍ଭ ହୋଇ ପ୍ରକଳ୍ପ କାର୍ଯ୍ୟରେ ସମାପିତ ହୋଇଥିଲା । ପ୍ରକଳ୍ପ କାର୍ଯ୍ୟରେ ଗ୍ରାମରେ ଶୋଭାଯାତ୍ରା କରାଯାଇ ନିଶା ନିବାରଣ, ରକ୍ତଦାନ, ସଡକ ସୁରକ୍ଷା, ବୃକ୍ଷ ରୋପଣ ତଥା ରେଡକ୍ରସ୍ ଭୂମିକାକୁ ନେଇ ଗ୍ରାମବାସୀମାନଙ୍କୁ ସଚେତନ କରାଯାଇଥିଲା । ବିଦ୍ୟାଳୟର ଜୁନିୟର ଓ କାଉନସିଲରମାନେ ଗୀତ, ନୃତ୍ୟ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଶିଶୁ କଳାକାର ସ୍ୱାଗତ ନାଏକ, ଛାତ୍ରୀ ସୃତି ପଟେଲ, ଚନ୍ଦ୍ରିକା ମାଝି, ସୁନିତା ନାଗ, ନମିତା ରାଉତ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ପ୍ରଥମାର୍ଦ୍ଧରେ ଓଡ୍ରାଫ ଟିମ୍‌ର ଅସୀତ ସାହୁ, ଦୟାନିଧି କୁମ୍ଭାର, ବିଦ୍ୟା ଭୋଇ, ସୁଧାଂଶୁ ଶେଖର ସାଏ, ଯୁଗଲ ବଗର୍ତି, ଅଭୟ ବାଗ, ପିଣ୍ଟୁ ଥନାପତି ବିପତି ଏବଂ ବିପର୍ଯ୍ୟୟ ବିଷୟରେ ଅବଗତ କରାଇଥିଲେ । ଦ୍ୱିତୀୟ ଅଧିବେଶନରେ ମହିମୁଣ୍ଡା ଅଗ୍ନିଶମ ବାହିନୀର କର୍ମଚାରୀ ପଂଚାନନ ବେହେରା, ଦେବବ୍ରତ ପ୍ରଧାନ ତଥା ଅନ୍ୟ କର୍ମଚାରୀମାନେ ନିଆଁ ଲିଭାଇବା ବିଷୟରେ ଡେମୋଷ୍ଟ୍ରେସନ ମାଧ୍ୟମରେ ଅବଗତ କରିଥିଲେ । ତୃତୀୟ ଅଧିବେଶନ ସୋନପୁର ଜିଲ୍ଲା ଜୁନିୟର ରେଡକ୍ରସ୍ ଅଫିସର ରବି ଚନ୍ଦ୍ର ପଶାୟତ ଉତମ କାଉନସିଲରର ଗୁଣାବଳି ବିଷୟରେ ଓ ସାଧନ କର୍ମୀ ଦିଲିପ କୁମାର ଧଳ ଜଳବାୟୁ ପରିବର୍ତନ ବିଷୟରେ ଶିକ୍ଷଣ କାର୍ଯ୍ୟ ସଂପାଦନ କରିଥିଲେ । ତୁର୍କୀ ଓ ସିରିଆ ଭୂମିକମ୍ପରେ ପ୍ରାଣ ହରାଇଥିବା ଶୋକ ସନ୍ତପ୍ତ ପରିବାର ନିମନ୍ତେ ଶିବିରାର୍ଥି ଓ ଶିକ୍ଷାର୍ଥୀଗଣ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ । ଏହି ଅବସରରେ ୩୦ ଜଣ କାଉନସିଲରମାନଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ତାଲିମଦାତା ଭାବରେ ହେମନ୍ତ ପଧାନ, ରବିନ୍ଦ୍ର ଠେଟୁଆଲ, ରଶ୍ମିରାଣୀ ଦାଶ, ଘନଶ୍ୟାମ ମେହେର, ରାମ ନାରାୟଣ ଦାଶ ପ୍ରମୁଖ କାର୍ଯ୍ୟ ତୁଲାଇଥିଲେ । କାର୍ଯ୍ୟକ୍ରମକୁ ପୃଥ୍ୱୀରାଜ ହାଇସ୍କୁଲର ଶିକ୍ଷକ ତଥା ରାଜ୍ୟ ଜୁନିୟର ରେଡକ୍ରସ୍ ସାଧନ କର୍ମୀ ବିକାଶ ସାହୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡ଼ାସିଂହାରେ ସୁନ୍ଦରାକାଣ୍ଡ ପାରାୟଣ

ବଲାଙ୍ଗୀର, ୧୨/୦୨ (ନି.ପ୍ର): ବଲାଙ୍ଗୀର ସଦର ବ୍ଲକ କୁଡ଼ାସିଂହା ଗ୍ରାମରେ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଆନୁକୂଲ୍ୟରେ ତୁଳସୀ ରାମାୟଣର ସୁନ୍ଦରାକାଣ୍ଡ ପାରାୟଣ ହୋଇଯାଇଛି । ଶ୍ରୀ ବିଭୂଷିତ ପୂଜ୍ୟପାଦ ଶଙ୍କରାଚାର୍ଯ୍ୟ ପୁରୀ ଗୋବର୍ଦ୍ଧନ ପୀଠାଧିଶ୍ୱର ଶ୍ରୀ ଶ୍ରୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାସାସନରେ ଉପବିଷ୍ଟ ହୋଇ ଅସୀତ କୁମାର ଷଡ଼ଙ୍ଗୀ ଯୋଗଦେଇ ଶ୍ରୋତା ମଣ୍ଡଳିଙ୍କୁ ମନ୍ତ୍ରମୁଗଧ କରି ପକାଇଥିଲେ । ପାରାୟଣ କାର୍ଯ୍ୟକ୍ରମରେ କୁଡ଼ାସିହା ଓ ନୂଆପଡ଼ା ଗ୍ରାମର ଅନେକ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇ ଭଗବାନଙ୍କର ଆଶୀର୍ବାଦ ନେଇଥିଲେ ।

# ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ

ଭୁବନ, ୧୨/୦୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ଗ୍ରାମ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ର ପ୍ରଥମ ବାର୍ଷିକୋତ୍ସବ ଅଧକ୍ଷ ସୁବାଷ ଚନ୍ଦ୍ର ପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁବେଳେ ସକରାତ୍ମକ ଚିନ୍ତାଧାରା /ଭାବନା ସହିତ ଦୃଢଆତ୍ମ ବିଶ୍ୱାସ ଓ ନିଜ ଉପରେ ଭରସା ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ମତବ୍ୟକ୍ତ କରିଥିଲେ । ଢେଙ୍କାନାଳ ସାଂସଦ ମହେଶ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଦର୍ଶ ବିଦ୍ୟାଳୟର ପ୍ରତ୍ୟେକ ଛାତ୍ରଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଆଦର୍ଶ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧକ୍ଷା ସିପ୍ରା ବରାଳ, ଭୁବନ ନଗରପାଳ ଶୁଭେନ୍ଦୁ କୁମାର ସାହୁ , ଓଡିଶା ଆଦର୍ଶ ବିଦ୍ୟାଳୟ ନୋଡାଲ ପ୍ରିନସପାଲ, ଢେଙ୍କାନାଳ ପ୍ରଫୁଲ୍ଲ କୁମାର ମହାନ୍ତି , ଗୋବର୍ଦ୍ଧନ ପୀଠ ମହାସଚିବ ପଣ୍ଡିତ ମାତୃ ପ୍ରସାଦ ମିଶ୍ର ଯୋଗଦେଇଥିଲେ । ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିକ୍ଷୟିତ୍ରୀ ଶ୍ରୀମତୀ ରୀତାଞ୍ଜଳି ସାହୁ ବାର୍ଷିକ ବିବରଣୀ ମାଧ୍ୟମରେ ବିଦ୍ୟାଳୟର ସଫଳତା ଓ ଅଭାବ, ଅସୁବିଧା ସଂପର୍କରେ ଅତିଥି ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶିକ୍ଷୟିତ୍ରୀ ଶିବାନୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଦେବ ପ୍ରସାଦ ସେନ, ପ୍ରଦୀପ୍ତ କୁମାର ବେହେରା ସକ୍ରିୟ ଅଂଶଗ୍ରହଣ କରିଥିଲେ । ପ୍ରଥମ ବାର୍ଷିକ ଉତ୍ସବରେ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ସରସସୁନ୍ଦର କରିଥିଲେ ।

# ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରୀମାନଙ୍କ ବୈଠକ

ଜୟପୁର, ୧୨/୦୨ (ନି.ପ୍ର): ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନରେ ପୁରାତନ ଛାତ୍ରୀ ମାନଙ୍କ ବୈଠକ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ସକୁନ୍ତଳା ଦାଶ ଚୌଧୁରିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ବିଧାୟକ ତାରା ପ୍ରସାଦ ବାହିନିପତିଙ୍କ ତରଫରୁ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷ ବି. ସୁନିତା, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପୂର୍ବତନ ପ୍ରଧାନଶିକ୍ଷୟତ୍ରୀ କନକ ଲତା ରଥ, ଚନ୍ଦନବାଡ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା, ସ୍କୁଲ ପରିଚାଳନା କମିଟିର ସଭାପତିଙ୍କ ସହ ପୁରୁଣା ଛାତ୍ରୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡିନ ପଦ୍ମିନି ହୋତା, ପୁରୁଣା ଛାତ୍ରୀ ମୋନାଲିସା ନନ୍ଦ, ଶଶିରେଖା ମିଶ୍ର, ବିନୋଦିନି ସାନ୍ତ୍ରା, ସ୍ୱାତି ପଟ୍ଟନାୟକ, ଇଶା ପଟ୍ଟନାୟକ, ଶିକ୍ଷୟତ୍ରୀ ନଳିନି ପ୍ରଭା ସାବତ, ସଞ୍ଜୁକ୍ତା ମହାରଣା, ଗୀତାଞ୍ଜଳି ଚୌଧୁରି ଉପସ୍ଥିତ ରହି ବିଦ୍ୟାଳୟ ସମ୍ପର୍କରେ ସୂଚନା ଦେବା ସହ ବିଦ୍ୟାଳୟର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ ।

ଏହି ଅବସରରେ ନବମ ଶ୍ରେଣି ଛାତ୍ରୀ ରାଗିଣି ଲାମ୍ବାଙ୍କୁ ସମର୍ଦ୍ଧନା ଦିଆଯାଇଥିଲା । ଦିଲ୍ଲିରେ ଆରଡିସି ପ୍ୟାରେଡରେ ଭାଗ ନେଇଥିବାରୁ ଏହି ସମ୍ବର୍ଦ୍ଧନା ଦିଆଯାଇଥିଲା । ଏନସିସି ଶିକ୍ଷକ ଏନ ବି ଭାସ୍କରାମନା ଉପସ୍ଥିତ ଥିବାବେଳେ ସବିତା କୁମାରି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂସ୍କୃତ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନ, ୧୨/୦୨ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ଧଳପଡା ପଂଚାୟତ ଅନଳ ଗ୍ରାମସ୍ଥିତ ଶ୍ରୀମା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଡମ୍ବରୁଧର ସାହୁ ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଭୁବନ ବ୍ଲକ ୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଶିକ୍ଷକଙ୍କ କର୍ମମୟ ଜୀବନ ସଂପର୍କରେ ଆଲୋକପାତ କରିବା ସହ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ସମ୍ମାନୀତ ଅତିଥି ଭାବେ ବାଲିଗୋରଡ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଉପେନ୍ଦ୍ର କୁମାର ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ ନାୟକ, ପୂର୍ବତନ ଶିକ୍ଷକ ରମେଶ ଚନ୍ଦ୍ର ନାୟକ, ମଧୁସୁଦନ ଦାସ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ ।

# କଳାହାଣ୍ଡି ଜିଲ୍ଲାରେ ବିଭିନ୍ନ ମଣ୍ଡିରେ ଅବ୍ୟବସ୍ଥା : ଚାଷୀ ହଟହଟା

ଭବାନୀପାଟଣା, ୧୨/୦୨ (ନି.ପ୍ର): ଅତୀତରେ ଭୋକର ଭୂଗୋଳ ଭାବେ ପରିଚିତ କଳାହାଣ୍ଡି ଜିଲ୍ଲା ଏବେ ଭାତହାଣ୍ଡି ଭାବରେ ସ୍ୱତନ୍ତ୍ର ସୃଷ୍ଟି କରିଥିଲେ ମଧ ଜିଲ୍ଲାର ଚାଷୀଙ୍କ ଭାଗ୍ୟ ବଦଳି ନାହିଁ, କଳାହାଣ୍ଡି ଜିଲ୍ଲାର ବିଭିନ୍ନ ମଣ୍ଡିରେ ଖୋଲା ଆକାଶ ତଳେ ପଡ଼ିରହିଛି ହଜାର ହଜାର କ୍ୟୁଂଟାଲ ଧାନ ବସ୍ତା,ଶୀତ କାକରକୁ ଭୃକ୍ଷେପ ନ କରି ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ଚାଷୀମାନେ ଉପାର୍ଜିତ ଧାନକୁ ବିକ୍ରିକରି ଦି’ ପଇସା ରୋଜଗାର କରିବାକୁ ଆଶା ବାନ୍ଧିଥିବାବେଳେ ପ୍ରଶାସନ କିନ୍ତୁ ଆଖି ବୁଜି ଦେଇଛି,ଏପର୍ଯ୍ୟନ୍ତ ଖରିଫ୍ ଋତୁର ଧାନ ବିକ୍ରୟ କରିପାରି ନ ଥିବାରୁ ଚାଷୀ ମନରେ ଅସନ୍ତୋଷ ଦେଖାଦେଇଛି, ଧାନ ବିକ୍ରୟ ପାଇଁ ଟୋକନ ପାଇଥିବା ସତ୍ୱେ ବିକ୍ରି କରି ନପାରି ଜିଲ୍ଲାର ଅନେକ ମଣ୍ଡିରେ ପଡ଼ିରହିଛି ହଜାର ହଜାର କ୍ୟୁଣ୍ଟାଲ ଧାନ,ଏପରି ଅଚଳାବସ୍ଥା ଦେଖା ଦେଇଛି କଳାହାଣ୍ଡିର ଜିଲ୍ଲାର ବିଭିନ୍ନ ମଣ୍ଡିରେ । ସେଥିମଧ୍ୟରୁ ନର୍ଲା ବ୍ଲକ୍ ଅନ୍ୟତମ । ବ୍ଲକର ଶାନ୍ତପୁର, ନର୍ଲା, ତୁଲାପଡ଼ା, ବାଗପୂର୍ତ ଭାନପୂର୍ତ ଶେରଗଡ଼, ଗିଗିନା , ପଲମ୍, ଅନେକ ଉପମଣ୍ଡିରେ ମଧ ଧାନ ପଡ଼ିଥିବାବେଳେ କୃଷକମାନେ ମଧ ଶୀତ କାକରରେ ଧାନକୁ ଜଗି ରହିଛନ୍ତି, କିନ୍ତୁ ଏବେ ସୁଦ୍ଧା ସେଠାରେ କୃଷି ସେବା ସମବାୟ ସମିତିର କର୍ମଚାରୀ କିମ୍ବା ମିଲର୍ସମାନଙ୍କର ଦେଖା ମିଳୁନାହିଁ, ଏପରି ସମସ୍ୟା ପାଇଁ କଳାହାଣ୍ଡି ଜିଲ୍ଲାରେ ଧାନ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି, ଆଜକୁ ପ୍ରାୟ ଏକ ମାସରୁ ଉର୍ଦ୍ଧ୍ୱ ହେବ ଚାଷୀମାନେ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ ମଧ ଏବେ ଯାଏ ଧାନ ବିକ୍ରି କରିପାରି ନଥିବାର ଅଭିଯୋଗ କରିଛନ୍ତି,ଅନେକ ଚାଷୀ ଏହି ଖରିଫ୍ ଋତୁର ଧାନ କେବେ ବିକ୍ରି ହେବ ତାର ସଠିକ ସୂଚନା ପାଇ ପାରୁନାହାଁନ୍ତି, ଚାଷୀ ଟୋକନ ମିଳିବାର ୨୪ଘଂଟା ମଧ୍ୟରେ ଧାନ ବିକ୍ରି କରିପାରିବେ ବୋଲି ସରକାର ଆଶ୍ୱାସନା ଦେଇଥିଲେ ହେଁ ଏହି ବ୍ଲକର ଚାଷୀଙ୍କ ଧାନ ବିକ୍ରି ହୋଇ ପାରୁନି,ଚାଷୀ ସେପଟେ ଧାନ ବିକ୍ରି ପାଇଁ ପାଇଥିବା ଟୋକୋନର ଅବଧି ପୂରି ଆସୁଥିବା ଭୟରେ ବାଧ ହୋଇ ଚାଷୀମାନେ ୮ କେଜି ରୁ ୧୦ କେଜି କଟନିରେ ମିଲସ୍ ମାନଙ୍କୁ ଧାନ ବିକ୍ରି କରିବାକୁ ବାଧ ହେଉଛନ୍ତି,ଏନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସବୁ ଠିକ୍ ଠାକ୍ ଚାଲିଛି ବୋଲି କହିଛନ୍ତି,ଗୋଟିଏ ପଟେ ସରକାର ଚାଷୀଙ୍କ ହିତୈଷୀ ବୋଲି ଦାବି କରୁଥିବା ବେଳେ କିନ୍ତୁ ଚାଷୀଙ୍କ ପ୍ରତି ଥିବା ନିଜର ଦାୟୀତ୍ୱକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଦେବା ପରିତାପର ବିଷୟ, ଯଦି ଯଥା ଶୀଘ୍ର ସରକାର ମଣ୍ଡିରେ ପଡି ରହିଥିବା ଧାନକୁ ନ ଉଠାନ୍ତି ତେବେ ଚାଷୀଙ୍କ ଆକ୍ରୋଶ କି ରୂପ ନେବ ତାହା ଭବିଷ୍ୟତ ହିଁ କହିବ ।

# ଜାଗା ମିଶନ ଜରିଆରେ ୧୬ ଜଣ ପରିବାରକୁ ପଟ୍ଟା ବଂଟନ

ବଲାଙ୍ଗୀର, ୧୨/୦୨ (ନି.ପ୍ର): ଲୋକଙ୍କୁ ବାସହୀନ ଆଶ୍ରାହୀନ ଓ ଅସହାୟ କରି ଛାଡିଦେଇ ଧ୍ୱଂସସ୍ତୁପ ଉପରେ ବିକାଶ ଆମର ଲକ୍ଷ ନୁହେଁ । ବଲାଙ୍ଗୀରର ସବୁ ବର୍ଗର ଲୋକଙ୍କୁ ନେଇ ବିସ୍ଥାପନ ପୁର୍ବରୁ ଉଚିତ ଥଇଥାନ କରି ବିକାଶ କରିବା ମୁଖ୍ୟମନ୍ତ୍ରୀଙ୍କର ଲକ୍ଷ । ଆମେ ରାତି ଅଧିଆ ଉଚ୍ଛେଦ ନ କରି ଲୋକଙ୍କୁ ଜାଗା ମିଶନ ଜରିଆରେ ସ୍ଥାନ ଦେଇ ଏକ ସୁନ୍ଦର ବଲାଙ୍ଗୀର ଗଠନ କରିବା ଆମର ଲକ୍ଷ୍ୟ ବୋଲି ଆଜି ମହାରାଣୀ ସାଗର ପାଖରେ ଥିବା ତୁଳସୀନଗର ବସ୍ତି ବାସିନ୍ଦାଙ୍କୁ ବିଷ୍ଣୁମୁଣ୍ଡା ଠାରେ ଆଦର୍ଶ କଲୋନୀ ରେ ପଟ୍ଟା ପ୍ରଦାନ ଅବସରରେ ସମସ୍ତ କାଉନସିଲର ଦୃଢ ସ୍ୱର ରେ ଏ କଥା କହିଛନ୍ତି । ସୂଚନାଯୋଗ୍ୟ ମହାରାଣୀ ସାଗର ଉନ୍ନତିକରଣ ନାଁ ରେ ଜବର ଦଖଲ କରି ବସ୍ତି ତିଆରି କରିରହୁଥିବା ଲୋକଙ୍କୁ ୨୪ ଘଂଟିଆ, ୪୮ ଘଂଟିଆ ନୋଟିସ ଦେଇ ଉଚ୍ଛେଦ କରାଯାଉଥିବା ଉଦ୍ୟମକୁ ପୌରାଧକ୍ଷା ଶ୍ରୀମତୀ ଲିକା ସାହୁଙ୍କ ନେତୃତ୍ୱ ରେ ସମସ୍ତ କାଉନସିଲର ଦୃଢ ବିରୋଧ କରାଥିଲେ । ଯଦିଓ ମହାରାଣୀ ସାଗର ର ଉନ୍ନତିକରଣ ପାଇଁ ଟଙ୍କା ଆସିଛି ବୋଲି କୁହାଯାଉଛି ମାତ୍ର ଏହାର ଡିପିଆର ସହିତ ଟେଣ୍ଡର ଏ ପର୍ଯ୍ୟନ୍ତ ହୋଇନଥିବା ବେଳେ ତରବରିଆ ଉଚ୍ଛେଦ ଉଦ୍ୟମ କେବଳ ପୌରପରିଷଦକୁ ବଦନାମ କରିବା ପାଇଁ ଉଦ୍ଦିଷ୍ଟ ଓ ଏହାର ଚକ୍ରାନ୍ତକାରୀଙ୍କୁ ଉଚିତ ଜବାବ ଦେବେ ବୋଲି ଦୃଢ ସ୍ୱରରେ କହିଥିଲେ । ତରବରିଆ ଉଚ୍ଛେଦ ଉଦ୍ୟମ ବନ୍ଦ ହେବା ପରେ ପୌରାଧକ୍ଷା ଦେଇଥିବା ପ୍ରତିଶୃତି ଅନୁଯାଇ ମହାରାଣୀ ସାଗର ଆଡିରେ ରହୁଥିବା ୧୬ ଜଣ ବସ୍ତିବାସିନ୍ଦାଙ୍କୁ ସ୍ଥାୟୀ ଜମୀ ପଟ୍ଟା ବଂଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବଲାଙ୍ଗିର ପୌରପରିଷଦ ର ବରିଷ୍ଠ କାଉନସିଲର ସମ୍ଭୁ ନାଗ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଜାଗା ମିଶନ ଜରିଆରେ ପଟ୍ଟା ବଂଟନ କାର୍ଯ୍ୟକ୍ରମ ରେ ସ୍ଥାନୀୟ କାଉନସିଲର ଗଙ୍ଗାଧର ଚାନ୍ଦ, କାଉନସିଲର ସରିତା ଦାଶ , ଇସ୍ମତ ଆରା ଖାନ , ପୌରଉପାଧକ୍ଷା ସୁଶ୍ରୀ ଗାୟତ୍ରୀ ଭୋଇ ଓ ପୌରାଧକ୍ଷା ଲିକା ସାହୁ ଭୁମୀହିନ ଲୋକଙ୍କ ପାଇଁ ସମଗ୍ର ଭାରତ ବର୍ଷ ରେ ପ୍ରଥମ କରି ଚିନ୍ତା କରିଥିବା ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦା ମାନେ ନିଜ ପାଇଁ ଜାଗା ଅଧିକାର ପାଉଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।

# ଖଜୁରୀପଡ଼ା ବିଜେପିର କାର୍ଯ୍ୟକାରିଣୀ ବୈଠକ

କନ୍ଧମାଳ, ୧୨/୦୨ (ନି.ପ୍ର): ଖଜୁରୀପଡ଼ା ନିକଟସ୍ଥ ସମ୍ବେପଦର ଜଳାଶୟ ପଡ଼ିଆରେ ଆଜି ଖଜୁରୀପଡ଼ା ମଣ୍ଡଳ ସଭାପତି ଦଶରଥ ସାହୁଙ୍କ ତତ୍ୱାବଧାନରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକରେ ହୋଇଥିବା ନିଷ୍ପତି ପ୍ରକାରେ ଦଳର ସାଙ୍ଗଠନିକ ଆଲୋଚନା ହୋଇଥିବା ବେଳେ ଦଳ କିଭଳି ସମସ୍ତ ବୁଥକୁ ସକ୍ରୀୟ କରି ଆଗାମୀ ସାଧାରଣ ନିର୍ବାଚନରେ ଭଲ ପ୍ରଦର୍ଶନ କରିବ ସେନେଇ ବିଭିନ୍ନ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା । ବୁଥ୍ କମିଟି, ଶକ୍ତିକେନ୍ଦ୍ର ଏବଂ ମଣ୍ଡଳ କମିଟିକୁ ପୂର୍ଣାଙ୍ଗ କରି ଆଗାମୀ ଦିନରେ ଦଳର ସାଙ୍ଗଠନିକ ସ୍ଥିତିକୁ ମଜବୁତ କରିବାକୁ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତା ମତପ୍ରକାଶ କରିଥିଲେ । କାର୍ଯ୍ୟକାରିଣୀ ବୈଠକରେ ପ୍ରଭାରୀ ଶ୍ରୀଯୁକ୍ତ ଭଗବାନ ମହାନ୍ତି ଯୋଗଦାନ କରି ଦଳର ରଣନୀତି କଣ ରହିବ ଏବଂ ସଂଗଠନ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ । ସେହିଭଳି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲା ଅନୁସୁଚିତ ଜାତିମୋର୍ଚ୍ଚା ସଭାପତି ଅନନ୍ତ କୁମାର ଦିଗାଲ, ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ, ଯୁବମୋର୍ଚ୍ଚା ସଭାପତି ରାଇକିଶୋର ପ୍ରଧାନ, ସାଧାରଣ ସମ୍ପାଦକ ରଞ୍ଜନ କୁମାର କହଁର, ଓବିସି ମୋର୍ଚ୍ଚା ସଭାପତି କେଦାରଗୌରୀ ସାହୁ, ଅନୁସୁଚିତ ଜାତିମୋର୍ଚ୍ଚା ଜିଲ୍ଲା ସମ୍ପାଦକ ଶ୍ରୀ ଦେବରାଜ ମୁଖି, ଯୁବମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଗୋଲକବିବାରୀ ମଲିକ, ବିପିନି ବିହାରୀ ଯାନୀ, ସମୀର ପ୍ରସାଦ ଝାଙ୍କର, ବିକ୍ରମସେନ ଦେହୁରୀ,ଦିପକ ବିଶୋୟୀ, ଆସ୍ତିକ ମଲିକ ଭାଗବତ ପ୍ରଧାନ, ଅମର ମଲିକ, ପ୍ରଦୀପ କହଁର, ଅନିଲ କୁମାର ସେଠୀଙ୍କ ସହ ବହୁ ପଦାଧିକାରୀ ଓ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତାପାର୍ଟିର ନିତିଆଦର୍ଶରେ ଅନୁପ୍ରାଣିତ ହୋଇ ଦୁତିମେଣ୍ଡି ଗ୍ରାମପଞ୍ଚାୟତ ୫ ନମ୍ବର ୱାର୍ଡସଭ୍ୟ ଶ୍ରବଣ କୁମାର ଯାନୀ ଭାରତୀୟ ଜନତାପାର୍ଟିରେ ଯୋଗଦାନ କରିଥିବା ବେଳେ ସଭାପତି ଶ୍ରୀ ସାହୁ ତାଙ୍କୁ ସ୍ୱାଗତ କରିଥିଲେ ।



# ଶାଶ୍ୱତ ପ୍ରେମ

ଶିବ ପ୍ରସାଦ ବାହିନୀପତି

ଦୁଇଟି ହୃଦୟ , ଦୁଇଟି ମନ ଓ ଦୁଇଟି ଆତ୍ମାର ମିଳନକୁ ପ୍ରେମ କହନ୍ତି । ପ୍ରେମର ଅର୍ଥ ବୁଝିବା ଏତେ ସହଜ ନୁହେଁ । ବୁଝି ପାରିଲେ ସୁନ୍ଦର; ଆଉ ବୁଝି ନପାରିଲେ ଅବୁଝା ଅଙ୍କ । ପ୍ରେମର ଅର୍ଥ ଭଲପାଇବା । ଅହେତୁକ ସ୍ନେହ, ଶ୍ରଦ୍ଧା । ମାତା- ପୁତ୍ରର ପ୍ରେମ, ଭାଇ -ଭଉଣୀର ପ୍ରେମ, ପିତା -ପୁତ୍ରର ପ୍ରେମ, ପତି - ପତ୍ନୀଙ୍କ ପ୍ରେମ ଏବଂ ଭକ୍ତ - ଭଗବାନଙ୍କ ପ୍ରେମ; ସବୁଠି ଭରି ରହିଛି କେତେ ସ୍ନେହ, ଶ୍ରଦ୍ଧା, ଭକ୍ତି ଓ ଭଲପାଇବା । ଶାଶ୍ୱତର ଅର୍ଥ ନିତ୍ୟ ବା ଅବିନଶ୍ୱର । ଅନ୍ୟ ଅର୍ଥରେ କହିଲେ ଅତି ସୁନ୍ଦର ହେବ । ପ୍ରେମ ସେତିକି ବେଳେ ସୁନ୍ଦର ହୁଏ; ଯେତେବେଳେ ଆତ୍ମବିଶ୍ୱାସ, ଦୃଢ଼ବିଶ୍ୱାସ, ସ୍ନେହ ଶ୍ରଦ୍ଧାଦି ପରିପୂର୍ଣ୍ଣ ହୁଏ । ମୁଁ ଏଠାରେ ପ୍ରେମ ବିବାହର ପ୍ରସଙ୍ଗକୁ ହିଁ ଉଲ୍ଲେଖ କରୁଛି ।

ଭଲ ମନ ଥିବା ମଣିଷକୁ ପ୍ରେମ କଲେ ସେ ପ୍ରେମରେ ସାର୍ଥକତା ଆସେ । ଧନ ଦୌଲତ ଦେଖି କିମ୍ୱା ସୁନ୍ଦର ଯୌବନରେ ଆକୃଷ୍ଟ ହୋଇ ପ୍ରେମ କରିଲେ; ସେ ପ୍ରେମରେ ସାର୍ଥକତା ନଥାଏ । ଆଜିକାଲି ଯୁବପିଢ଼ିମାନେ ଏହିପରି ପ୍ରେମ କରି ଚାଲିଛନ୍ତି । ଜାଣି ରଖିବା ଉଚିତ୍ ଧନ ଦୌଲତ ଓ ଯୌବନ କ୍ଷଣସ୍ଥାୟୀ ; ଚିରସ୍ଥାୟୀ ନୁହଁନ୍ତି । ଆଜିର ଏ ଯୁବପିଢ଼ିଙ୍କୁ ବୋଧହୁଏ ଜଣା ନାହିଁ ଏସବୁ । ନା ଜାଣି ଅଜଣା ବୁଝି ହୁଏନି । ଆଜି ଧନ ଦୌଲତ ଅଛି; କିନ୍ତୁ କାଲିକି ନଥିବ । ତୁମ ପାଖରେ ଥିଲା ଯାଏଁ ସେ ତୁମ ସମ୍ପତ୍ତି; ଆଉ କାହା ପାଖକୁ ଚାଲିଗଲେ ଆଉ କାହା ସମ୍ପତ୍ତି ହୋଇଯିବ । ଆଜି ତୁମ ପାଖରେ ତ କାଲି ଆଉ କାହା ପାଖରେ । ଆଜି ଅଛି କାଲିକି ନାହିଁ । ଆଜି ଯେଉଁ ବ୍ୟକ୍ତି କୋରଡ଼ପତି; କାଲିକୁ ଭିକାରୀ ହୋଇପାରେ । ଯୌବନ ବି ଠିକ୍ ଏହିପରି । ଦୌଲତର ଅପରୂପ ଯୌବନ । ଆଜି ଅଛି କାଲିକୁ ନଥିବ । ବୟସର ବୃଦ୍ଧି ସହିତ ଯୌବନ ବି ଚାଲିଯିବ । ବୃଦ୍ଧାବସ୍ଥା ଉପନୀତ ହେବ । ଯୌବନରେ ବିକୃତତା ଆସିବ । କେତେଦିନ ତାକୁ ଉପଭୋଗ କରିବ ? ତେବେ ଏସବୁକୁ ନେଇ ସ୍ୱପ୍ନ ଦେଖିବା କି ଦରକାର ? ଧନାନ୍ଧ, ରୂପାନ୍ଧ ନହୋଇ ପ୍ରେମାନ୍ଧ ବନିଯିବା ଉଚିତ୍ । ସ୍ନେହ , ଶ୍ରଦ୍ଧା ଓ ବିଶ୍ୱାସ, ଭଲପାଇବାରେ ଅନ୍ଧ ହୋଇଗଲେ କ୍ଷତି କ'ଣ ? ଧନବାନ ଓ ସୁନ୍ଦର ଯୌବନ ଯୁକ୍ତ ପାତ୍ରପାତ୍ରୀ ବହୁତ ମିଳିବେ । କିନ୍ତୁ ଭଲ ମନ ଥିବା ପାତ୍ର ବା ପାତ୍ରୀ ଖୁବ୍ କମ୍ ପରିଦୃଶ୍ୟମାନ । କୋମଳ ଓ ଦରଦୀ ହୃଦୟବାନ୍ ବ୍ୟକ୍ତି ବିଶେଷ ସଂସାରରେ ବହୁତ କମ୍ । କିନ୍ତୁ ନିଜକୁ ବଦଳେଇ ପାରିଲେ ମାତ୍ରାଧିକ ସଂଖ୍ୟା ସୃଷ୍ଟି ହୋଇପାରିବ ।

ଭଗବାନଙ୍କ ବିଚିତ୍ର ଲୀଳାନୁସାରେ ଭଲ ମନ, ଭଲ ହୃଦୟ ଓ ଭଲ ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ଦୁଃଖ, କଷ୍ଟ , ଯନ୍ତ୍ରଣାକୁ ସହ୍ୟ କରିଥାଏ । ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ କାଳାତିପାତ କରେ । ତା' ପାଖରେ ନଥାଇପାରେ ପ୍ରଚୁର ପରିମାଣରେ ଧନ; ସେ ଗରିବ ହୋଇପାରେ ହେଲେ ଭଲ ମନ ଓ ଭଲ ହୃଦୟଟିଏ ତ ଅଛି । ଏଇ ଭଲ ଓ ଦରଦୀ ହୃଦୟଟି ହିଁ ତା'ର ସୁନ୍ଦର ଯୌବନ । ଭଲ ମନଟି ତା'ର ଧନ ଦୌଲତ ଯାହା ହୃଦୟ ବିବରେ ସଞ୍ଚିତ । ଭଲ ଚିନ୍ତାଧାରା ହିଁ ତା'ର ଆୟୁଷ । ଭଲ ଚିନ୍ତାଧାରା ଯୁକ୍ତ ମଣିଷ ଦୀର୍ଘଜୀବୀ ହୁଏ । ପ୍ରତ୍ୟେକ ଜୀବ ବିଭୁ ଦରବାରରେ ଗୋଟିଏ ପରେ ଗୋଟିଏ ପରୀକ୍ଷା ଦେଇ ଚାଲିଥାଏ । ବିଭୁ ତାକୁ ପରୀକ୍ଷା କରିବାକୁ ବୋଝ ଉପରେ ନଳିତା ବିଡ଼ା ପରି ଦୁଖ ଉପରେ ଦୁଃଖ ଲଦି ଦିଅନ୍ତି । ତାଙ୍କ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିଲେ ଅଜସ୍ର ସୁଖ ମିଳେ; ଶାନ୍ତି ମିଳେ । ଆଉ ପରିଶେଷରେ ତାଙ୍କ ପରେମ । ପ୍ରାପ୍ତ ହୁଏ । ନଚେତ୍, ଲୁହ ଓ ଯନ୍ତ୍ରଣା ତା'ର ଚିରସ୍ଥାୟୀ ହିଁ ହୋଇଯାଏ । ପାଲଟି ଯାଏ ଚିର ସହଚର ।

ତେଣୁ ହେ ଆଜିର ଯୁବପିଢ଼ି ! ଏଇ ଛୋଟ ଅନୁରୋଧ ଟିକକ ରଖ । ଧନ ଯୌବନରେ ଅନ୍ଧ ହୋଇ ନିଜର ଜୀବନସାଥୀ ନିର୍ବାଚନ କରନାହିଁ । ଏମିତି ସାଥିଟେ ବାଛନ୍ତୁ ଯାହାର ଭଲ ମନ, ଭଲ ହୃଦୟ, ଭଲ ଚିନ୍ତାଧାରା ଥିବ । ଯାହାକୁ ନେଇ ସାରା ଜୀବନ କାଟିବେ, ସେ ତୁମକୁ ବୁଝି ପାରୁଥିବା ହିଁ ଦରକାର । ଯିଏ ତୁମକୁ ସ୍ନେହ , ଆଦର, ପ୍ରେମ ଓ ଭଲପାଇବା ଦେଇପାରିବ; ଯାହାର ସ୍ୱଚ୍ଛ ମନ ଥିବ ଆଉ ମନରେ ଆବିଳତା ନଥିବ, ସେହିପରି ଜଣେ ଜୀବନସାଥିଟେ ଚୟନ କରିବା ଉଚିତ । ଏପରି ଲୋକ ନିରକ୍ଷର କିମ୍ୱା ଖୁବ୍ ସ୍ୱଳ୍ପ ଶିକ୍ଷିତ ହୋଇଥିଲେ ମଧ୍ୟ ସ୍ନେହ, ପ୍ରେମ ଓ ଭଲପାଇବା ଏବଂ ଭଲ ମନ ଆଉ ଭଲ ହୃଦୟ ହିଁ ତା'ର ଉଚ୍ଚଶିକ୍ଷା ହୋଇଥାଏ ।

ଉପସଂହାରରେ କେବଳ ଏତିକି କହିବି ଯେ, ଜୀବନସାଥୀ ଆପଣେଇବା ପୂର୍ବରୁ ଅନ୍ତତଃ ଏତିକି ଚିନ୍ତା କରନ୍ତୁ ତା'ର ମନ ଓ ହୃଦୟ କିପରି; ସେ ତୁମକୁ ଠିକ୍ ଭାବରେ ବୁଝି ପାରିବ ନା ନାହିଁ । ଉତ୍ତମ ସ୍ୱଭାବ ଓ ଉତ୍କୃଷ୍ଟ ଚିନ୍ତାଧାରା ହିଁ ମଣିଷକୁ ଶୀର୍ଷରେ ପହଞ୍ଚାଇ ଥାଏ । ଏଇ ଚିନ୍ତାଧାରା ନେଇ ପ୍ରେମ ସମ୍ପର୍କ ସ୍ଥାପିଲେ ସେ ସମ୍ପର୍କ ଶାଶ୍ୱତରେ ବଦଳିଯାଏ । ଚିରାନନ୍ଦ ପ୍ରାପ୍ତ ହୁଏ । ସାର୍ଥକ ପ୍ରେମର ନିଦର୍ଶନ ହୋଇଯାଏ ।

ସମ୍ପାଦକ - ଉଦୟ ଭାନୁ, ପ୍ରତିଷ୍ଠାତା/ମୁଖ୍ୟ ସମ୍ପାଦକ - ସୁଦେଷ୍ଣା ପ୍ରମୋଦ ସାହିତ୍ୟ ସଂସଦ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ (ମୋ)୮୯୧୭୪୮୦୫୩୬

# ଓଡ଼ିଶାର ଅନୁପମ ବୌଦ୍ଧ ପର୍ଯ୍ୟଟନ



ଏବେ ପର୍ଯ୍ୟଟନ ଋତୁ । କୋଭିଡ୍ କଟକଣା ପାଇଁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ, ଐତିହ୍ୟପୀଠ ଓ କୀର୍ତ୍ତିସ୍ଥଳରେ ରହିଥିବା କଟକଟାଗୁଡ଼ିକୁ ହଟାଇ ନେବା ପରେ ଏହା ପର୍ଯ୍ୟଟକମାନଙ୍କ ପାଇଁ ଖୋଲି ଦିଆଯାଇଛି । ରାଜ୍ୟର ପ୍ରମୁଖ ଐତିହ୍ୟପୀଠ ତଥା ଦେଶ ବିଦେଶରେ ଖ୍ୟାଦି ଅର୍ଜନ କରିଥିବା ହୀରକ ତ୍ରିଭୁଜ ବଳୟ ଅନ୍ତର୍ଗତ ବୌଦ୍ଧ ପର୍ଯ୍ୟଟନକ୍ଷେତ୍ର ମଧ୍ୟରୁ ଯାଜପୁର ଜିଲ୍ଲାର ରତ୍ନଗିରି ଓ ଉଦୟଗିରି ଏବଂ କଟକ ଜିଲ୍ଲାର ଲଳିତଗିରିର ରହିଛି ବିଶେଷ ପରିଚିତି । ତେବେ କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତବର୍ଷରେ ଥିବା ବୌଦ୍ଧପୀଠ ମଧ୍ୟରୁ ଏହି ବୌଦ୍ଧପୀଠଗୁଡ଼ିକର ରହିଛି ବିଶେଷ ସ୍ୱତନ୍ତ୍ରତା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀଠାରୁ ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକ ସବୁବେଳେ ଦେଶ ବିଦେଶର ପର୍ଯ୍ୟଟକ, ଗବେଷକ, ଐତିହାସିକ ଏବଂ ସାଧାରଣ ଲୋକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି । ଅତୀତରେ ରାଜ୍ୟ ସରକାର ବୌଦ୍ଧପୀଠ ଉଦୟଗିରିଠାରେ ଆନ୍ତର୍ଜାତିକ ବୌଦ୍ଧଧର୍ମ ପର୍ଯ୍ୟଟନ ସମାରୋହ କରି ଏହାର ଗୁରୁତ୍ୱ ବୃଦ୍ଧି କରିଥିଲାବେଳେ କେଇବର୍ଷ ହେଲା ଏହା ବନ୍ଦ ହୋଇଯାଇଛି । ଭାରତବର୍ଷର ବୋଧଗୟା, ସାରନାଥ, ନାଳନ୍ଦାଠାରୁ କୌଣସି ଗୁଣରେ କମ୍ ନଥିବା ଏହି ବିଶ୍ୱବିଖ୍ୟାତ ବୌଦ୍ଧପୀଠଗୁଡ଼ିକର ଉପଯୁକ୍ତ ବିକାଶ କରାଇଲେ । ଏହା ରାଜ୍ୟ ପର୍ଯ୍ୟଟନ ବିଭବକୁ ଅଧିକ ଋଦ୍ଧିମନ୍ତ କରାଇପାରନ୍ତା ।

## ॥ ଉଦୟଗିରି ॥

ବିରୂପା-କେଲୁଅ ନଦୀ ଉପତ୍ୟକା ଉପକଣ୍ଠରେ ଗଢ଼ି ଉଠିଥିବା ଏହି ବିଶିଷ୍ଟ ବୌଦ୍ଧବିହାର ବଡ଼ଚଣା ବ୍ଲକର ଉଦୟଗିରିଠାରେ ଅବସ୍ଥିତ । ବଅଡ଼ିହ-ଷୋଳପିଅମା'-ଉଦୟଗିରି ପାହାଡ଼ର ପରିବେଷ୍ଟନୀ ଭିତରେ ଏବଂ ଅପୂର୍ବ ପ୍ରାକୃତିକ ପରିବେଶରେ ଗଢ଼ି ଉଠିଥିବା ଏହି ସୁମହାନ ବୌଦ୍ଧପୀଠ ଭାରତବର୍ଷର ଏକ ଅଦ୍ୱିତୀୟ ପର୍ଯ୍ୟଟନ କ୍ଷେତ୍ର ଭାବରେ ମଧ୍ୟ ପରିଚିତ । ଉଦୟଗିରିଠାରେ ରହିଛି ବୌଦ୍ଧ ବଜ୍ରଯାନ ଯୁଗର ପ୍ରାଚୀନ ଦ୍ୱିତଳ ବୌଦ୍ଧବିହାର, ଯାହାକି ପଞ୍ଚରଥ ଶୈଳୀରେ ନିର୍ମିତ । ଉଦୟଗିରିର ଉତ୍ଖନନରୁ ଆବିଷ୍କୃତ ହୋଇଛି ପ୍ରାଚୀନ ମାଧବପୁର ବୌଦ୍ଧମହାବିହାର ଓ ଏକ ବିଶାଳ ମହାସ୍ତୁପ । ଖ୍ରୀଷ୍ଟୀୟ ଅଷ୍ଟମ-ନବମ ଶତାବ୍ଦୀରେ ନିର୍ମିତ ଏହି ବିହାରଠାରୁ ଅଳ୍ପ ଦୂରରେ ଏକ ବିରଳତମ ଚୈତ୍ୟଗୃହ କମ୍ପ୍ଲେକ୍ସ ଓ ଦ୍ୱିତଳ ସିଂହପ୍ରସ୍ଥ ମହାବିହାର ମଧ୍ୟ ମାଟିତଳୁ ବାହାରିଛି । ଉଦୟଗିରିଠାରେ ବୌଦ୍ଧମହାବିହାର ସମେତ ଏକ ପ୍ରସ୍ତରକଟା ବିଶାଳ କୂପ, ମହାକାଳ ମନ୍ଦିର, ବୃହତ ରୋଷଶାଳା (କିଚେନ୍ କଂପ୍ଲେକ୍ସ) ସମେତ ଶତାଧିକ ବୌଦ୍ଧ ବିଗ୍ରହ ଆବିଷ୍କୃତ ହୋଇଛି । ଉଦୟଗିରିରୁ ଜଟାମୁକୁଟ ଲୋକେଶ୍ୱର, ଅମିତାଭ, ଆକ୍ସୌଭ୍ୟ, ମଂଜୁଶ୍ରୀ, ରତ୍ନସମ୍ଭବ, ପଦ୍ମପାଣି, ଅବଲୋକିତେଶ୍ୱର, ଜମ୍ଭାଳ, ଅପରାଜିତା, ହାରିତି ଇତ୍ୟାଦି ବୌଦ୍ଧମୂର୍ତ୍ତି ଉତ୍ମୂର୍ତ୍ତି ଉତ୍ଖତିତ ହୋଇଛି । ସେହିଭଳି ଏଠାରୁ ଖନନ ସମୟରେ ବହୁ ପ୍ରାଚୀନ ଶିଳାଲେଖ, ଅଳଙ୍କୃତ ସ୍ତମ୍ଭ, ଭୋଟିପ୍ (ଅର୍ଘ୍ୟ) ସ୍ତୁପ, ଚତୁର୍ଭୁଜାକାର ବିହାର, ସ୍ଥାପତ୍ୟ ଓ କଳା ଖୋଦିତ ବିଗ୍ରହ, ସିଲମୋହର, ସୁରେଇ, ଚିଲମ, ମାଟିନଳୀ, ପୋଡ଼ାମାଟିର ନଳୀ, ବିଭିନ୍ନ ପ୍ରକାର କୁଟକାମଯୁକ୍ତ ଟାପୁଆ ଇଟା ଆବିଷ୍କୃତ ହୋଇଛି ।




## ॥ ରତ୍ନଗିରି ॥



ରାଜ୍ୟର ଏକ ସୁବିଖ୍ୟାତ ବୌଦ୍ଧପୀଠର ମାନ୍ୟତା ଲାଭ କରିଥିବା ରତ୍ନଗିରି ବୌଦ୍ଧ ମହାବିହାରର କଳାକୀର୍ତ୍ତି ଓ ଐତିହ୍ୟ ଏକ ବୌଦ୍ଧସ୍ମରଣୀୟ କୃତି । ବରି ବ୍ଲକ ଅନ୍ତର୍ଗତ ଏହି ରତ୍ନଗିରିଠାରେ ରହିଛି ଏକ ପ୍ରାଚୀନ ବୌଦ୍ଧଯୁଗୀୟ ବିଶ୍ୱବିଦ୍ୟାଳୟ, ବହୁ ପୁରାତନ ବୌଦ୍ଧମହାବିହାର, ଇଟା ନିର୍ମିତ ଏକ ବିଶାଳ ମହାସ୍ତୁପ, ମହାକାଳଙ୍କ ପବିତ୍ର ମନ୍ଦିର । ରତ୍ନଗିରି ଏକଦା ବୌଦ୍ଧ କାଳଚକ୍ରଯାନ ଓ ଯୋଗାଚାର ବିଜ୍ଞାନବାଦର ଏକ ମହିମାମଣ୍ଡିତ ପୀଠ ଭାବରେ ମଧ୍ୟଯୁଗୀୟ ସମୟରେ ସୁପରିଚିତ ଥିଲା । ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ବିଦ୍ୟାର୍ଥୀମାନଙ୍କ ପାଇଁଞ୍ଚ ରତ୍ନଗିରି ବୌଦ୍ଧମହାବିହାର ଥିଲା ପୁରାତନ ଭାରତବର୍ଷର ଏକ ପ୍ରାଚୀନତମ ବୌଦ୍ଧ ଶିକ୍ଷାକେନ୍ଦ୍ର । ଗୁପ୍ତ ସମ୍ରାଟ ନରସିଂହ ଗୁପ୍ତ ବାଳାଦିତ୍ୟ ଏହି ବିଖ୍ୟାତ ବୌଦ୍ଧପୀଠରେ ବୌଦ୍ଧଶ୍ରମଣ ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସୁବିଶାଳ ବୌଦ୍ଧ ମହାବିହାର ଓ ସଂଘାରାମ ନିର୍ମାଣ କରିଥିଲେ ।



୧୯୦୩ ମସିହାରେ ଯାଜପୁରର ତତ୍କାଳୀନ ଏସ୍.ଡି.ଓ. ମନମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ରତ୍ନଗିରି ବୌଦ୍ଧପୀଠର ପ୍ରାରମ୍ଭିକ ସର୍ବେକ୍ଷଣ କରାଯାଇଥିଲା ଓ ୧୯୫୮ ମସିହାରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ଏହାର ପ୍ରଥମ ଉତ୍ଖନନ ଆରମ୍ଭ କରିଥିଲେ ଡକ୍ଟର ଦେବଳା ମିତ୍ର ନାମକ ଜଣେ ମହିଳା ପ୍ରତ୍ନତତ୍ତ୍ୱବିତ୍ । ରତ୍ନଗିରି ପ୍ରତ୍ନ ଉତ୍ଖନନରୁ ବିପୁଳ ପରିମାଣର ପ୍ରାଚୀନ ବୌଦ୍ଧକୀର୍ତ୍ତିରାଜି ସମେତ ବିଭିନ୍ନ ମୁଦ୍ରାରେ ଆସୀନ ମନୋଜ୍ଞ ବୌଦ୍ଧବିଗ୍ରହ ବୋଧିସତ୍ତ୍ୱ, ତାରା, ହାରିତି, ବସୁଧାରା, ପ୍ରଜ୍ଞାପାରମିତା, ମଂଜୁଶ୍ରୀ, ମହାକାଳ, ହେରୁକ, ପଦ୍ମପାଣି ବୁଦ୍ଧ ଓ ଅପରାଜିତାଙ୍କ ଶହ ଶହ ପ୍ରତିମା ଆବିଷ୍କୃତ ହୋଇଛି । ରତ୍ନଗିରିଠାରେ ଥିବା ମନୋରମ ସଂଗ୍ରହାଳୟରେ ଏହି କଳାଭାସ୍କର୍ଯ୍ୟଗୁଡ଼ିକ ସ୍ଥାନ ପାଇଛି ।





## ॥ ଲଳିତଗିରି ॥



କଟକ ଜିଲ୍ଲାରେ ବିରୂପା-ଚିତ୍ରୋତ୍ପଳା ନଦୀ ଉପତ୍ୟକାର ପୂର୍ବଘାଟ ପର୍ବତମାଳାର ଅସିହା ପର୍ବତଶ୍ରେଣୀର ନଣ୍ଡାପାହାଡ଼, ପାରାଭାଡ଼ି ଓ ଓଳାଶୁଣି ପାହାଡ଼ ମଧ୍ୟରେ ଲଳିତଗିରିର ଅବସ୍ଥିତି ସ୍ୱତନ୍ତ୍ର । ଲଳିତଗିରିର ପୁରାତାତ୍ତ୍ୱିକ ଅବଶେଷକୁ ୧୮୬୯ ମସିହାରେ ପ୍ରଥମେ ଲୋକଲୋଚନକୁ ଆଣିଥିଲେ ଚନ୍ଦ୍ରଶେଖର ବାନାର୍ଜୀ । ୧୯୨୭-୨୮ରେ ରାମପ୍ରସାଦ ଚାନ୍ଦ ଏହି ବୌଦ୍ଧପୀଠର ପ୍ରଲେଖିକରଣ କରାଇଥିଲେ । ଏହି ପ୍ରମୁଖ ପୀଠର ପ୍ରତ୍ନତାତ୍ତ୍ୱିକ ମହତ୍ତ୍ୱ ଥିବା ଯୋଗୁଁ ୧୯୩୭ ମସିହାରେ ଏହାକୁ ରାଷ୍ଟ୍ରୀୟ ମହତ୍ତ୍ୱପୂର୍ଣ୍ଣ ସ୍ମାରକ ଭାବେ ଘୋଷଣା କରାଯାଇଥିଲା । ୧୯୭୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ତତ୍କାଳୀନ ଲଳିତଗିରିର ପ୍ରଥମ ପ୍ରାରମ୍ଭିକ ଖନନ କରାଯାଇଥିଲେ ମଧ୍ୟ ୧୯୮୫ ମସିହାରୁ ୧୯୯୧ ମସିହାଯାଏ ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ (ଏ.ଏସ୍.ଆଇ.)ର ଭୁବନେଶ୍ୱର ମଣ୍ଡଳ ଏହି ପୀଠର ବ୍ୟାପକ ଓ ପୂର୍ଣ୍ଣାଙ୍ଗ ପ୍ରତ୍ନଖନନ କରିଥିଲେ । ଏହି ଉତ୍ଖନନରୁ ଏକ ବିଶାଳସ୍ତୁପର ଅବଶେଷ ମିଳିଥିଲା । ଏହି ସ୍ତୁପ ମଧ୍ୟରେ ଖଣ୍ଡୋଲାଇଟ ପଥରରେ ନିର୍ମିତ ତିନୋଟି ଅସ୍ଥି ଅବଶେଷର ଫରୁଆ (ରେଲିକ୍ସ କାସକେଟ୍) ମିଳିଥିଲା । ତିନୋଟି ଫରୁଆ ମଧ୍ୟରୁ ଗୋଟିଏ ଖାଲି ଥିଲାବେଳେ ଦୁଇଟି ଭିତରେ ଖଡ଼ିପଥର, ତା' ଭିତରେ ରୂପା ଓ ତା' ମଧ୍ୟରେ ସ୍ୱର୍ଣ୍ଣ ଲଘୁ ଫରୁଆର ସେଟ୍ ମିଳିଥିଲା ।ଉଭୟ ସ୍ୱର୍ଣ୍ଣ ଫରୁଆ ଭିତରେ ଦଗ୍ଧ ଅସ୍ଥି ଖଣ୍ଡରୂପରେ ଧାତୁ ଅଥବା ପୁରାବଶେଷ ମିଳିଥିଲା । ଲଳିତଗିରି ପୀଠ ଖନନରୁ ଚାରୋଟି ବୌଦ୍ଧବିହାରର ଅବଶେଷ ଆବିଷ୍କୃତ ହୋଇଛି । ଲଳିତଗିରିରେ 'ଶ୍ରୀ ଚନ୍ଦ୍ରାଦିତ୍ୟ ବିହାର ସମଗ୍ର ଆର୍ଯ୍ୟ ଭିକ୍ଷୁ ସଂଘ' ଲେଖା ହୋଇଥିବା ଏକ ମୃଣ୍ମୟ ମୁଦ୍ରାଛାପ (ସିଲ୍‌ମୋହର) ମିଳିଥିଲା, ଯାହାକି ଖ୍ରୀଷ୍ଟାବ୍ଦ ୯ମ-୧୦ମ ଶତାବ୍ଦୀର ବୋଲି ପ୍ରମାଣ ମିଳୁଛି । ଲଳିତଗିରିଠାରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଭବ୍ୟ ସଂଗ୍ରହାଳୟ ପ୍ରତିଷ୍ଠା କରାଯାଇଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଢ଼େଲା ଓ ପାହାଡ଼...

ଭାରତୀୟ ଗଣତନ୍ତ୍ର ଯଦି ବିଗତ ସାଢ଼େ ଆଠ ବର୍ଷରୁ ସାମାନ୍ୟ ଅଧିକ ସମୟ ଭିତରେ କିଛି ଗୋଟାଏ ବଡ଼ ଜିନିଷ ଆବଶ୍ୟକ କରୁଥିଲା, ଅଥଚ ତା'ର ଅଭାବ ରହିଥିଲା ବୋଲି କୁହାଯାଏ, ତାହା ହେଉଛି- ସଂସଦରେ ସମକକ୍ଷ ଯୋଦ୍ଧାଙ୍କ ମଧ୍ୟରେ ଲଢ଼େଇ । ଅର୍ଥାତ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱାଧୀନ ସରକାରକୁ ଆହ୍ୱାନ ଦେଲା ଭଳି, ପ୍ରକୃତପକ୍ଷେ ଅକଳରେ ପକାଇବା ଭଳି- ନିର୍ବାଚନରେ ସେଭଳି ବହୁମତଧାରୀ ନ ହୁଅନ୍ତୁ ପଛକେ, ରାଜନୀତିକ ଦୃଷ୍ଟିକୋଣରୁ ବିରୋଧୀ ଦଳର ତାଙ୍କ ଭଳି ଜଣେ ସମାନ ସାମର୍ଥ୍ୟ ଥିବା ଶତ୍ରୁଙ୍କର ଅଭାବ, ଯିଏକି ତାଙ୍କୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସଂସଦରେ ପ୍ରଶ୍ନ ପଚାରି ପାରିବେ ; ତାଙ୍କୁ ହରାଇବା ଭଳି ବିତର୍କ କରି ପାରିବେ । ନିକଟରେ ଭାରତୀୟ ଗଣତନ୍ତ୍ରର ଏଇ ଇଚ୍ଛା ପୂର୍ଣ୍ଣ ହେଲା, ଯେତେବେଳେ ରାହୁଲ ଗାନ୍ଧୀ- ଯିଏକି ନା ତ ଭାରତୀୟ ଜାତୀୟ କଂଗ୍ରେସର ସଭାପତି, ନା ବିରୋଧୀ ଦଳର ନେତା- ନିକଟରେ ତାଙ୍କର କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ପଦଯାତ୍ରାରେ ଭାରତ ଯୋଡ଼ା ଯାତ୍ରା ସମାପ୍ତ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆହ୍ୱାନ ଦେବାର ଅଧିକାରକୁ ହାସଲ କଲେ, ତାହା ପୁଣି ସିଧାସଳଖ ମୁହାଁମୁହିଁ ପ୍ରଶ୍ନ ପଚାରି ବିତର୍କ କରିବାକୁ । ତେଣୁ ତାଙ୍କୁ ବର୍ତ୍ତମାନ ମୋଦୀଙ୍କ ଶତ୍ରୁର ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର କରାଯିବା ଭଳି ଖ୍ୟାତି ସେ ଅର୍ଜନ କରିଛନ୍ତି । ଅପର ପକ୍ଷରେ ମନେହୁଏ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବେଳା ବର୍ତ୍ତମାନ ଭଲ ନାହିଁ । ଇଂରାଜୀ ବର୍ଣ୍ଣମାଳାର 'ସି' ଅକ୍ଷର ଭୂତ ତାଙ୍କ ପିଛା ନ ଛାଡୁଣୁ ଏବେ 'ଏ' ଅକ୍ଷର ଭୂତ ତାଙ୍କ ପଛରେ ପଡ଼ିଛି । ସଂସଦରେ ସେ ଏହି ଭୂତଠାରୁ ବର୍ଞ୍ଚିବା ପାଇଁ ବିରୋଧୀମାନଙ୍କ ଦୃଷ୍ଟି ଏଡ଼ାଇବାକୁ ଉଦ୍ୟମ ତ କରିଛନ୍ତି, କିନ୍ତୁ ତାହା ଏଯାଏଁ କାମ ଦେଇନି । ରାହୁଲ ଗାନ୍ଧୀ ତାଙ୍କଦ୍ୱାରା ହାସଲ କରାଯାଇଥିବା ନୂଆ ଆତ୍ମବିଶ୍ୱାସ ଏବଂ ଲୋକପ୍ରିୟତାଜନିତ ମହିମା ବଳରେ- ଯାହାର ପ୍ରମାଣ ସ୍ୱରୂପ ରହିଛି ତାଙ୍କ ମୁଖମଣ୍ଡଳରେ ଅଯତ୍ନ ବର୍ଜିତ ଦାଢ଼ି- ଆଦାନୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଆକ୍ରମଣ କରିଛନ୍ତି; ତାଙ୍କ ଉପରେ ଅଭିଯୋଗ ଆଣିଛନ୍ତି ଯେ କେବଳ ଭାରତରେ ନୁହେଁ, ଅନ୍ୟାନ୍ୟ ଦେଶମାନଙ୍କରେ ମଧ୍ୟ, ନିର୍ଦ୍ଦିଷ୍ଟ ଭାବରେ ଅଷ୍ଟ୍ରେଲିଆ ଏବଂ ଇସ୍ରାଏଲ ସହିତ ତାଙ୍କର କାରବାର କରି ପ୍ରଭୂତ ପରିମାଣରେ ଧନ ଅର୍ଜନ କରିବାକୁ ଗୌତମ ଆଦାନୀଙ୍କୁ ମୋଦୀଙ୍କୁ ମୋଦିଜୀ ଅନୁକମ୍ପା ଦେଖାଇଛନ୍ତି । ପୂର୍ବରୁ ଶ୍ରୀ ଗାନ୍ଧୀ କେତେକ ବଡ଼ କାରବାରରେ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠାଇ ଥିଲେ। ଏହା ଭିତରେ ଥିଲା ପ୍ରତିରକ୍ଷା ସାମଗ୍ରୀ କିଣା କାରବାର, ବିଶେଷକରି ରାଫାଲେ କାରବାର, ଯେଉଁଥିରେ ମୋଦୀ ସରକାର ଫ୍ରାନ୍ସ ସରକାରଙ୍କୁ ପ୍ରଭାବିତ କରି ଅନୀଲ ଅମ୍ବାନୀଙ୍କୁ ସାହାଯ୍ୟ କରିଥିଲେ ବୋଲି ସେ ଅଭିଯୋଗ କରିଥିଲେ । ସେ ସମୟରେ ଚୌକିଦାର ଚୋର ହେଁ ଭଳି ଏକ ନାରା ମଧ୍ୟ ପ୍ରସ୍ତୁତ କରିଥିଲେ ମୋଦୀ ସରକାରଙ୍କୁ ଆକ୍ରମଣ କରିବା ପାଇଁ । କିନ୍ତୁ ନିର୍ବାଚନରେ ତାହା କଂଗ୍ରେସ ସପକ୍ଷରେ କୌଣସି ଉଲ୍ଲେଖନୀୟ ଫଳାଫଳ ଆଣିବାରେ ସକ୍ଷମ ହୋଇ ନଥିଲା କି ମୋଦୀଙ୍କ ସୁଖ୍ୟାତିର ସାମାନ୍ୟ ପରିମାଣରେ ସୁଦ୍ଧା କ୍ଷତି ଘଟାଇ ପାରି ନଥିଲା । ତେବେ ଆଦାନୀ ପ୍ରସଙ୍ଗରେ ବିରୋଧୀ ଦଳର ଜଣେ ନେତା ଭାବରେ ରାହୁଲ ତାଙ୍କର ନୂଆ ଅବତାରର ପ୍ରଶ୍ନବାଣ ଛାଡ଼ିବା ପରେ ମୋଦୀଙ୍କ ଦ୍ୱାରା ତାକୁ ସହଜରେ ଏଡ଼ାଇ ଯିବା ସମ୍ଭବପର ହୋଇ ନଥିଲା। ଯଦିଓ ରାହୁଲଙ୍କ ବାଣ ପଛରେ ସେପରି କିଛି ବଳିଷ୍ଠ ପ୍ରମାଣ ନଥୁଲା, ତଥାପି ସେଣ୍ଟ୍ରେ ଏପରି କିଛି ରହିଥିଲା, ଯାହାକୁ ମୋଦିଜୀ ଗୁରୁତ୍ୱର ସହିତ ଗ୍ରହଣ କରିଥିଲେ ଏବଂ ପ୍ରତିଆକ୍ରମଣ କରିବାକୁ ଆଗେଇ ଆସିଥିଲେ । ପୂର୍ବ ଥରଗୁଡ଼ିକ ଭଳି, ଯେତେବେଳେ କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୃଢ଼ତାର ସହିତ ମେଁ ହେଁ ଚୌକିଦାର ଭଳି କଥା କହି, ତାଙ୍କ ବିରୁଦ୍ଧରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠା ଯାଇଥିବା ଅଭିଯୋଗଗୁଡ଼ିକୁ ହେୟଜ୍ଞାନ କରି, ଏମିତିକି ରାହୁଲ ଗାନ୍ଧୀଙ୍କ ଅଭିଯୋଗର ଦୃଢ଼ ଭିତ୍ତି ଥାଉ କି ନଥାଉ, ତାକୁ ଏଡ଼ାଇ ଯାଇଥିବା ଭଳି ଏଥର କରିପାରି ନାହାନ୍ତି । ଅବଶ୍ୟ ବିରୋଧାଭାସର କଥା ହେଉଛି, ରାହୁଲଙ୍କର ବ୍ୟବସାୟୀଙ୍କଦ୍ୱାରା କରାଯାଇଥିବା ଦୁର୍ନୀତି ଏବଂ ମୋଦୀ ସରକାରଙ୍କର ତା' ପଛରେ ଥିବା ସମର୍ଥନ ପ୍ରସଙ୍ଗ ଭୋଟରମାନଙ୍କ ମନରେ କିଛି ପ୍ରଭାବ ପକାଇ ପାରି ନଥିଲା, ଯେଉଁଥିପାଇଁ ୨୦୧୯ ନିର୍ବାଚନରେ ବିଜେପି ପୂର୍ବାପେକ୍ଷା ଅଧିକ ଭୋଟ୍ ପାଇଥିଲା । ବସ୍ତୁତଃ ଚଳିତ ବର୍ଷର ବଜେଟ୍ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କର ଅନେକ ଶତ୍ରୁ ଥିବା, ଯେଉଁମାନେ କି ତାଙ୍କ ସହିତ ମୁହାଁମୁହିଁ ଲଢ଼ିବାକୁ ଚାହୁଁଥିବା ଜଣା ପଡୁଥିବା ବେଳେ କେହି କିନ୍ତୁ ଯେଉଁସବୁ ପ୍ରସଙ୍ଗ ଉତ୍ଥାପନ କରାଯାଇ ତାହା କରାଯିବା କଥା, କରି ନଥିଲା । କିନ୍ତୁ ଏଥିରେ ପରିବର୍ତ୍ତନ ଦେଖା ଯାଇଥିଲା, ଯେତେବେଳେ ଭାରତ ଯୋଡ଼ୋ ଯାତ୍ରା ସମାପ୍ତ କରି ସଂସଦରେ ଚାଲୁ ରହିଥିବା ବଜେଟ୍ ଅଧିବେଶନ କାଳରେ ରାହୁଲ ପ୍ରବେଶ କରିଥିଲେ । ଏଥର ତାଙ୍କର ବକ୍ତବ୍ୟ, ତାଙ୍କ ଆକ୍ରମଣକୁ କେହି ବେଖାତିର କରି ନଥିଲେ, ଏବଂ ତା' ପରିବର୍ତ୍ତେ ଖୋଦ୍ ମୋଦୀଙ୍କ ନେତୃତ୍ୱରେ ବିଜେପି ପ୍ରତିଆକ୍ରମଣ କରିବାକୁ ଆଗେଇ ଆସିଥିଲା । ଦେଶ ଓ ସରକାରର ନେତା ଏବଂ ବିରୋଧୀ ଦଳର ନେତାଙ୍କ ମଧ୍ୟରେ ଏଭଳି ପ୍ରଶ୍ନୋତ୍ତରକୁ ଭାରତ ସଂସଦ ଅନେକ ବର୍ଷ ହେଲା ପ୍ରତ୍ୟକ୍ଷ କରି ନଥିଲା ।

# ରାମକଥା ଓ ବିଭିନ୍ନ ଭାଷାରେ ରାମ ସାହିତ୍ୟ

ରାମାୟଣ ଭାରତୀୟ ଜୀବନାଦର୍ଶର ବାଙ୍ମୟୀ ପ୍ରକାଶ। ଏହା ମାନବର ଚିତ୍ତକୁ ଗଭୀର ଭାବରେ ପ୍ରଭାବିତ କରିପାରେ। ରାମାୟଣର ନୈତିକ, ଆଦର୍ଶ, ଜାତୀୟ ଜୀବନବୋଧ ସାମାଜିକ ଚଳଣି ପ୍ରଭୃତି କାଳ କାଳ ଧରି ଏ ଜାତିର ଚିନ୍ତା ଚେତନା ଓ ଭାବ ବଳୟକୁ ଶାଣିତ କରିପାରିଛି। ଭାରତୀୟ ଜୀବନ ସଭ୍ୟତା ଓ ସଂସ୍କୃତିର ଏହା ହିଁ ଜୀବନ ବେଦ। ଏଥିରେ ପ୍ରାକ୍ତନ ଜୀବନଧାରା ଐତିହ୍ୟ ଓ ମାନବୀୟ ମନୀଷାର ଚିତ୍ର ଅତି ସୁନ୍ଦର ଭାବରେ ବର୍ଣ୍ଣିତ। ଏଣୁ ରାମାୟଣ ଭାରତୀୟ ଜୀବନର ମହାନ ଗଙ୍ଗୋତ୍ରୀ। ଏହା ଭାରତୀୟ ସଂସ୍କୃତିକୁ ଯେ ପ୍ରଭାବିତ କରିପାରିଛି ତା ନୁହେଁ, ପରନ୍ତୁ ଏହା ଭାରତର ବ୍ୟକ୍ତିଗତ ଜୀବନ, ଗାର୍ହସ୍ଥ୍ୟ ଜୀବନ, ସାମାଜିକ ଜୀବନ ଓ ରାଷ୍ଟ୍ରୀୟ ଜୀବନଧାରାକୁ ନିୟନ୍ତ୍ରିତ କରିପାରିଛି। ଭାରତୀୟ ସଂସ୍କୃତି ଓ ଧର୍ମଧାରଣାର ମୌଳିକ ଭିତ୍ତିଭୂମି ହେଉଛି ବେଦ, ବେଦାନ୍ତ, ଉପନିଷଦ ଓ ପୁରାଣ। ପୁରାଣ ଓ ଅନ୍ୟାନ୍ୟ ଦର୍ଶନଶାସ୍ତ୍ର ଧର୍ମ ଆଧାରିତ। ରାମାୟଣ ହେଉଛି ଏକ ଶାଶ୍ୱତ ଅମର କାବ୍ୟ। ମନୁଷ୍ୟ ପ୍ରାଣର ପ୍ରେରଣା ପାଇଁ ଆଧ୍ୟାତ୍ମିକ ମାର୍ଗର ଉନ୍ନତି ପାଇଁ, ଜୀବନର ମାର୍ଗ ଦର୍ଶନ ପାଇଁ ତତ ସଙ୍ଗେ ସଙ୍ଗେ ଭାରତୀୟ ସଂସ୍କୃତି ସଂପର୍କରେ ଅବହିତ ହେବା ପାଇଁ ରାମାୟଣର ପ୍ରୟୋଜନ ଏକାନ୍ତ ଅପରିହାର୍ଯ୍ୟ। ରାମାୟଣ ଓ ମହାଭାରତର ଆଦର୍ଶ ଆମ ଭାରତ ବର୍ଷରେ ଥିବା ବର୍ଣ୍ଣବୈଷମ୍ୟ ଭିନ୍ନ ଭିନ୍ନ ଭାଷା ତଥା ବିଭିନ୍ନ ରୁଚିର ବିଶାଳ ଜାତିକୁ ଏକାଠି ବାନ୍ଧି ରଖିପାରିଛି। ସେହି ଦୃଷ୍ଟିରୁ ମୁନି ବାଲ୍ମୀକି ଆମ ନିକଟରେ ଚିର ନମସ୍ୟ।

ପଞ୍ଜାବୀ ସାହିତ୍ୟରେ ରାମକଥା : ଭାରତରେ ଅନ୍ୟାନ୍ୟ ସାହିତ୍ୟ ପରି ପଞ୍ଜାବୀ ଭାଷାରେ ରାମାୟଣ ବିଶେଷ ଭାବରେ ରଚିତ। ଗୁରୁଗୋବିନ୍ଦ ସିଂହ ତାଙ୍କ କାବ୍ୟରେ ସତୀ ସୀତାଙ୍କୁ ଶ୍ରେଷ୍ଠ ଆସନ ପ୍ରଦାନ କରିଛନ୍ତି। ପଞ୍ଜାବୀ ଭାଷାରେ ରାମାୟଣର ଅଭାବକୁ ଅନୁଭବ କରି ଅମରନାଥ ଚୋପ୍ରା ପ୍ରଥମେ ରାମାୟଣ ରଚନା କଲେ। ସେ ବାଲ୍ମିକୀ ରାମାୟଣକୁ ପଞ୍ଜାବୀ ଭାଷାରେ ଅନୁବାଦ କରିଥିଲେ। ପରବର୍ତ୍ତୀ କାଳରେ ଦିନଲାଲ ଶାସ୍ତ୍ରୀ (୧୮୫୩)ରେ ରାମକଥା ଏବଂ ରାମଗୀତ ରଚନା ହୋଇଛି। ଅତି ସହଜ ସରଳ ତରଳ ଭାଷା ଓ ସାବଲୀଳ ଭଙ୍ଗୀରେ ଏହା ରଚିତ ହୋଇଛି। ୧୮୯୪ ଜ୍ଞାନୀ ସନ୍ତସିଂହ ସତୀକ ତୁଳସୀ ରାମାୟଣ ପଞ୍ଜାବୀ ଭାଷାରେ ବିଶେଷ ଜନାଦୃତ। ଜ୍ଞାନୀ ଈଶ୍ୱରସିଂହ ତୁଳସୀ ଦାସଙ୍କ ରାମଚରିତକୁ 'କବିତାବଳୀ ରାମାୟଣ' ନାମରେ ଅନୁବାଦ କରିଛନ୍ତି। ପଞ୍ଜାବର ପାରିବାରିକ ଜୀବନ ତଥା ସାମାଜିକ ଜୀବନ ଧାରା ଉପରେ ରାମକଥାର ପ୍ରଭାବ ପରିଲକ୍ଷିତ ହୋଇଥାଏ। କାଶ୍ମୀର ସାହିତ୍ୟରେ



ଡା. ଦିଲ୍ଲୀପ କୁମାର ମହାରଣା


ଗୁରୁଗୋବିନ୍ଦ ସିଂହ ତାଙ୍କ କାବ୍ୟରେ ସତୀ ସୀତାଙ୍କୁ ଶ୍ରେଷ୍ଠ ଆସନ ପ୍ରଦାନ କରିଛନ୍ତି। ପଞ୍ଜାବୀ ଭାଷାରେ ରାମାୟଣର ଅଭାବକୁ ଅନୁଭବ କରି ଅମରନାଥ ଚୋପ୍ରା ପ୍ରଥମେ ରାମାୟଣ ରଚନା କଲେ। ସେ ବାଲ୍ମିକୀ ରାମାୟଣକୁ ପଞ୍ଜାବୀ ଭାଷାରେ ଅନୁବାଦ କରିଥିଲେ। ପରବର୍ତ୍ତୀ କାଳରେ ଦିନଲାଲ ଶାସ୍ତ୍ରୀ (୧୮୫୩)ରେ ରାମକଥା ଏବଂ ରାମଗୀତ ରଚନା ହୋଇଛି। ଅତି ସହଜ ସରଳ ତରଳ ଭାଷା ଓ ସାବଲୀଳ ଭଙ୍ଗୀରେ ଏହା ରଚିତ ହୋଇଛି। ୧୮୯୪ ଜ୍ଞାନୀ ସନ୍ତସିଂହ ସତୀକ ତୁଳସୀ ରାମାୟଣ ପଞ୍ଜାବୀ ଭାଷାରେ ବିଶେଷ ଜନାଦୃତ। ଜ୍ଞାନୀ ଈଶ୍ୱରସିଂହ ତୁଳସୀ ଦାସଙ୍କ ରାମଚରିତକୁ 'କବିତାବଳୀ ରାମାୟଣ' ନାମରେ ଅନୁବାଦ କରିଛନ୍ତି। ପଞ୍ଜାବର ପାରିବାରିକ ଜୀବନ ତଥା ସାମାଜିକ ଜୀବନ ଧାରା ଉପରେ ରାମକଥାର ପ୍ରଭାବ ପରିଲକ୍ଷିତ ହୋଇଥାଏ।


ରାମକଥା : କାଶ୍ମୀର ଭାଷା ଓ ସାହିତ୍ୟରେ ରାମାୟଣର ପ୍ରଚାର ଓ ପ୍ରସାର ବହୁଳ ଭାବରେ ପରିଲକ୍ଷିତ ହୁଏ। ରାମଚନ୍ଦ୍ରଙ୍କ 'ରାମାୟଣ ମଞ୍ଜରୀ' କାଶ୍ମୀରରେ ବିଶେଷ ଜନପ୍ରିୟ। ଏହାର ରଚନାଶୈଳୀ, ବର୍ଣ୍ଣନା ଚାତୁରୀ ତଥା କଳ୍ପନା ବିଳାସ ଆଦି କବି ବାଲ୍ମିକୀଙ୍କ ଠାରୁ ଉନ୍ନତ ଓ ପରିମାର୍ଜିତ। କାଶ୍ମୀରରେ ମୋଗଲମାନଙ୍କ ରାଜତ୍ୱ ସମୟରେ ପର୍ଶିୟାନ ମାନଙ୍କ ଦ୍ୱାରା ରାମାୟଣ ବହୁଳ ଭାବରେ ପ୍ରଚାରିତ ହୋଇଥିଲା। ଏହି ସବୁ ରାମାୟଣ ମଧ୍ୟରେ ବହୁବିଧ ଉପାଖ୍ୟାନକୁ ଅବଲମ୍ବନ କରି 'କାଶ୍ମୀର ରାମାୟଣ', 'ମସିହା ରାମାୟଣ' ଓ 'ପ୍ରକାଶ ରାମାୟଣ' ପ୍ରଭୃତି କାଶ୍ମୀର ସାହିତ୍ୟରେ ବିଶେଷ ଲୋକପ୍ରିୟ। କାଶ୍ମୀରର ବିଭିନ୍ନ ସ୍ଥାନ ଓ ଲୋକ ସମାଜରେ ରାମଚରିତ ମାନସ ଓ ରାମଲୀଳାର ପ୍ରଚଳନ ଥିବାର ଜଣାଯାଏ। ରାମାୟଣର ବିଭିନ୍ନ କଥାବସ୍ତୁକୁ ଆଧାର କରି କାଶ୍ମୀରରେ ବିଭିନ୍ନ ଲୀଳା ସାହିତ୍ୟର ସୃଷ୍ଟି। ୧୮୪୩ ଖ୍ରୀ.ଅ.ରେ ମହାରାଜା ରଣଭୀର ସିଂହଙ୍କ ଦ୍ୱାରା ରଚିତ 'ଶଙ୍କର ରାମାୟଣ' କାଶ୍ମୀରର ପ୍ରଥମ ରାମାୟଣ ରୂପେ ସ୍ୱୀକୃତିପ୍ରାପ୍ତ। ୧୮୪୬ରେ ରଚିତ 'ପ୍ରକାଶ ରାମାୟଣ' ରୋମାନ ଦେବନାଗରୀ ଏବଂ ପର୍ଶିୟାନ ଲିପି ମାଧ୍ୟମରେ କାଶ୍ମୀରରେ ବହୁଥର ମୁଦ୍ରିତ ହୋଇଛି। ଏତଦବ୍ୟତୀତ 'ବିଷ୍ଣୁ ପ୍ରତାପ ରାମାୟଣ', 'ଶର୍ମା ରାମାୟଣ', 'ନୀଳକଣ୍ଠ ରାମାୟଣ', 'ଅମ୍ବର ରାମାୟଣ' ପ୍ରଭୃତି ରାମାୟଣଗୁଡ଼ିକ ତୁଳସୀ ଦାସଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିବା ମନେହୁଏ।

ରାମ ଲକ୍ଷ୍ମଣଙ୍କ ବନବାସ ପରେ ମାତା କୌଶଲ୍ୟାଙ୍କର ପୁତ୍ର ବିଚ୍ଛେଦରେ କ୍ରନ୍ଦନ କାଶ୍ମୀର ଜନମାନସକୁ କରିଛି ଶୋକାକୁଳ ଏବଂ ରାମଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ମାତୃହୃଦୟର ଯେଉଁ ବ୍ୟଥା ଓ ବେଦନା ତାହା କାଶ୍ମୀର ଲୋକଗଳ୍ପ ଓ ଲୋକଗୀତରେ ଅତି ସୁନ୍ଦର ଭାବରେ ବର୍ଣ୍ଣିତ। କାଶ୍ମୀର ସାହିତ୍ୟରେ ରାମକଥାର ବହୁଳ ବର୍ଣ୍ଣନା ହେବାପୂର୍ବରୁ ଏହାର ଲୋକଗୀତ ଓ ଲୋକଗଳ୍ପରେ ରାମକଥା ବିଶେଷ ଜନପ୍ରିୟ ଥିଲା। ରାମାୟଣର ଆଦର୍ଶ ରାମ, ସୀତା ଓ ଲକ୍ଷ୍ମଣ ପ୍ରଭୃତି ଚରିତ୍ର ଗୁଡ଼ିକର ପରିକଳ୍ପନା। କାଶ୍ମୀରର ବ୍ୟକ୍ତିଗତ ଓ ପାରିବାରିକ ଜୀବନ ଉପରେ ଯଥେଷ୍ଟ ପ୍ରଭାବ ବିସ୍ତାର କରିବା ସଙ୍ଗେ ସଙ୍ଗେ ସେଠାକାର ସାମାଜିକ ଓ ସାଂସ୍କୃତିକ ଜନଜୀବନକୁ ନିୟନ୍ତ୍ରିତ କରିପାରୁଥିଲା।

ଭାରତର ବିଭିନ୍ନ ଭାଷାରେ ରାମାୟଣ ଅନୁବାଦ, ସମ୍ପାଦନା ଓ ବିଭିନ୍ନ ସ୍ଥାନୀୟ ଅଞ୍ଚଳର ଲୋକକଥାକୁ ନେଇ ରାମସାହିତ୍ୟ ଆହୁରି ଉଜ୍ଜୀବିତ ହୋଇଛି। ମର୍ଯ୍ୟଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ସମସ୍ତଙ୍କୁ ଆଶୀର୍ବାଦ କରନ୍ତୁ ଏହା ହିଁ କାମନା।


+ ଶିଖରପୁର ଉପରସାହି, କଟକ
ମୋ: ୮୨୮୦୯୬୩୨୮୩


# ସ୍ୱର୍ଗତ ନବବାବୁଙ୍କୁ ମାରିଥିବା ବ୍ୟକ୍ତି ଜଣକ ଦଣ୍ଡ ପାଇବ ତ?

ନବବାବୁଙ୍କ ଦଶାହ ସରିଲା । ଅତି ଦୁଃଖ ସମୟ କଟିଲା। ପରିବାର ଏହି ଦୁଃଖକୁ କେବେ ବି ଭୁଲି ପାରିବେ ନାହିଁ । ଓଡ଼ିଶାର ଇତିହାସରେ ଏମିତି କେବେ ହୋଇ ନଥିଲା । ଏମ.ଏଲ.ଏ ପର୍ଯ୍ୟନ୍ତ ଯାଇ ଥିଲା । ଜନ ସାଧାରଣଙ୍କ ଗୋଟାଏ ପ୍ରଶ୍ନ ରାଜ୍ୟରେ ଯଦି ଦିନ ଦ୍ୱିପହରରେ ହଜାର ହଜାର ଲୋକଙ୍କ ସମ୍ମୁଖରେ ଜଣେ ଡ୍ୟୁଟିରତ ପୋଲିସ ଗୁଳି କରି ମାରି ଦେଇ ପାରିଲେ, ତେବେ ଆମେ ଭାବିବା ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ ଏବଂ ଆମ ରାଜ୍ୟରେ ଆମେ କେହି ସେଫ ନୁହଁ । ପୁଲିସ ଅଫିସର ଗୁଳି କରି ମାରିବା ଦୃଶ୍ୟ ଏବଂ ସମସ୍ତଙ୍କ ସମ୍ମୁଖରେ । ଏହାପରେ ପୁଲିସ ହାତରେ ତ ସବୁକିଛି । ପ୍ରମାଣର କୌଣସି ଆବଶ୍ୟକତା ନାହିଁ ଏବଂ ସେ ମାନି ନେଇଛନ୍ତି ଯେ ସେ ଜାଣି ଶୁଣି ନିଜ ସର୍ଭିସ୍ ରିଭଲବରରୁ ଗୁଳି କରି ମାରିଛନ୍ତି । କାରଣ ମଧ କହିଛନ୍ତି ଯେ ସେ କୁଆଡ଼େ ତାଙ୍କୁ ଭଲ ପାଉନଥିଲେ ଏବଂ ତାଙ୍କର କାର୍ଯ୍ୟକଳାପ ତାଙ୍କୁ ଭଲ ଲାଗୁ ନଥିଲା । ତେବେ ଦଣ୍ଡ ଦେବାର ଅସୁବିଧା କଣ? ଗୋଟାଏ ପ୍ରଶ୍ନ ରହି ଯାଉଛି ଇଏ ଏକୁଟିଆ ନା ଏହା ସହିତ ଆଉ କେହି ଜଡ଼ିତ ଅଛନ୍ତି? ଆମେ ଜାଣିଛୁ ପୋଲିସ ବାବୁ ମାନଙ୍କୁ ଭଲ ଭାବରେ ଜଣା ଏବେ କେମିତି ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କଠାରୁ କଥା ଆଦାୟ କରା ହୋଇଥାଏ । ଏହାପାଇଁ କଣ ଆଇ ବଦଳି ଗଲା । ଯେହେତୁ ଏହି ବ୍ୟକ୍ତି ଜଣକ ତାଙ୍କ ଜାତି ଭାଇ ମାନଙ୍କ ମଧ୍ୟରୁ ଜଣେ। ଏ.ଡି.ଜି ପହଂଚିଲେ, ଡି.ଜି ପହଂଚିଲେ ଏବଂ ପୂର୍ବରୁ ଅପାରଗ ଅଫିସରମାନଙ୍କୁ ହଟାଇ ଦିଆଯାଇଛି, ତଥାପି ଅନୁସନ୍ଧାନ ଅଟକୁଛି କେଉଁଠି? ରାଜ୍ୟର ସବୁଠାରୁ ପାରଙ୍ଗମ ଅଫିସରଙ୍କୁ ଏହାର ଦାୟିତ୍ୱ ଦିଆ ହୋଇଛି । ତଥାପି ନାର୍କୋ ଟେଷ୍ଟର ଦରକାର ପଡ଼ିଲା ଏବଂ ବାବୁଙ୍କୁ ଉଡ଼ାଜାହାଜରେ ଗୁଜରାଟ ନେବାକୁ ପଡ଼ିଲା । ବାବୁଙ୍କ କହିବାନୁସାରେ ସେ ମଧ ଉଡ଼ାଜାହାଜରେ କେବେ ବସି ନଥିଲେ ଏବ ଆକାଶରେ ଉଡ଼ିବାର ମଜା ମଧ ନେଲେ । ଏହି ଟେଷ୍ଟ ପୁଣି ଯାହାର କରାହେବ ସେ ରାଜି ହେବା ଦରକାର ଏବଂ କୋର୍ଟ ମଧ 'ହଁ' ମାରିବା ଦରକାର । ମିଡିଆବାଲା କହୁଛନ୍ତି ଗୋଟାଏ ନିଚ ସ୍ତରର ଅଫିସର ରାଜ୍ୟର ବଡ଼ବଡ଼ ପୋଲିସ ବାବୁମାନଙ୍କୁ ରୋଜଜ ପାଣି ପିଲେଉଛି । ଏହା ଯଦି ସତ ହୋଇଥାଏ ତେବେ ବିଭାଗ ଉପରେ କାହାରି ଆସ୍ଥା ରହିବ ନାହିଁ । ଏଟା ନିଶ୍ଚିତ ସାଧାରଣ ଜନତା ବିଭାଗର (କାଁ, ଭାଁ ଛାଡ଼ିଦେଲେ) ଅଫିସରମାନଙ୍କ ଉପରୁ ବିଶ୍ୱାସ ତୁଟାଇ ସାରିଛନ୍ତି କାରଣ ଖୋଦ୍ ଡି.ଜି ନିଜେ କହିଛନ୍ତି ମାରିବାର କାରଣ ଏକମାତ୍ର ଜଗନ୍ନାଥଙ୍କୁ ଜଣା । ସେ ବିଶେଷ କଣ କହିଲେ ବା ନୂଆ କଥା କଣ କହିଲେ । ଏବେଠୁ ଏକ କାମ କରିଲେ ହେଲା ଯା ଯାହାର ହେବ ସବୁକିଛି ଜଗନ୍ନାଥଙ୍କ ଉପରେ ଛାଡ଼ିଦେଇ ଘରେ ଚୁପ୍‌ଚାପ୍ ବସିବା ଏବଂ ଅପେକ୍ଷା କରିବା ଆମର ଠାକୁର କଣ କରିବେ ବା କହିବେ ଶୁଣିବା ଏବଂ ଦେଖିବା ।



ସୁବ୍ରତ କର


ଜନ ସାଧାରଣଙ୍କ ଗୋଟାଏ ପ୍ରଶ୍ନ ରାଜ୍ୟରେ ଯଦି ଦିନ ଦ୍ୱିପହରରେ ହଜାର ହଜାର ଲୋକଙ୍କ ସମ୍ମୁଖରେ ଜଣେ ଡ୍ୟୁଟିରତ ପୋଲିସ ଗୁଳି କରି ମାରି ଦେଇ ପାରିଲେ, ତେବେ ଆମେ ଭାବିବା ରାଜ୍ୟରେ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ ଏବଂ ଆମ ରାଜ୍ୟରେ ଆମେ କେହି ସେଫ ନୁହଁ । ପୁଲିସ ଅଫିସର ଗୁଳି କରି ମାରିବା ଦୃଶ୍ୟ ଏବଂ ସମସ୍ତଙ୍କ ସମ୍ମୁଖରେ । ଏହାପରେ ପୁଲିସ ହାତରେ ତ ସବୁକିଛି । ପ୍ରମାଣର କୌଣସି ଆବଶ୍ୟକତା ନାହିଁ ଏବଂ ସେ ମାନି ନେଇଛନ୍ତି ଯେ ସେ ଜାଣି ଶୁଣି ନିଜ ସର୍ଭିସ୍ ରିଭଲବରରୁ ଗୁଳି କରି ମାରିଛନ୍ତି ।






## ଚାଷୀଟିଏ ହେବି

### ଦୀନବନ୍ଧୁ ପୋଇ

ଚାଷୀଟିଏ ହେବି ଫସଲ କରିବି
ଲୋକେ ଯୋଗାଇବି ଆହାର
ଭୋକିଲା ପେଟରେ ରହିବେନି କେହି
ଦୁଃଖ ରଖିବିନି କାହାର ।

ଗଛକାଟିବିନି ଲଙ୍ଗଳ ପାଇଁ କି
ଗଢ଼ିବି ମୁଁ ଲୁହା ଲଙ୍ଗଳ
ସୁରକ୍ଷା ରହିଲେ ଗଛଲତା ଏଠି
ସଭିଙ୍କର ହେବ ମଙ୍ଗଳ ।

ଗଛ ଲଗାଇବି ଜଙ୍ଗଲ କରିବି
ନ ରହିବ ଜଳ ଅଭାବ
ଗଛ ଦେବ ଜଳ ଆଉ ଅମ୍ଳଜାନ
ଇଏତ ପ୍ରକୃତି ସ୍ୱଭାବ ।

ଖାଇଲେ ଆହାର ହେବ ବିଜ୍ଞ ନର
ମୁଁ ପରା ଖାଦ୍ୟର ବାହକ
କଳ ସହ ମୁହିଁ ଦେଇ ନିଜ ବଳ
ହେବିରେ ସଂସାର ରକ୍ଷକ ।

ରାସାୟନିକ ସାର ନ କରି ଆଦର
ଲୋଡ଼ିବି ମୁଁ ଗାଈ ଗୋବର
ଖତପିଡୁଆକୁ କେଦାରେ ଭରିବି
ଫସଲ ଫଳିବ ଜବର ।

ଜନମ ମୋ ଚଷା ହୋଇ ଲୋକହସା
ଆନକୁ ଯୋଗାଏ ଆହାର
ପିଲାପିଲି ମୋର ମୁରୁଖ ହୁଅନ୍ତି
ନଜର ପଡେନି କାହାର ।

ଏତିକି ଜାଣିଛି ଜେଜେଠୁ ଶୁଣିଛି
ଅସଲ ମଣିଷ କୃଷକ
ବଂଶ ବୁନିଆଦି କରୁଥିବୁ ଚାଷ
ହୋଇ କି ଦେଶର ସେବକ ।

ଗୋରଡ଼ା ପାଳ
ଢେଙ୍କାନାଳ
ମୋ:୯୯୩୮୮୦୨୪୧୨

## ଋତୁରାଜ ବସନ୍ତ

### ନୂତନ କୁମାର ବେହେରା

ଋତୁରାଜ ବସନ୍ତ ନ୍ୟାୟବନ୍ତ
ସ୍ୱଭାବ ସରଳ ନମ୍ର ଶାନ୍ତ
ଆଗମନେ ତା'ର
ଶୀତକଷ୍ଟ ହୁଏ ଅନ୍ତ,
ମନରେ ଝଲସେ ରଙ୍ଗଭରା ସପନ
ଉତ୍‌ଫୁଲ୍ଲିତ ହୋଇ ଉଠେ ଦିଗ ଦିଗନ୍ତ।
ସିନ୍ଦୁରା ଫଟାଇ ପୂରୁବ ଦିଗରେ
ଉଇଁ ଆସେ ବାଳ ସୂରୁଜ,
ନୂଆ ସକାଳ ହସେ ଖୋଲା ହସ
ଆଙ୍କି ଦେଇ ଚିକ୍ ମିକିଆ
ହଳଦୀ ଫୁଲିଆ ସୁନେଲି ମୁରୁଜ।
ଫଗୁଣ କୁମାରୀ ହେଉଛି ସଜ
ତନୁଲତାରେ ବୋଳି ତାର
ପ୍ରସାଧନର ଫଗୁ ରଙ୍ଗ
ଖଞ୍ଜି ଅଙ୍ଗରେ ଅଳଙ୍କାର ନା ନା
ପ୍ରାଣକୁ ପୁଲକେ ପୁଲକାଇ
କରୁଛି ହରଷେ ସରସେ ସତେଜ,
ଓଠ ତାର ନାଲି ଟହଟହ
ମଧୁବୋଳା ପ୍ରେମ ପ୍ରୀତି ଭାବ
ହସ ଝଲସେ ସ୍ଥିର ବିଜୁଳି ପ୍ରାୟ
ଆଖିରେ ତାର ଆଖିଏ
ଅଙ୍କୁରି ଉଠେ ସପନର ସାଇତା ବୀଜ।
ଅଭିସାରିକା ବେଶେ ଚକିତ କରେ
ଅଭିନବ ତା' ରୂପ ଲାବଣ୍ୟର ସୁଷମା
ଓଢଣୀ ଉଡାଏ ମୃଦୁ ମଳୟ
କଳ୍ପନାର କଳ୍ପରେ କରି ମନ ମଉଜ,
ପ୍ରକୃତି ଆକୃତି ସୌନ୍ଦର୍ଯ୍ୟ ରୁଚି ପ୍ରତି
ସରାଗରେ ଯତନ କରେ ଅତି
ଜଣାଇ ଦିଏ ଉତ୍ସୁକତାରେ
ଭୁବନେ ଭବନେ
ଋତୁରାଜ ବସନ୍ତ ବିରାଜ।
ଶୋଭା ଶିରୀର ମହା ସମ୍ଭାର
ନେଇ ଆସିଛି ବୋଲି ସେ ଋତୁରାଜ,
ବଉଳେ ଆମ୍ବ ବଉଳ ଫୁଟେ କୃଷ୍ଣଚୂଡ଼ା
ବାସ ନ ଥାଇ ବି ପଳାଶଫୁଲ
ଝଟକି ଉଠି କରେ ଦାଉ ଦାଉ
ଦୁଃଖର ଜୀବନକୁ କରି ତାର ସହଜ।
ଛନ୍ଦ ତାଳ ଲୟର ସମନ୍ୱୟେ
କୋଇଲି ନହୁଲି ଗାଏ ଗୀତ
କୁ...କୁ... ମଧୁର ସ୍ୱରେ
ଗହଳ ଡାଳ ପତରର ଭିତରେ
ସରମି ଯାଇ କରେ ସେ ଲାଜ,
ହଳଦୀବସନ୍ତ ବି ଗାଏ ଉଲ୍ଲସି
ପ୍ରାଣ ପ୍ରାଚୁର୍ଯ୍ୟର ମଧୁମୟ ସଂଗୀତ
ମୂର୍ଚ୍ଛନାରେ ତାଙ୍କର
ଗୁଞ୍ଜରିତ ହୁଏ ଧରା
ଜୀବନ ଧାରାର ହୁଏ କ୍ରମ ପରିବର୍ତ୍ତନ
ଋତୁରାଜ ବସନ୍ତ ମର୍ତ୍ତ୍ୟରେ ବିରାଜ।

ବାରିପଦା, ମୟୂରଭଞ୍ଜ

## ପ୍ରେମର ପରିଭାଷା

### ସୁମନ ଲେଙ୍କା

ପ୍ରେମ କେବେ ସ୍ମୃତିର ରଙ୍ଗିନ୍ ଚିତ୍ରପଟ୍ଟ
କେବେ ଭାବନା ରାଇଜର
ଅକୁହା ବେଦନା

ପ୍ରେମ କେବେ
ଚନ୍ଦ୍ର ବିଧୌତ ସନ୍ଧ୍ୟାର ଆଭା
କେବେ ଅମା ଅନ୍ଧକାରର ନିସ୍ତବ୍ଧ ରାତ୍ରି

ପ୍ରେମ କେବେ
ଆଖିର ଲୁହରେ ଭିଜିଯାଏ
କେବେ ଭିଜେଇ ଦେଇ ଯାଏ
ହୃଦୟର ପ୍ରତିଟି ପୃଷ୍ଠା

ପ୍ରେମ କେବେ ଅଦୃଶ୍ୟ ଦହନର ଜ୍ୱାଳା
କେବେ କାକର ବିନ୍ଦୁର ଶୀତଳ ପରଶ

ପ୍ରେମ କେବେ
ଲୁହ ଆଉ କୋହର ମିଳନ
କେବେ ଦୁଇ ହୃଦୟର ଅମୃତ ବନ୍ଧନ

ପ୍ରେମ କେବେ ମନର ପବିତ୍ର ମନ୍ଦାକିନୀ
କେବେ ଅଧା ଗଢା ସ୍ୱପ୍ନର ତାଜମହଲ

ପ୍ରେମ କେବେ ଏକ ଅଜଣା ରାଇଜର
ଅସୁମାରି ସ୍ୱପ୍ନ କେଉଁ ଏକ ମନର କୋହ

ପ୍ରେମ କେବେ.......
ମିଳନର ଅପୂର୍ବ ଆନନ୍ଦ
କେବେ ବିଚ୍ଛେଦର ଅକୁହା ଯନ୍ତ୍ରଣା ।

+ ଅଲଣା-୨, ବଛାଲୋ, ନାଉଗାଁ,
ଜଗତସିଂହପୁର
ମୋ-୭୮୪୮୦୬୨୫୧୦

## ଔଷଧି ବୃକ୍ଷ

### ସୁନୀଲ କୁମାର ପ୍ରଧାନ



ଘର ପାଖେ ମୋର କେତେ ବୃକ୍ଷ ଅଛି
ଲାଗୁଅଛି ମୋ ହିତରେ
କେତେ ନାନା ଚେର ମୂଳି ଭରି ଅଛି
ଦେଇଛି ସବୁ ବିହିରେ ।

ଥଣ୍ଡା କାଶ ହେଲେ ତୁଳସୀ ଟିକିଏ
ଦୁଇ ପାନ ଖାଇଦେଲେ
ଏହି ରୋଗ ଆଉ ଦେଖା ଯାଏ ନାହିଁ
ନିୟମିତ ଖାଉଥିଲେ ।

ଆଘାତ ହୋଇଲେ ଫୁଲୁରି ପତର
ଦେଇଦେଲେ ତାକୁ ଲେପ
କଷ୍ଟ ଯନ୍ତ୍ରଣାରୁ ଉପଶମ ମିଳେ
ଏହା ଅଟେ ତାର ରୂପ ।

ନିମ୍ବ ପତ୍ରେ ଅଛି ବଢ଼ିଆ ଔଷଧ
ନଷ୍ଟ କରେ ସେ ଜୀବାଣୁ
ଶରୀର ପାଇଁକି ଉତ୍ତମ ପଦାର୍ଥ
ମିଳଇ ପୋଷକ ଅଣୁ ।

ଚକର ଗରୁଡ଼ ପାତାଳ ରହିଛି
ଏ ତିନୋଟି ଚେର ମୂଳି
ସରୀସୃପ ଆକ୍ରମଣେ ଲଗାଇଲେ
ବିନ୍ଧା ଟଣା ଯିବା ଭୁଲି ।

ଗାଆଁରେ ମୋହର ଏହି ଦ୍ରବ୍ୟ ସବୁ
ମିଳିଯାଏ ଘରପାଖେ
ଶରୀର ହିତରେ ରହିଛି ଔଷଧ
ବୃକ୍ଷ ରଖ ନିଜ ପାଖେ(ଘରେ) ।

ଘରୋଇ ଉପଚାର ଅଟେ ଏ ସବୁ
ମିଳଇ ପରା ସୁଫଳ
ହାତପାଖେ ଆମ ଏହା ରହିଅଛି
କାହିଁ ହେବା କଳବଳ ।

+ ଝାଟିପଦର, ପାଲୁର, ଗଞ୍ଜାମ
ମୋ - ୭୬୦୯୯୩୪୩୬୬

# ହୀନମନ୍ୟତାର ଦ୍ୱାହିରେ...





**ପ୍ରଶାନ୍ତ ଚନ୍ଦନ**

ଏମିତି ଭାଲେଣ୍ଟାଇନ ଡେ ପାଖେଇ ଆସିଲେ ହିଁ ସେ ଦୁହିଁଙ୍କର ମନେପଡେ ପ୍ରିୟବ୍ରତର...

ଜଣକର ନାଁ ଥିଲା ସ୍ୱର୍ଣ୍ଣମୟ ଓ ଅନ୍ୟ ଜଣକର ନାଁ ଥିଲା ଲିପିକା ତେବେ ସମସ୍ତଙ୍କ ପାଇଁ ସେମାନେ ଖାଲି ସ୍ୱର୍ଣ୍ଣ ଖାଲି ଲିପି ହୋଇ ରହି ଯାଉଥିଲେ ମାତ୍ର ନା ରୋଜ୍ ଗୋଲାପ, ଦେବାକୁ ପଡିଥିଲା ନା ପ୍ରପୋଜ୍ ପ୍ରସ୍ତାବ ପକାଇବାକୁ ପଡିଥିଲା। ତା'ପରେ ଚକୋଲେଟ୍ ଦେବାକୁ ପଡିଥିଲାନା ଟେଡି ଲୋମସ କଣ୍ଢେଇ ନା ପ୍ରମିଜ୍ ପ୍ରତିଶୃତି ନା ହଗ୍ ଆଲିଙ୍ଗନ ବା କିସ୍ ଚୁମ୍ବନ ଦେଇ ଆରମ୍ଭ କରା ଯାଇଥିଲା। ମାତ୍ର ସ୍ୱର୍ଣ୍ଣ କହୁଥିଲା ଯାହା ପ୍ରିୟବ୍ରତର ଏବେ ବି ମନେଅଛି...

ସେ ଦିନେ ରାତିରେ ତା'ର ପ୍ରକାଶିତ ଗଳ୍ପ, କବିତା ବହି, ଖବରକାଗଜ ସଙ୍ଗ୍ରହ କରି ଏକମୁହାଁ ହୋଇ ଫେରି ଆସୁଥିଲା ନିଜ ସ୍କୁଟିରେ...

ପୁଣି ଥଣ୍ଡା ଦିନ ତେଣୁ ସାଢେ ଆଠ ହେଉ, ହେଉ ରାସ୍ତା ଘାଟ ପୁରା ଶୁନ୍ୟ କହିଲେ ଚଳେ । ଗୋଟେ, ଅଧେ କାଁ ଭାଁ ଯା'ଆସ କରୁଥାନ୍ତି ଏବଂ ସ୍ୱର୍ଣ୍ଣ ତା'କୁ ଲିଫ୍ଟ ମାଗିଥିଲା । ଅବଶ୍ୟ ଏବେ ଭଳି କରୋନା କି ଲୁଟ୍ ପାଟ୍ ପାଇଁ ସେତେବେଳେ ବାରଣ ନ ଥିଲା । ତା'ସହ ଚିହ୍ନି ବି ନେଇ ସାରିଥିଲା ତେଣୁ ଆସ କହି ଦୁହେଁ ଚାଲି ଆସିଥିଲେ ସେ କହିଥିଲା ଟ୍ୟୁସନ୍ କରୁଛି ତ ଭଲ ତା'ପରଠୁ କଥାବାର୍ତ୍ତା, ଦେଖା ସାକ୍ଷାତ ହୋଇ ଆସି ଯାଉଥିଲା ପ୍ରିୟବ୍ରତ ପାଖକୁ...

ଆଜ୍ଞା, ଆପଣ ହୋଇ, ହୋଇ ପରିଶେଷକୁ ତମେ, ତୁ'ତା ଆସ, ଯ'ରେ ପହଞ୍ଚି ଯାଇଥିଲା ନ ହେଲେ ବୟସର ତାରତମ୍ୟ ଯେ ଊଣା ଅଧିକେ ଚଉଦ, ପନ୍ଦର ବର୍ଷ ପାଖାପାଖି ବ୍ୟବଧାନ ଥିଲା ! ପ୍ରିୟବ୍ରତ ତା'କୁ ସେଥିପାଇଁ ପ୍ଲସ୍ ଥ୍ରୀ ଶେଷ ହୋଇଗଲେ କମ୍ପ୍ୟୁଟର କୋର୍ସ ଗୋଟେ କରି ନେବାକୁ ପରାମର୍ଶ ଦେଉଥିଲା । ସ୍ୱର୍ଣ୍ଣ ବି କହୁଥିଲା ଭାଇନା ଏମିତି ବିଷୟ ବସ୍ତୁକୁ ନେଇ ଗଳ୍ପ ଲେଖନା... ଏମିତି ବିଷୟ ବସ୍ତୁକୁ ନେଇ କବିତା ଲେଖନା ବହୁତ ଭଲ ଲାଗୁଛି ତମର ଦୃଷ୍ଟିକୋଣ, ଚିନ୍ତାଧାରା ବା କୁହ ସୁତ୍ର ସ୍ୱତନ୍ତ୍ରତା ବଜାୟ ରଖୁଛି...

ପୁଣି ଦିନେ ପ୍ରାୟ ମାସେ କି ଦେଢ ମାସ ପରେ ଯାଇ ଆସି କହିଥିଲା ତା'କୁ ଭାଇନା ଅମୁକ ପତ୍ରିକାରେ ତମର ଯୋଉ କବିତା ପ୍ରକାଶିତ ହୋଇଛି ଜାଣି ସାରିଲ ନା ନାହିଁ ମୋତେ ତ ଭଲ ଲାଗିଲା ଓ ମୋ ପସନ୍ଦିୟ ହେଉ, ହେଉ ତ ଜିଭ କାମୁଡି ପକାଇଥିଲା ସ୍ୱର୍ଣ୍ଣ । ହଠାତ୍ ବୁଝି ପାରି ନ ଥିଲା ପ୍ରିୟବ୍ରତ ପରେ, ପରେ ଗୋଡରୁ ମୁଣ୍ଡ ଯାଏ ନିରିକ୍ଷଣ କରି କହିଥିଲା ଅଯଥା ବ୍ରେକ୍ କାହିଁକି ହେଲା ପୁରା କରୁନୁ ଆଗ...

ନ ହେଲେ ସେ ମଣିଷ କହିବନି କହିବ ବିଲେଇ । ଦେଖ୍ କେମିତି ଆଖି ବନ୍ଦ କରି ଗୋରସ ପିଇ ଯାଉଛି ଭାବୁଛି ତା'କୁ କିଏ ଦେଖୁନି...

ଇସ୍ ଭାଇ ତମେ ଏତେ ବଡ ହୋଇ ଯେ କହି ମୁଣ୍ଡ, କାନ କୁଣ୍ଡାଇ, କୁଣ୍ଡାଇ ସ୍ପିଡ୍ କରିଥିଲା କେମିତି କହିବି ପସନ୍ଦିୟ ତ ନୁହେଁ ତେବେ ସେ ତା'ର ପ୍ରିୟ ଟ୍ୟୁସନ୍ ଛାତ୍ରି...

ଓହୋ ବାବୁ ତା'ହେଲେ ପାଠ ସହ ଶାଠରେ ବି ଧୁରନ୍ଧର ହୋଇ ଗଲାଣି ନେଇ ତେବେ ଛାଡ୍ ସ୍ୱର୍ଣ୍ଣ ସେ ଧରିଲା ପରି ଆଉ କିଏ, କିଏ ଧରି ପାରି ନାହାନ୍ତି ତ । ଇସ୍ ଭାଇ...

କହି ପୁଣି କାନ, ମୁଣ୍ଡ କୁଣ୍ଡାଇ ହୋଇ, ହୋଇ କହି ଦେଇଥିଲା ସବୁ ଯିଏ ଥିଲା ଆଉ ଜଣେ ଛାତ୍ରି ସେ ପୁଣି ଅନ୍ୟ ଏକ ଛାତ୍ରିକୁ କହି ଦେବା ପରେ ଏବେ ସେ ଦୁଇ ଜଣକୁ ପଢାଉଛି ନ ହେଲେ ମୋଟ ଚାରି ଜଣକୁ ପଢାଇ ଆସୁଥିଲା ସ୍ୱର୍ଣ୍ଣ...

ଭଲ ହେଲା ସତ, ସତ କହି ଦେଲୁ ଯେ ସ୍ୱର୍ଣ୍ଣ ତୁ ପରା ତମ ଘରର ବାପା, ମା'ର ଏକୋଇର ବଳା ବିଶିକେସନ...

ଧେତ୍ କୋଉ ଅନ୍ଧବିଶ୍ୱାସର ବସୀଭୂତ ଯୁଗ ଆଗକୁ ଠେଲି ନେଉଛ ପୁଣି ତମେ ସେ କିଛି ବୁଝି ପାରୁନି ନ ହେଲେ ଶ୍ରବଣକୁମାର କ'ଣ ଏକା ନାହିଁ ବା ନ ଥିଲା ନାହିଁ ନା ତମେ ତା'କଥା କାହିଁକି କହିଲନି...

ଅର୍ଥାତ୍ ତୁ ତୋ'ପ୍ରେମ ପାଇଁ ବାପା, ମା'କୁ ବି ଛାଡିଦେବୁ । ସ୍ୱର୍ଣ୍ଣ ହସି, ହସି କହିଥିଲା ଆଉ କ'ଣ କରିବା ସେମାନଙ୍କର ଆଖି ଯେ ଠିକ୍ ତେଣୁ ଯଥା ସମ୍ଭବ ବୁଝାଇବାକୁ ଚେଷ୍ଟା କରିବା ନ ହେଲେ ଜାଣି, ଜାଣି ଅନ୍ଧ ହୋଇ ତା'ର କୃତକର୍ମ ପାଇଁ ସେମାନଙ୍କର ଗୋଲାମ ନ ହୋଇ ରହିବା। ପ୍ରିୟବ୍ରତ ଚୁପ୍ ହୋଇ ରହି ଯାଇଥିଲା । ଆଉ କ'ଣ ବା ଅଧିକ କହିଥାନ୍ତା ସେ ତେବେ ସ୍ୱର୍ଣ୍ଣ ଅନୁରୋଧ କରିଥିଲା ତା'କୁ ତା'ବାପା, ମା'ଙ୍କ କାନକୁ ଯେମିତି ନ ଯାଉ...

ସେମିତି ସେଦିନ ରାତିଯାକ ଶୋଇ ପାରି ନ ଥିଲା ପ୍ରିୟବ୍ରତ ଓଲଟି ଖାଲି ଭାବି ଯାଇଥିଲା ଅନେକ କଥା...

ସେ ଅନେକ କଥା ଭିତରେ ଯେ ଜାତିର ବାସନ୍ଦ ତଥା ବାଧା ବିଘ୍ନ କାହିଁ କେତେ ଯୋଡା ପ୍ରେମିକ, ପ୍ରେମିକାକୁ ଅକାଳରେ ମୃତ୍ୟୁ ଗର୍ଭକୁ ଠେଲି ଦେଇଛି କା'ର ହିସାବ ଅଛି କି ତା'ପାଖରେ...

ମାତ୍ର ସ୍ୱର୍ଣ୍ଣ ପରି ଲିପି ପରି ହଜାର, ହଜାର, ଲକ୍ଷ, ଲକ୍ଷ ପ୍ରେମ କରି ଚାଲୁଛନ୍ତି କାହିଁକି, କ'ଣ ଶେଷରେ ସେମାନଙ୍କ ଯୋଡିକୁ ସ୍ୱୀକୃତି ମିଳିଯିବ କି ଆଶାରେ...

ନା ସେତକ ହିଁ ସେମାନଙ୍କର ଭାଗ୍ୟ, ଭବିଷ୍ୟତ ବୋଲି ଧରି ନେଉଛନ୍ତି ଯେ କ'ଣ କହିବ କିଏ...

ତେଣୁ ସେ ସ୍ୱର୍ଣ୍ଣକୁ କହିବ ଅତି ଶୀଘ୍ରତା କରନା ଟଙ୍କା ପଇସା ସହ ଘର ଦ୍ୱାର ବି ଲୋଡା ପଡେ ପ୍ରେମରେ... ଆଉ ତୋତେ ଯେ କେତେ ବର୍ଷ ହୋଇଛି ଭାବୁନୁ ନିଜେ...

କେମିତି ଗୋଟେ ବୀଚିକିଟିଆ ହସ ହସିଥିଲା ପ୍ରଥମେ ସ୍ୱର୍ଣ୍ଣ ଏବଂ ତା'ପରେ ଯାଇ ଯାହା କହିଥିଲା ନା ଏବେ ବି ସ୍ମୃତିକୋଷରେ ଜୀବନ୍ତ ହୋଇ ରହିଛି ତା'ଥିଲା ସେମାନଙ୍କର ବିଶ୍ୱାସ ଓ ପରସ୍ପର, ପରସ୍ପରକୁ ବୁଝାମଣା କରି ଆସିବାର ସହର୍ଷ ସ୍ୱୀକୃତି ସେ କ'ଣ ଜାଣିନି ଜାଣିଛି ଭାଇ ତେଣୁ ସେ ଏକା ନୁହଁ ତା'ଭାଲେଣ୍ଟାଇନକୁ ବି କହି ଦେଇ ସାରିଛି କିଛି, କିଛି ଅର୍ଥ ବି ଜମା କରିବାକୁ ଚେଷ୍ଟା କର । ଆଉ ସେ ନିଜେ ଦଶ ହଜାର ନଗଦ ଟଙ୍କା ଜମା କରି ସାରିଲାଣି ତା'ପରେ ବ୍ୟାଙ୍କ୍'ରେ ଖାତାଟେ କରିଛି ଯେ ସେଠି ବି ଅଛି ଛଅ ହଜାର ଉପର ପର୍ଯ୍ୟନ୍ତ ରହିଛି ଟଙ୍କା...

ସେମିତି ଲିପି ଅଠର ହଜାର ସାଙ୍ଗକୁ ତା'ମା' ତିଆରି କରି ଦେଇଥିବା ସୁନାହାର, ମୁଦି ଗହଣା, ଗୁଣା ଆଦି କ'ଣ ଯଥେଷ୍ଟ ହେବନି... ଆଉ ରହିଲା ଘର ତ ସହରରେ କ'ଣ ଅଭାବ ରହୁଛି ଛଅ, ସାତ ଶହ ଦେଲେ ତ ମାଟି ଘରଟେ ମିଳି ଯାଉଛି ଭଡାରେ । ସେତକ କଷ୍ଟ ନ କଲେ କ'ଣ ପଛକୁ ତିଆରି କରି ପାରିବ କି ପ୍ରେମର ଅପୁର୍ବ ସ୍ମାରକୀ ତାଜ୍ ମହଲ...

ଧେତ୍ ପାଗଳ କହି ହସି ଦେଇଥିଲା ପ୍ରିୟବ୍ରତ, ସ୍ୱର୍ଣ୍ଣ ଗାଇ ଚାଲୁଥିଲା ପ୍ରେମ ଗୀତ କେତେବେଳେ ରାଷ୍ଟ୍ରଭାଷା ହିନ୍ଦୀ ତ କେତେବେଳେ ଆଞ୍ଚଳିକ ଓଡିଆ, କୋଶଲି ଦ୍ୱିଭାଷିକ ନା ତା'ବି ଗୋଟେରେ ଗୁହିତ ହୋଇ ଗଲାଣି କାହିଁ କେତେ ଦିନୁ ଅଭିଧାନ, ଶବ୍ଦକୋଷରେ... ତେବେ ତା'ର ଦୁଇ ତିନି ମାସ ହୋଇଛି କି ନାହିଁ ଠିକ୍ ମେ' ମାସର ଡହ, ଡହ ଖରାରେ ଶୁଣିଥିଲା ପ୍ରିୟବ୍ରତ ସ୍ୱର୍ଣ୍ଣ, ଲିପିକୁ ନେଇ ଆସି ଯାଇଛି ଗୋଟେ ୟାର୍ ବ୍ୟାଗର ସାମାନ ନେଇ । ସ୍ତବ୍ଧ ହୋଇ ଯାଇଥିଲା ପ୍ରିୟବ୍ରତ ଅନ୍ୟ ଅର୍ଥରେ କୁହ ସ୍ଥାଣୁ ପାଲଟି ଯାଇଥିଲା ସେ। ଦେଖିଥିଲା ତା'ସ୍ତ୍ରୀ କହୁଛି ତା'କୁ ଚାଲ ଦେଖିବ ତା'ବାପା ନାହିଁ ବୋଲୁଛି ତା'ମା'କାନ୍ଦୁଛି...

ଆଉ ସେ ପହଞ୍ଚନ୍ତେ ତା'କୁ ବି ଗାଳି ଶୁଣିବାକୁ ପଡିଥିଲା ହଇରେ କି ଲେଖକଟା... ତା'ପୁଅକୁ ପଟେଇ ଦେଲା ବଦମାସ ଛୁଆଟା ଏବେ ତା'ଇଜ୍ଜତକୁ ବୁଡାଇବାକୁ ଆସି ଗଲାଣି ଦେଖୁନୁ ଦେଖ୍ କିଏ ଛତା ଧରି ହସୁଛି । କିଏ ଟୋପି ପିନ୍ଧି, ତ କିଏ ଗାମୁଛା ବାନ୍ଧି ହସୁଛି... ପ୍ରିୟବ୍ରତ ତଥାପି କହିଥିଲା ଦେଖୁଛ ତ ସେ ଶୁଣିବା ପରେ ଧାଇଁ ଆସୁଛି ମାତ୍ର ତା'ବାପା ନା ଐରାବତର ନାଁକୁ ବୁଡାଇବା ପାଇଁ ଏ ସବୁ ନାଟକ କରୁଛୁ ଯେ ସେ କ'ଣ ଜାଣୁନି ସବୁ ଜାଣି, ଶୁଣି କରି, କରି ହିଁ ତା'କୁ ଅଜାଣତର ପାଳା କରିବାକୁ ପଡୁଛି ନେଇ କହି ତ ବାଡିଟେ ଧରି ତା'ପାଖକୁ ଦୌଡି ଆସିଥିଲ । ଉପରେ ତ ଉଲ୍ଲେଖ କରି ସାରିଛି ଜୀବନ୍ତ ହୋଇ ଉଠିଛି ବୋଲି ମାତ୍ର ତା'ମା, ସ୍ୱର୍ଣ୍ଣ ପୁଣି ତା'ର ନିଜ ସ୍ତ୍ରୀ ସବୁ ବାଡିଟାକୁ ଛଡାଇ ଦେଇ ବୁଝଶୁଝ କହୁ, କହୁ ତ ସ୍ୱର୍ଣ୍ଣର ବାପା ସ୍ୱର୍ଣ୍ଣକୁ ମାରି ପକାଇଥିଲା ଦୁଇ, ତିନି ବିଧା, ଚାପୁଡା ଯେ ସେଠି ପ୍ରିୟବ୍ରତ ଛଡାଇ ଦେଇ କହିଥିଲା ମାରିଲେ କ'ଣ ହେବ ସବୁ ସମାଧାନ...

ନା ସେ କିଛି ଶୁଣିବନି, ଐରାବତ କିଛି ଶୁଣିବନି ଜାତିବୁଡା, କୁଳାଙ୍ଗାର ଶଳେ...

ନ ହେଲେ ମାରି ଦେବି ତାରି ଦେବି ସିନା କେବେ ସେ ଘରେ ତା'କୁ ପୁରାଇବନି କହି ଦେଉଛି, କହି ଦେଉଛି ... ଏବଂ ପରିଶେଷକୁ ଅନନ୍ୟୋପାୟ ହୋଇ ସେ ନିଜେ ହିଁ ଆଶ୍ରୟ ଦେଇଥିଲା ସ୍ୱର୍ଣ୍ଣକୁ ତା'ଘରେ କହିଥିଲା ତୁ ଭଡା ଘର ନ ପାଇବା ଯାଏ ତା'ପାଖରେ ରହିବୁ ପଛେ ସୁବିଧା କଲେ ଚାଲି ଯିବୁ...

ହଁ କହି ଦୁଇ, ତିନି ଦିନ ଭିତରେ ମାଟି ଘରଟେ ଠିକ କରି ନେଇ ଥିଲା ନଚେତ୍ ଲିପିର ମା'ବି ଜାଣି ନ ଥିଲା ପରେ ସେ ତା'ର ବ୍ୟବସାୟ ସ୍ଥଳିକୁ ଯାଇଥିଲା ସଞ୍ଜୋଗ ବଶତଃ କାମ ଅଧିକ ପାଇଁ ତା'ସାନ ଝିଅକୁ ବି ନେଇ ଯାଇଥିଲା ସେ... ସେଠିକୁ ବି ଧାଇଁ ଯାଇଥିଲା ପରେ ସ୍ୱର୍ଣ୍ଣର ବାପା ଐରାବତ ଆଉ ଗାଳି, ଗୁଳଜ କରିଥିଲା ଭଲରେ, ଭଲରେ ତୋ ଝିଅକୁ ନେଇ ଆ' ନ ହେଲେ ସେ ଛାଡିବନି ସବୁ ରାଗ ତୋ ଉପରେ ସୁଝାଇ ଦେବ...

ସେଠୁ ସେ ଅଧା ଛାଡି ଚାଲି ଆସିଛି ଘରକୁ ବି ନ ଯାଇ ଜାଣିଲ ବାବୁ କ'ଣ ଜଣାଥିଲେ ସେ ସେଠି ରଖି ପାରି ନ ଥାନ୍ତା ଘର ଜୋଇଁ କରି... ତା'ପରେ ତା'ଝିଅକୁ ବି ମୃଦୁ ଧମକଟେ ଦେଉଥିଲା ଲିପି ତୋ ବାପାର ଦେହାନ୍ତ ପରେ ସେ ହିଁ ତୋର ସବୁ କରି ଆସୁଛି ମାନେ ତା'କୁ ବି ଟିକେ କହିବାର ଥିଲା ନା ସେ କ'ଣ ନାହିଁ କରିଥାନ୍ତା ! ବଜାର, ମନ୍ଦିର ତ ଦୁହେଁ ଯାଉଥିଲ ମାନେ ଏତେ ଆଗକୁ ବଢି ଯାଇଥିଲ...

ହଉ ଚାଲ ଆମର ତ ଘର ଅଛି ସେଠି କାହିଁକି ପୁଣି ଭଡା ଘର କରି ରହିବ ପୁରା ପୁର୍ଣ୍ଣଚ୍ଛେଦ ପଡି ଯାଉଥିବା ପରି ଗପଟେ ଯେ ସ୍ୱର୍ଣ୍ଣ ହିଁ ଲମ୍ବାଇ ନେଇ ଅନନ୍ୟର ଉଦାହରଣଟେ ସୃଷ୍ଟି କରି ନେଇଥିଲା ସେ ପ୍ରିୟବ୍ରତର ଆଗରେ ମାନେ ପ୍ରିୟବ୍ରତ ବି ତା'ପରେ ଖୁସି, ଖୁସି ଯୋଗାଯୋଗ କରି ନେଉଥିଲା ନୀୟମିତ ହୋଇ ନିଜ ସମୟ ମୁତାବକ ନିଜ ସୁବିଧା, ଅସୁବିଧାରେ...

ନିଜ ଇଚ୍ଛାରେ, ନା ନିଜତ୍ୱ ବୋଲି କିଛି ଅଛି କି ପୁଣି ପୁରୁଷ, ପୁରୁଷ, ସ୍ତ୍ରୀ, ସ୍ତ୍ରୀ, ମହିଳା, ମହିଳା ଲିଙ୍ଗଭେଦ ଅନୁପାତ ଅନୁସାରେ ସତରେ...

ହଁ କିଛି, କିଛି ଆର୍ଥିକ ସୁବିଧା ଯୋଗାଇ ଦେଉଥିଲେ ଦୁଇ, ଦୁଇ ସ୍ୱର୍ଣ୍ଣ, ଲିପିର ମା'ମାନେ ଆଠ ଶହ, ହଜାରେ, ହଜାରେ, ବାର ଶହ କରି ପ୍ରତି ମାସରେ...

ତେବେ ଏବେ ସ୍ୱର୍ଣ୍ଣ, ଲିପି ବି ସେମିତି ଫେରାଉଛନ୍ତି ବେସ୍ ଖୁସ୍ ମିଜାଜରେ... ନହେଲେ ସେ କ'ଣ ଜାଣି ନାହିଁ କି ଏକ ମଧ୍ୟବିତ୍ତର ସ୍ୱପ୍ନ ଆଉ କ'ଣ... ଦି'ମୁଠା ହିଁ ଖାଇବା ଦୈନନ୍ଦିନ ତ ହେଲେ ସ୍ୱର୍ଣ୍ଣ କହିଥିଲା ସେ ଦେଖାଇ ଦେବ ସେ

ମାନଙ୍କୁ ବିଶେଷ କରି କହିବା ବେଳେ ଗୋଟେ କଥା କରିବା ବେଳେ ଗୋଟେ କଥା କହି ପଛକୁ ଧରାଛୁଆଁ ନ ଦେଉଥିବା ଅମଣିଷ ମାନଙ୍କୁ...

କାରଣ ସେ ମର୍ମେ, ମର୍ମେ ଖୁବ୍ ଅନୁଭବ କରିଛି...

ସେ ସାଙ୍ଗ ମାନଙ୍କୁ ନିଶ୍ଚୟ କହିବ ଦେଖ ତା'ପ୍ରେମର ଫଳ...

ବାଃ କି ସଂଳାପ ସତରେ ସ୍ୱର୍ଣ୍ଣ କହି ହସି ଦେଉଥିଲା ପ୍ରିୟବ୍ରତ ମାତ୍ର ଗମ୍ଭିର ହୋଇ ଯାଉଥିଲା ସେ ଏପରି ମନୋଭାବ ହିଁ ତା'କୁ କ'ଣ ଏତେ ଦୂର ଆଣିଛି ! ବୁଲି ଚାହିଁଲା ବେଳକୁ ସେ ଉଦାସ ମୁହଁ ବି ତା'ର ସ୍ୱଷ୍ଟ ମନେ ପଡି ଯାଉଥିଲା ଏତେ ସବୁ ବଦଳି ଯିବେ ବୋଲି ସେ କ'ଣ ଜାଣିଥିଲା...

ହେଲେ ପ୍ରିୟବ୍ରତ ତା'କୁ ବୁଝାଇଥିଲା ଧର୍ଯ୍ୟ ଧର ସ୍ୱର୍ଣ୍ଣ, ସ୍ୱର୍ଣ୍ଣ ଯେ ଆଜି ସାମାନ୍ୟ ପାନ ଦୋକାନ ଖୋଲି ଏତେ ସବୁ ଜିନିଷର ଅଧିକାରୀ ସାଜିଛି ଭାବିଲେ ସମସ୍ତଙ୍କର ଆଖି ଖୋସି ହୋଇଯିବ ! ବାଇକ୍ ପ୍ୟାସନ୍ ପ୍ରୋ ସହ ନିଜର ଲୁହା ଚାଦରରେ ତିଆରି କରିଥିବା କ୍ୟାବିନ୍ ଡବା ଗୋଟେ ନୁହଁ ଫ୍ରୀଜ୍, ଟି.ଭି, କୁଲ୍ର, ଟ୍ରଙ୍କ୍ ଆଦି ବି ହେଲେ ସେ ତା'କୁ କେବେ ଛାଡିନି କ'ଣ ଟିକିଏ ହେଲେ କହିବ ଆସୁନ ନା ଭାଇ ଆଉ ନିଜକୁ ନିଜେ ହିସାବ କରି ଯାଇଥିଲା ସାତ ବର୍ଷ ହୋଇ ଗଲାଣି ତା' ଭିତରେ... ଆଉ ସେ ସବୁ ବର୍ଷ ତା'କୁ ଡାକୁଛି ଭାଲେଣ୍ଟାଇନ୍ ଡେ' ବା ଶ୍ୱାସଦ ଦିବସ ଅବସରରେ ଆମେ ଏକ ଛୋଟ କାଟର ଭୋଜି ଆୟୋଜନ କରୁଛୁ । ତମକୁ ଆସିବାକୁ ହେବ ନାନୀ ସହ ସପରିବାର ପୁଅ, ଝିଅ ସମସ୍ତେ...

ମାନେ ପ୍ରିୟବ୍ରତ କୌତୁକ କରି କହି ଦେଉଥିଲା ତମ ନାନୀ ସହ ନୁହଁ ତା'ଭାଲେଣ୍ଟାନ୍ ସହ ସେ ଆସିବ...

ହା, ହା, ହା, ହେ, ହେ, ହେ ହସର ଫୁଆରା ଖେଳି ଯାଉଥିଲା ତା' ପ୍ରତି ମନ ଅଙ୍ଗନରେ...

ହେଲେ ପ୍ରିୟବ୍ରତ ଡବଲ୍ ଗମ୍ଭୀର ହୋଇ ଯାଉଥିଲା ସୋସିଆଲ୍ ମିଡିଆଠୁ ଗଣମାଧ୍ୟମ ସବୁଥିରେ ଯେ ସେପରି ସଫଳ ପ୍ରେମିକ, ପ୍ରେମିକାର ସୂଚୀ ବି କମ୍ ଓଲଟି ଇୟାର ଜୀବନ ଗଲା ତା'ର ସମ୍ପର୍କ ଭାଙ୍ଗିଲା ପରି ଦ୍ୱିତୀୟ, ତୃତୀୟ ବି ହୋଇ ଯାଉଥିଲା ଯେ କ'ଣ କହି ହେଉଥିଲା ସେଠି ଭାଗ୍ୟ ବୋଲି ଜିନିଷଟେ ବି ଥାଏ କି ସେତେବେଳେ ଭାବେ ପ୍ରିୟବ୍ରତ !

ଦିନେ, ଦିନେ ସେ ସ୍ୱର୍ଣ୍ଣ, ଲିପିକୁ ବି ପଚାରୁଥିଲା ଏ କ'ଣ ସେ ବିଶ୍ୱାସ ସହ ପରସ୍ପରର ଆପୋଷ ବୁଝାମଣାର ପ୍ରତ୍ୟୁକ୍ତି କି ଯାହା ସେମାନଙ୍କ ପାଖରେ ନାହିଁ ବା ନ ଥିଲା କେବେ ହେଉ ପଛେ ସେ କୋଟି, କୋଟି ଯୋଡା ଲୈଲା ମଜନୁ କହ କି କହ ସୋହନି ମହିୱାଲ୍ ବା ଆମ ଓଡିଆର ରାଜା ରାଣୀ କି କେଦାର ଗୌରି କହୁନ ତମେ... ହସନ୍ତି ଖିଲି, ଖିଲି ହୋଇ ସେ ଦୁହେଁ ଲିପି, ସ୍ୱର୍ଣ୍ଣ । କହନ୍ତି ଦାଦାଙ୍କ କଥା ବା ଭାଇର ଯୋଉ କଥା...

ସେତେବେଳେ ଯାଇ ପ୍ରିୟବ୍ରତକୁ ମନେପଡି ଯାଉଥିଲା ସେ ବୀଚିକିଟିଆର ହସ ଯେମିତି ସାମଞ୍ଜସ୍ୟ ତୋଳି ଖେଳାଇ ଦେଉଥିଲା ପ୍ରତିମୁହୂର୍ତ୍ତ ସମ୍ମୋହନତାରେ ପରିପୁର୍ଣ୍ଣ କରି ତା'କୁ କ'ଣ କହିବ ଆବେଗ ନା ମହକ ପରି ଯେ...

ଦୀର୍ଘଶ୍ୱାସ ନେଇ ବ୍ୟତିବସ୍ତ ହୋଇ ଯାଉଥିଲା ସେ...

ତା'ମାନସ ପଟକୁ ପ୍ରଥମେ ଆସି ଯାଉଥିଲା ନିରାକାର ତ ମନେ ପଡି ଯାଉଥିଲା ଏବେ ସେ ବଦ୍ଧ ପାଗଳଟେ ପ୍ରାୟ ଆଉ ତା'ପରେ, ପରେ ଶଶାଙ୍କ, ସଞ୍ଜୀବ ଆସନ୍ତି ଯେ ଦୁହେଁ ହିଁ ଦୁହେଁ ମରି ସାରିଲେଣି...

ଜଣେ ହାତର ନାଡି କାଟି ପ୍ରଚୁର ରକ୍ତ ଶ୍ରାବ ପାଇଁ ଆତ୍ମହତ୍ୟାର କାରଣ ହେଲା ତ ଆଉ ଜଣକୁ ହତ୍ୟା କରି ଦେଲେ...

ସେମିତି କିଛି ପୁର୍ବରୁ ମନେ ପକାଇଥିବା ସୋସିଆଲ୍ ମିଡିଆର କଥା କ'ଣ ନିଆରା ନା ବ୍ୟତିକ୍ରମ ମାତ୍ର ସ୍ୱର୍ଣ୍ଣ, ଲିପି କ୍ଷେତ୍ରରେ ହୋଇ ହିଁ ହୋଇ ଯାଇଥିଲା ନିଆରା ବ୍ୟତିକ୍ରମ...

ତେଣୁ ତ ଦିନେ, ଦିନେ ଭାବୁଥିଲା ପ୍ରିୟବ୍ରତ ପ୍ରସ୍ତୁତ କରିବ କି ସେ ଦୁହିଁଙ୍କ ଜୀବନର ସତ ଘଟଣାକୁ ନେଇ ବାସ୍ତବ ଗପର ରୂପ ଦେବା ଯାହା ତା'ସ୍ତ୍ରୀ ବି ଅନେକ ଥର ଅନୁରୋଧ ବି କରିଥିଲା ! ଆଉ ଦିନେ ଖୋଦ୍ ସ୍ୱର୍ଣ୍ଣ ବି କହିଥିଲା ତା'କୁ ଆଚ୍ଛା ପ୍ରିୟବ୍ରତ ଭାଇ ଏବେ ତ କୁହ ସେ କେତେ ସଫଳ ହୋଇ ପାରିଛି ତା'ମତରେ...

ପ୍ରିୟବ୍ରତ ଭାବା ବେଗ ସହ ତା'କାନ୍ଧକୁ ଆଉଁସି ଦେଇ କହିଥିଲା ବହୁତ ମାନେ ଶବ୍ଦ ବି ନିଅଣ୍ଟ ପଡି ଯାଉଛି ତା'ପାଇଁ ତେବେ ଶବ୍ଦାୟିତ ହେଲା ପରି ଶବ୍ଦାୟିତ ହୋଇଯାଏ ତା'ମା' ! ହସେ ପ୍ରିୟବ୍ରତ ଭାବେ ସେ ପରା ତା ଜନ୍ମଦାତ୍ରୀ ଆଉ ସେ ପୁଣି ଆଉ ଏକ ଜନ୍ମଦାତ୍ରୀକୁ ଭୁଲ୍ ବୁଝିବ ତେଣୁ ସ୍ୱର୍ଣ୍ଣର ପ୍ରଥମ ସନ୍ତାନ ପୁଅ ଯାହାକୁ ଏବେ ଚାରି ପୁରି ପାଞ୍ଚ ଚାଲୁଥିବା ବେଳେ ତା'ତଳକୁ ତିନି ବର୍ଷର ଅନ୍ତରରେ ଝିଅଟେ ହୋଇଛି ପ୍ରାୟ ବର୍ଷେ ପାଖାପାଖି ହେବ ନ ହେଲେ ହୋଇ ବି ନ ଥିବ ମନେ ପଡୁନି ତେବେ ସେ ରିଟାୟରମେଣ୍ଟ ପରେ ଏବେ ଦେଢ ବର୍ଷ ହେଲାଣି ସେ ଘର ନିର୍ମାଣରେ ବ୍ୟସ୍ତ ହୋଇ ପଡୁଛି ତେଣୁ ଫୋନ୍ କଲେ ବି କ'ଣ କରିବି ସହର ଗଲେ ତ ଦେଖା ସାକ୍ଷାତ କରି ଆସୁଛି ସେ କ'ଣ ଯଥେଷ୍ଟ ନୁହେଁ...

ଏବେ ସେ ରୂପ ଦେଇଛି କିଛି ବାକ୍ୟ, କିଛି ଦୃଷ୍ଟାନ୍ତ ଦେଇ ନିମ୍ନ ଠିକଣାରେ ଜଣାଇଲେ ଶ୍ରମ ସାର୍ଥକ ହେଲା ସାର୍ଥକ ବି ହୋଇ ପାରନ୍ତା ପୁଣି କୋଉ ସ୍ୱର୍ଣ୍ଣ ସହ କୋଉ ଲିପି ସହ ଯେ ସେମାନେ ବି ଆଭାର ବ୍ୟକ୍ତ କରି ପାରନ୍ତେ ତା'କୁ ତା'ର ଅବର୍ତ୍ତମାନରେ ଯେ ପ୍ରେମ ବି ଠିକ୍ ସେମିତି ପୁରି ରହିଥାଏ ବର୍ତ୍ତମାନରେ ନଚେତ୍ କିଛି ଜଟିଳ ବି ନୁହେଁ ଏ ସମୟରେ ଖାଲି ନିଷ୍ଠା ହେଲା ଯାହା ନଚେତ୍ ପାଣ୍ଠି ବି ମିଳି ଯାଉଛି କୋଉ ମହିଳା ସଙ୍ଗଠନରେ ଯେ ପୁରୁଷକୁ ବି ସ୍ଥିତି ଜାହିର୍ କରିବାକୁ ଅସୁବିଧା ବି ହେଉ ନାହିଁ ସତେ ସୁବିଧାରେ ଯେ ଜଣା ପଡୁନି ବି ଦୁଃଖ, କଷ୍ଟ, ଯନ୍ତ୍ରଣା ବୋଲି ହୀନମନ୍ୟତାର ଦ୍ୱାହିରେ...

+ଇରିଗେସନ୍ କଲୋନୀ, ଲେନ୍ ୩
ଭବାନୀପାଟଣା, କଳାହାଣ୍ଡି
ମୋ - ୬୩୭୦୦୬୪୭୯୨

# ଖେଳ ଓ ଖେଳାଳି





**ସୁନନ୍ଦା ମହାନ୍ତି**

ପ୍ରତିଦିନ କପେ ଚା ସାଙ୍ଗରେ ପଦେ କଥା, ବଜାରରୁ କଣ ଆଣିବି ଛଡା, ଆଉ କିଛି କହୁନଥିବା ଅମିୟ ଆଜି ଅନୁଙ୍କୁ ବସିବାକୁ ଅନୁରୋଧ କରୁଛନ୍ତି ତ, ଅନୁ ସବୁକାମ ପଛରେ ପକାଇ ବସିଗଲେ ଘଡ଼ିଏ । କଥା ଆଗକୁ ବଢ଼େଇଲେ ଅମିୟ, ଆଛା କହିଲ ଅନୁ, ଭଗବାନ ଯଦି ଥାଆନ୍ତେ, କୋଉ ମନ୍ଦିରରୁ, ଚୋର ଚୋରିକଲାବେଳେ, ଦେଖିନେଇ ସେଇଠି ତାକୁ ଶାସ୍ତି ଦେଇପାରନ୍ତେ । ସକାଳୁ ଭକ୍ତସମୁହ ଜାଣନ୍ତେ, ଠାକୁରଙ୍କ ଅଳଙ୍କାର ହେଉ ବା ଅନ୍ୟ କିଛି ଚୋରାଇବାର ଶାସ୍ତି ପାଇଛି । ଫଳରେ ଅନ୍ୟମାନେ ଦୋଷ କରିବାକୁ ଡରନ୍ତେ । ପାପ କରିବା ଦୂରେ ଥାଉ ମିଛ, ଲୋଭ, ମାୟା, ଶତ୍ରୁତା, ହତ୍ୟା, ଲୁଣ୍ଠନ, ଚୋରୀ, ଡକାୟତି ଠାରୁ ଦୂରେଇ ଯାଆନ୍ତେ ।

ଭଗବାନ ବିଗ୍ରହ ଭିତରେ ଥିଲେ ସିନା ଦେଖନ୍ତେ, କହିଲେ ଅନୁ ।

ପୁଣି କହିଲେ ମନ୍ଦିର ଓ ଠାକୁର ବିଗ୍ରହ ଭିତରେ ଠାକୁର ଅଛନ୍ତି ବୋଲି କେତେକ ଭକ୍ତ ମାନିନେଇ, ଦର୍ଶନ କରି ସତପଥରେ ଅଛନ୍ତି ବିଶ୍ୱାସ ରେ । ହେଲେ ଠାକୁର କଣ ସେଇଠି ଥାଆନ୍ତି ପ୍ରକୃତରେ ? ସେ ପରା ସର୍ବବ୍ୟାପୀ, ସ୍ୱ ଶକ୍ତିମାନ । କୋଉଠି କୋଉ ଭକ୍ତ ପାଖରେ କେତେବେଳେ ଥିବେ, କିଏ କହିବ ! ସେ ଦାସିଆ ବାଉରୀ, ବନ୍ଧୁମହାନ୍ତି, ସାଲବେଗ ବା ଭୀମଭୋଇ ପରି ଭକ୍ତ ହୁଅନ୍ତୁ ବା ଆଜିର ଯୁଗର କେହି ଭକ୍ତ ଅନ୍ତରର ନିବୃତ କୋଣରୁ ସ୍ମରଣ କଲେ ସେ ପରା ସେଠିକି ସବୁ ବାଣ୍ଟି ହୋଇ ଯାଆନ୍ତି । ନହେଲେ, ବଡ଼ ଦେଉଳରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଆଦି ଚତୁର୍ଦ୍ଧା ମୂର୍ତ୍ତିଙ୍କର ଶ୍ରୀଅଙ୍ଗକୁ ମୂଷା ଭଳି ଜୀବ କାଟୁଥାନ୍ତେ ? ? କହି ଅନୁ ଉଠୁଥିଲେ ରୋଷେଇ ଘର ଅଭିମୁଖେ ।

ପଛରୁ ଅମିୟ କହୁଥିଲେ, ଆଛା ଅନୁ ! ଏତେ କଥାତ କହିଲ, ହେଲେ ମୁଁ ବୁଝି ପାରୁନି, ଠାକୁର ବା ଠାକୁରାଣୀ ମାନଙ୍କ ପ୍ରତି ଆସ୍ଥା ତୁଟିଯିବା ଭଳି କାମ ସେମାନେ ସହୁଛନ୍ତି କେମିତି ? ? ଅନୁ ଏଥର ରୀତିମତ ରାଗିଗଲେ କହିଲେ ପରୀକ୍ଷା ହେ ପରୀକ୍ଷା । ଲୋକଙ୍କୁ ଭୁଆଁ ବୁଲେଇ କିଏ ତୁମ ପରି ନାସ୍ତିକ କିଏ ମୋ ପରି ଆସ୍ତିକ ବୁଝି ବିଚାର କରୁଛନ୍ତି । ଅମିୟ ତଥାପି କହୁଥିଲେ ଦୋଷୀକୁ ଦଣ୍ଡ ମିଳିଲେ ସିନା, ପ୍ରଗାଢ଼ ଭକ୍ତି ଆସନ୍ତା । ଅନୁ ଏଥର ଗାଳି ପକେଇଲେ ପାଟିରୁ ବିଷ ବୋଳା ଶବ୍ଦ, କହିଲେ ଆହେ ସେ ପରା ମଣିଷକୁ ସବୁ ଶକ୍ତି ଦେଇ ସର୍ବଶ୍ରେଷ୍ଠ ପ୍ରାଣୀ କରି ଗଢ଼ିଛନ୍ତି ଯେ ସେ ବୁଦ୍ଧି ବିଦ୍ୟା, ସୌନ୍ଦର୍ଯ୍ୟ ଜ୍ଞାନ ଥାଇ ମଧ ଦୋଷ ପରେ ଦୋଷ କରିଚାଲିଛି । ନିଜ ନିଜ ଭିତରେ ନିଜ ସମସ୍ୟା ସମାଧାନ କରିପାରୁନାହିଁ, ଆଉ ଠାକୁର ଉପରେ ଥାଇ ଦେଖୁଛନ୍ତି ସବୁ । କରି କରାଉଥାଏ ମୁହିଁ... ମୋ ବିନୁ ଅନ୍ୟ ଗତି ନାହିଁ । ତେଣୁ ନିଜ ଶ୍ରୀଅଙ୍ଗ ମୂଷା ଦ୍ୱାରା କାଟି ପରୀକ୍ଷା କରୁଛନ୍ତି ମଣିଷର ବିଚାରବୋଧ ଓ ଭକ୍ତିମାର୍ଗ ଆଉ ଶେଷରେ ତାଣ୍ଡବ ରଚିବେ, ଦେଖିବ ରୁହ ।

ହଉ ହଉ କିଛି ତ ବୁଝିଲି । ଆଉ କପେ ଚା ଦିଅନ୍ତ ନାହିଁ ସମ୍ପୂର୍ଣ୍ଣ ଖବର କାଗଜ ଟିକୁ ସାରିବାକୁ ।

ହଉ କହି ଅନୁ ରୋଷେଇ ଘରକୁ ଯାଇ ପୁଣି ଗୋଟେ କପ ଚା ଆଣି ଥୋଇଦେଇ କହୁଥିଲେ କଣ ପଢୁଛ, ନିଶ୍ଚୟ ଲେଖାଥିବ ଯେ ଗଣେଷ ଓ ଜଗନ୍ନାଥଙ୍କର କଳି ଲାଗିଥିବାରୁ, ଗଣେଷ, ତାଙ୍କ ବାହାନ ମୂଷା ମାନଙ୍କୁ ପଠାଇ ଚତୁର୍ଦ୍ଧାଙ୍କୁ ପାନେ ଦେଉଛନ୍ତି । ମୂର୍ଖ ମଣିଷ ବୁଝୁନି, ସବୁ ଦେବତା ଦେବୀଙ୍କ ନାମକରଣ ମଣିଷକୃତ, କାହାର କିଏ ବାହାନ ସେହି ମଣିଷ ଦ୍ୱାରା । ଠାକୁର ଠାକୁରାଣୀ ମିଶି ଏକେଶ୍ୱର, ସର୍ବବ୍ୟାପୀ, ସର୍ବନୀୟନ୍ତା, ସ୍ୱବିଦ୍ୟମାନ ଖେଳି ଖେଳାଉଛନ୍ତି ମଣିଷକୁ । ଖବର ପରିବେଷଣ ବି ମଣିଷ କରୁଛି, ଭଗବାନ ନୁହଁନ୍ତି ।

+ ସାକ୍ଷୀଗୋପାଳ, ପୁରୀ
(ମୋ) ୯୦୪୦୯୭୭୩୨୭

# ଏମ୍ସ ଭୁବନେଶ୍ୱରରେ ଜଣେ ପଙ୍ଗୁପ୍ରାୟ ରୋଗୀଙ୍କର ଦୁଇ ଆଣ୍ଠୁ ଓ ଦୁଇ ହିପ୍(ନିତମ୍ବ ଗଣ୍ଠି)ର ସଫଳ ମିଳିତ ପ୍ରତିରୋପଣ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ଏମ୍ସ ଭୁବନେଶ୍ୱରର ପ୍ରଥମ ଦଶନ୍ଧିର ସ୍ୱର୍ଣ୍ଣିମ ଯାତ୍ରାରେ ଯୋଡ଼ିହୋଇଛି ଆଉ ଏକ ସଫଳ ଫର୍ଦ୍ଦ। ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଜଣେ ପଙ୍ଗୁପ୍ରାୟ ମହିଳା ରୋଗୀଙ୍କର ଏକକାଳୀନ ଦୁଇ ଆଣ୍ଠୁ ଓ ଦୁଇ ହିପ୍(ନିତମ୍ବ ଗଣ୍ଠି)ର ସଫଳ ପ୍ରତିରୋପଣ କରିଛନ୍ତି ଡାକ୍ତରୀଦଳ। ଯାହାକି ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ହୋଇଥିବା ବେଳେ ଓଡ଼ିଶାରେ ଏପରି ପ୍ରତିରୋପଣ ପ୍ରଥମ ହେବାର ଗୌରବ ଲାଭ କରିଛି।
କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ୍‌ର ଜଣେ ୩୭ ବର୍ଷୀୟ ମହିଳା ଆଣ୍ଠୁଗଣ୍ଠି ବାତ ରୋଗରେ ପିଡ଼ୀତ ହୋଇ ପଙ୍ଗୁପ୍ରାୟ ଅବସ୍ଥାରେ ବଂଚୁଥିଲେ। ସ୍ୱାଭାବିକ ଭାବେ ଚାଲିବା ବଦଳରେ ଉକ୍ତ ମହିଳା ଜଣଙ୍କ ଗୁରୁଣ୍ଡିବା ସ୍ଥିତିକୁ ଆସିଯାଇଥିଲେ। ଦୈନନ୍ଦିନ ଜୀବରେ ଭୀଷଣ ଯନ୍ତ୍ରଣା ଭୋଗୁଥିବା ମହିଳା ରୋଗୀଜଣଙ୍କ ବିନା କୌଣସି ଉପକରଣ ସାହାଯ୍ୟରେ ଛିଡ଼ା ମଧ ହୋଇପାରୁନଥିଲେ କିମ୍ବା କୌଣସି କାମ କରିପାରୁନଥିଲେ। ଏପରି ଅବସ୍ଥାରେ ଥାଇ ଉକ୍ତ ମହିଳାଜଣଙ୍କ ଏମ୍ସ ଭୁବନେଶ୍ୱରର ଅସ୍ଥି ଶଲ୍ୟ(ଅର୍ଥୋପେଡିକ୍) ବିଭାଗକୁ ଚିକିତ୍ସା ପାଇଁ ଆସିଥିଲେ। ମହିଳାଙ୍କର ଉଭୟ ଆଣ୍ଠୁ ଏବଂ ଦୁଇ ନିତମ୍ବ ଗଣ୍ଠି(ହିପ୍)ର ପ୍ରତିରୋପଣ ଆବଶ୍ୟକ ଥିବା ପରୀକ୍ଷାନିରୀକ୍ଷା ପରେ ଅସ୍ଥିଶଲ୍ୟ ଡାକ୍ତରମାନେ ମତ ଦେଇଥିଲେ।
ତେବେ ଦୁଇ ଆଣ୍ଠୁ ଏବଂ ଦୁଇ ହିପ୍‌ର ପ୍ରତିରୋପଣ ଏକକାଳୀନ କରାଯିବାର ଆବଶ୍ୟକତା ଥିବା ଡାକ୍ତରୀ ଦଳ ଅନୁଭବ କରିଥିଲେ। ନଚେତ୍ ରୋଗୀ ଜଣଙ୍କ ପ୍ରତିରୋପଣର କୌଣସି ଲାଭ ନେଇପାରିନଥାଆନ୍ତେ। ଏପରି ବିରଳ ପ୍ରତିରୋପଣ ନିମନ୍ତେ କିନ୍ତୁ ଡାକ୍ତରୀ ଦଳ ଆଗରେ ଅନେକ ଆହ୍ୱାନ ଥିଲା। ତେବେ ବିଭିନ୍ନ ଡାକ୍ତରୀ ଅବସ୍ଥାକୁ ତର୍ଜମା କରିବା ସହିତ ଅତ୍ୟନ୍ତ ସତର୍କତାର ସହିତ ଡାକ୍ତରୀ ଦଳ ପ୍ରଥମେ ମହିଳାଜଣଙ୍କର ଦୁଇ ନିତମ୍ବ ଗଣ୍ଠି(ହିପ୍)ର ପ୍ରତିରୋପଣ ପରେ ଦୁଇ ଆଣ୍ଠୁର ପ୍ରତିରୋପଣ କରିଥିଲେ। ଏହି ପ୍ରକ୍ରିୟା ପ୍ରାୟ ୩ ଘଂଟା ସମୟ ନେଇଥିଲା।
ରୋଗୀଙ୍କୁ ଦୁଇ ଦିନ ପାଇଁ ଆଇସିୟୁରେ ରଖାଯାଇଥିଲା। ପରେ ଅନେକାଂଶରେ ଯନ୍ତ୍ରଣା କମିଥିଲା ଏବଂ ମହିଳାଜଣଙ୍କ ତୃତୀୟ ଦିନରେ ହିଁ ଚାଲିବା ଆରମ୍ଭ କରିଥିଲେ। ଏମ୍ସ ଭୁବନେଶ୍ୱର ଅସ୍ଥିଶଲ୍ୟ ବିଭାଗର ଡ. ସୁଜିତ କୁମାର ତ୍ରିପାଠୀ ଏବଂ ଡ. ମଂଟୁ ଜୈନଙ୍କ ନେତୃତ୍ୱରେ ଏକ ଯୁବ ଓ ଦକ୍ଷ ଡାକ୍ତରୀ ଦଳ ଏହି ବିରଳ ପ୍ରତିରୋପଣକୁ ସଫଳତାର ସହିତ



ସମ୍ପନ୍ନ କରିଥିଲେ। ଡ. ଶ୍ରୀତମ ସ୍ୱରୂପ ଜେନା ନିଶ୍ଚେତକ ବିଭାଗର ନେତୃତ୍ୱ ନେଇଥିବା ବେଳେ ଡ. ସ୍ୱାଗତା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରୋଗୀଙ୍କୁ ଆଇସିୟୁ ସୁବିଧା ଯୋଗାଇଦିଆଯାଇଥିଲା। ପ୍ରତିରୋପଣ ଏବଂ ଅସ୍ତ୍ରୋପଚାର ସରକାରୀ ଯୋଜନାରେ ମାଗଣାରେ ହୋଇଥିଲା।
ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ) ଆଶୁତୋଷ ବିଶ୍ୱାସ ପ୍ରତିରୋପଣ ହୋଇଥିବା ମହିଳାଙ୍କୁ ଭେଟିବା ସହିତ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଭଳି ଜଟିଳ ମାମଲା ସଫଳତାର ସହିତ ପରିଚାଳନା କରି ରୋଗୀଙ୍କୁ ପୁନର୍ବାର ଚାଲିବାର ସୁଯୋଗ ଦେଇଥିବାରୁ ଡାକ୍ତରୀ ଦଳକୁ ଡ. ବିଶ୍ୱାସ ଅଭିନନ୍ଦନ ଜଣାଇଛନ୍ତି। ଏଭଳି ଅସ୍ତ୍ରୋପଚାର ବିରଳ ଏବଂ ଅତ୍ୟଧିକ ସତର୍କତାର ସହିତ କରାଯିବା ଆବଶ୍ୟକ। ଏମ୍ସ ଭୁବନେଶ୍ୱରରେ ଏପରି ପ୍ରତିରୋପଣ ଜନସେବା ପ୍ରତି ଥିବା ଏହି ଅନୁଷ୍ଠାନର ପ୍ରତିବଦ୍ଧତାକୁ ଦର୍ଶାଉଥିବା ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏପରି ପ୍ରତିରୋପଣ ଜଣେ ବ୍ୟକ୍ତିର ଜୀବନଚଳନୀରେ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି। ତେଣୁ ଏପରି ସଫଳତା ପାଇଁ ଡାକ୍ତରୀ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ଏମ୍ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା। ଉଲ୍ଲେଖଯୋଗ୍ୟଯେ ଏକକାଳୀନ ଏପରି ଚାରିଟି ପ୍ରତିରୋପଣ ପୂର୍ବରୁ ଏମ୍ସ ଦିଲ୍ଲୀରେ ଜଣେ ଓଡ଼ିଆ ରୋଗୀଙ୍କର ହୋଇଥିଲା। ଏମ୍ସ ଭୁବନେଶ୍ୱରରେ ହୋଇଥିବା ଏହି ପ୍ରତିରୋପଣ କିନ୍ତୁ ଓଡ଼ିଶାରେ ପ୍ରଥମ ହେବା ସହିତ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ହେବାର ସୌଭାଗ୍ୟ ଲାଭ କରିଛି। ଉଲ୍ଲେଖଯୋଗ୍ୟଯେ ଏହିପରି ଜଣେ ପଙ୍ଗୁପ୍ରାୟ ରୋଗୀଙ୍କ ପାଇଁ ସମାନ ସେଟିଂରେ ଏକାଧିକ ଗଣ୍ଠି ସ୍ଥାନାନ୍ତର ବିଷୟରେ ବିଚାର କରିବା ଜରୁରୀ ଅଟେ। କାରଣ ଗୋଟିଏ କିମ୍ବା ଦୁଇଟି ଗଣ୍ଠି ବଦଳ ରୋଗୀଙ୍କୁ ଚାଲିବାକୁ ସୁଯୋଗ ଦେଇପାରିବ ନାହିଁ।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ମାଲକାନଗିରି, ୧୨/୦୨ (ନି.ପ୍ର): ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧି କରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ, ମୋଟୁ, ମାଥୁଲି, କୁଡୁମୁଲୁଗୁମ୍ମା ଜେଏମଏଫସି ସମସ୍ତ ବିଚାରଳୟରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ ଉଦୟ ଭାନୁ ଜେନା, ବରିଷ୍ଠ ଦେୱାନି ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନି ବିଚାରପତି ରାକେଶ କୁମାର ମୁଦୁଲି, ଉପଖଣ୍ଡ ଦଣ୍ଡାଧିକାରି ରୁଦ୍ର ପ୍ରସାଦ ନାୟକ, ରେଜିଷ୍ଟ୍ରାର ସିଭିଲ କୋର୍ଟ ଅରୂପ ନାୟକ, କୋରୁକୋଣ୍ଡା ଠାରେ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି ମାଥିଲି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି, ମୋଟୁ ପ୍ରବୀଣ କୁମାର ହୋତା ଓ ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ କୁଡୁମୁଲୁଗୁମ୍ମା ସୁମନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟ ୩୯୪୯ ଗୋଟି ଫୌଜଦାରୀ, ଦେୱାନୀ ଏବଂ ଅନ୍ୟାନ୍ୟ ମୋକଦ୍ଦମାର ଫଇସଲା କରାଯାଇ ୨୯ , ୪୯ , ୩୦୫ / - ଟଙ୍କା ଆଦାୟ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ମାଲକାନଗିରି ଜିଲ୍ଲାର ବିଭିନ୍ନବ୍ୟାଙ୍କ ଭାଗନେଇ ମୋଟ ୧୫ ଗୋଟି ବ୍ୟାଙ୍କ ଋଣ ମାମଲାର ପ୍ରାକ ମୋକଦ୍ଦମା ସ୍ତରରେ ସମାଧାନ କରାଯାଇ ୯, ୬୬, ୪୯୮ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସବ ଜର୍ଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ, କୋରୁକୋଣ୍ଡା ଗ୍ରାମ ନ୍ୟାୟାଧିକାରୀ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ୧୧ରୁ ୧୩ ତାରିଖ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପ୍ରବଚନ କାର୍ଯ୍ୟକ୍ରମ

ଜୟପୁର, ୧୨/୦୨ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୀତାସାର ଜୀବନର ଆଧାର ଉପରେ ଏକ ପ୍ରବଚନ କାଯ୍ରୀକ୍ରମ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷିରେ ଆଜି ସ୍ଥାନୀୟ ପ୍ରସାଦରାଓ ପେଟା ସ୍ଥିତ ଇଶ୍ୱରିୟ ବିଦ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ରାଜଯୋଗିନୀ ବ୍ରହ୍ମକୁମାରୀ ଦୀନା ଦିଦିଜୀ ଉପସ୍ଥିତ ରହି ବାସ୍ତବରେ ଗୀତା ଜ୍ଞାନ ଦାତା କିଏ, ଗୀତା ଜ୍ଞାନ କିଏ, କାହାକୁ ଏବଂ କେଉଁ ସମୟରେ ପ୍ରଦାନ କରିଥିଲେ, ଗୀତା ଜ୍ଞାନର ସାରମର୍ମ କଣ, ଗୀତା ଜ୍ଞାନର ଯଥାର୍ଥତା, ସତ୍ୟତା ଏବଂ ଗୁହ୍ୟତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୧ ତାରିଖ ଠାରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ଧ୍ୟା ୫ଟା ୩୦ ମିନିଟ ଠାରୁ୭ଟା ୩୦ ମିନିଟ ପର୍ଯ୍ୟନ୍ତ ପ୍ରବଚନ ପାଠ କରାଯିବ ବୋଲି ସୂଚନା ଦେଇଥିଲେ। ଏହି ପ୍ରବଚନ କାର୍ଯ୍ୟକ୍ରମରେ ସହରବାସୀ ତଥା ସମସ୍ତ ଅଂଚଳ ବାସୀ ଗୀତା ଜ୍ଞାନ ଶୁଣିପାରିବେ ବୋଲି ସୂଚନା ଦେଇଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୨/୦୨ (ନି.ପ୍ର): ରାଜ୍ୟରେ କୃଷି ଓ କୃଷକଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆୟୋଜନ କରିବା ଉପରେ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଗତକାଲି ସ୍ଥାନୀୟ ସହରର ରୟାଲପଡିଆ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ସୁବର୍ଣ୍ଣ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲ୍ଲା ମୁଖ୍ୟ କୃଷିଅଧିକାରୀ ନାରାୟଣ ଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ଅର୍ଥ, ସଂସଦୀୟ ବ୍ୟାପାର ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ନିରଞ୍ଜନ ପୂଜାରୀ ଯୋଗଦେଇ କୃଷି ଓକୃଷକ ଆମ ଜିଲ୍ଲାର ଗର୍ବ ଓ ଗୌରବ ବୋଲି ଅଭିହିତ କରିବା ସହ ରାଜ୍ୟର ଗୌରବ ସହ ଅର୍ଥନୈତିକ ବିକାଶରେ ବିଶେଷ ସହାୟକ ହୋଇଛନ୍ତି ତଥାପି ଆମକୁ ଚାଷସହିତ ଅନ୍ୟାନ୍ୟ କୃଷି ସମ୍ବନ୍ଧିତ କ୍ଷେତ୍ରରେ ଯୋଗଦାନ ଦେଇ ଗ୍ରାମୀଣ ଅର୍ଥନୈତିକ ବିକାଶ ବୃଦ୍ଧିରେ ଯୋଡ଼ି ହେବାକୁ ପରାମର୍ଶ ଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଯୋଗଦେଇ ଚାଷର ରୁପାନ୍ତରଣ ଓ ପରିବର୍ତ୍ତିତ ଉପରେ ଗୁରୁତ୍ୱାରୋପ କରି ଏହା ଜିଲ୍ଲା କୃଷିର ଭବିଷ୍ୟତ ବୋଲି ମତବ୍ୟକ୍ତ କରିଥିଲେ। ପୁନଶ୍ଚ ଜିଲ୍ଲାର କୃଷକବନ୍ଧୁ ଅର୍ଥକାରୀ ଫସଲ ଉପରେ ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ନିଶିପୁନମ ମିଞ୍ଜ, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ଉତରାଂଚଳ କୃଷି ଅଧିକ୍ଷଣ ଯନ୍ତ୍ରୀ ପୃଥିରାଜ ମହାନ୍ତି ସାଂପ୍ରତିକ ସ୍ଥିତିରେ କୃଷି ଓ କୃଷକଙ୍କ ପାଇଁ ସରକାରଙ୍କର କୃଷି ଯନ୍ତ୍ରପାତି ଉପରେ ପ୍ରଦାନ କରାଯାଉଥିବା ରିହାତି, ବର୍ତମାନ କୃଷି କ୍ଷେତ୍ରରେ ଆବଶ୍ୟକତା ଥିବା ନୂତନ ବୈଷୟିକ ଯନ୍ତ୍ରପାତିର ଆବଶ୍ୟକତା ଉପରେ ବହୁ ଉପାଦେୟ ସୂଚନା ପ୍ରଦାନ କରିଥିଲେ।

# ଘରୋଇ ନର୍ସିଂ ଶିକ୍ଷାନୁଷ୍ଠାନ ଯାଞ୍ଚ ପାଇଁ କୁନ୍ଥକୁନ୍ଥ

## ଗଠନ ହୋଇଛି ୩ଟି ଟିମ୍: ୨ମାସ ପରେ ବି ଆସିନି ଗୋଟିଏ ରିପୋର୍ଟ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ରାଜ୍ୟରେ ଥିବା ଘରୋଇ ନର୍ସିଂ ଶିକ୍ଷାନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମି ଯାଞ୍ଚ ପାଇଁ ୩ଟି କମିଟି ଗଠନ କରାଯାଇଛି। ଏହି କମିଟି ଗଠନ ହେବା ୨ମାସ ବିତିଲାଣି। ହେଲେ କମିଟି ଏକପ୍ରକାର ସ୍ଥାଣୁ ପାଲଟିଯାଇଛି। କମିଟି ପ୍ରକୃତରେ ଯାଞ୍ଚ କରୁଛି କି ନାହିଁ ସେ ନେଇ କାହା ପାଖରେ କିଛି ଖବର ନାହିଁ। ରିପୋର୍ଟ ବି ଦାଖଲ ହୋଇନାହିଁ। ଯାଞ୍ଚ ପ୍ରକ୍ରିୟା ତ୍ୱରାନ୍ୱିତ ନ ହେବା ପଛରେ ଅଦୃଶ୍ୟ ଚାପ ରହିଥିବା କୁହାଯାଉଛି।
କିଛିମାସ ପୂର୍ବରୁ ରାଜ୍ୟ ସରକାରଙ୍କ ନିଜସ୍ୱ ରିପୋର୍ଟ କହିଥିଲା ଯେ ରାଜ୍ୟରେ ଯେତିକି ସଂଖ୍ୟକ ନର୍ସିଂ ଶିକ୍ଷାନୁଷ୍ଠାନ ପାଠପଢ଼ା ପାଇଁ ଆବେଦନ କରିଥିଲେ ତହିଁରୁ ପ୍ରାୟ ଅଧା ଶିକ୍ଷାନୁଷ୍ଠାନଙ୍କ ସର୍ବନିମ୍ନ ଆବଶ୍ୟକ ଭିତ୍ତିଭୂମି(ଏମ୍ଏସ୍ଆର) ନ ଥିଲା। ୩୬୩ ଆବେଦନକାରୀଙ୍କ ମଧ୍ୟରୁ ୧୫୮ ଶିକ୍ଷାନୁଷ୍ଠାନର ଏମ୍ଏସ୍ଆର ନାହିଁ। ଏ ଦୃଷ୍ଟିରୁ ସଂପୃକ୍ତ ଶିକ୍ଷାନୁଷ୍ଠାନମାନଙ୍କର ଏନ୍ଓସି ନବୀକରଣ ନ କରିବା ଲାଗି ନିଷ୍ପତ୍ତି ନେଇଥିଲା ସ୍ୱାସ୍ଥ୍ୟ ବିଭାଗ। ଏଭଳି ଏକ ତଥ୍ୟ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘରୋଇ ନର୍ସିଂ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଯାଞ୍ଚ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଏଥିପାଇଁ ୩ଟି ଟିମ୍ ଗଠନ କରାଯାଇଥିଲା। ପ୍ରତ୍ୟେକ ଟିମ୍‌ରେ ୩ଜଣ ଲେଖାଏ ସଦସ୍ୟ ରହିଥିଲେ। ଗୋଟିଏ ଟିମ୍‌ରେ ଡା.କମଳାକାନ୍ତ ଦାସ, ଡା. ରାଜେନ୍ଦ୍ର କୁମାର ପଣ୍ଡା, ଆନନ୍ଦ୍ର ଚନ୍ଦ୍ର ପ୍ରଧାନ ଥିବା ବେଳେ ଆଉ ଏକ ଟିମ୍‌ରେ ଡା. ଶେଫାଳୀ ମଲ୍ଲିକ, ମହେନ୍ଦ୍ର କୁମାର ନାୟକ, ବାଲଚନ୍ଦ୍ର ବିଏଲ୍ ରହିଛନ୍ତି। ସେହିପରି ତୃତୀୟ ଟିମ୍‌ରେ ଡା.ବ୍ରଜ କିଶୋର ଦାଶ, ଡା. ପୁଷ୍ପିତା ମହାନ୍ତି ଓ ପି.ଯଶୋଦା ରେଡ୍ଡୀ ରହିଛନ୍ତି। ମାତ୍ର ଏହି ଟିମ୍ କୌଣସି ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ନ ଥିବା ଜଣାପଡ଼ିଛି।
ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଯଦି ଘରୋଇ ଶିକ୍ଷାନୁଷ୍ଠାନମାନଙ୍କର କ୍ଷେତ୍ରସ୍ତରୀୟ ଯାଞ୍ଚ ହୁଏ ତାହାଲେ ପରବର୍ତ୍ତୀ ସମୟରେ ଏଥିରେ କେତେକ ତ୍ରୁଟି ସାମ୍ନାକୁ ଆସିପାରେ। ଏ ଦୃଷ୍ଟିରୁ କିଛି ସଦସ୍ୟ ବିବାଦ ଘେରକୁ ଯିବା ପାଇଁ ଚାହୁଁନାହାନ୍ତି। ତେଣୁ ରାଜ୍ୟରେ ଥିବା ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରକୃତରେ କୌଣସି ଭିତ୍ତିଭୂମି ରହିଛି ନା କେବଳ ଘର ଓ ବୋର୍ଡ ଲଗାଇ ସେମାନେ ପାଠ ପଢ଼ାଉଛନ୍ତି ତାହା ସାମ୍ନାକୁ ଆସିପାରୁନାହିଁ। ପୂର୍ବରୁ ରାଜ୍ୟର ଏକାଧିକ ଘରୋଇ ନର୍ସିଂ ଶିକ୍ଷାନୁଷ୍ଠାନ ବିରୋଧରେ ଏଭଳି ଅଭିଯୋଗ ଆସିଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗର ଯେଉଁ ଅଧିକାରୀମାନେ ଭିତ୍ତିଭୂମିର ଯାଞ୍ଚ



ନ କରି ପାଠପଢ଼ା ପାଇଁ ଅନୁମତି ଦେଇଥିଲେ ସେମାନଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କେ ?ଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।
ଅପରପକ୍ଷରେ ଟିମ୍‌ର ଜଣେ ସଦସ୍ୟ କହିଛନ୍ତି, ଯେଉଁ ନର୍ସିଂ ଶିକ୍ଷାନୁଷ୍ଠାନଗୁଡ଼ିକ ପାଠପଢ଼ା ପାଇଁ ଅନୁମୋଦନ ପାଇଁ ସେମାନଙ୍କ ବିରୋଧରେ କିଛି ଅଭିଯୋଗ ଆସିଲେ ଏହି ଟିମ୍ ଯାଞ୍ଚ କରିବ। ମାତ୍ର ବର୍ତମାନସୁଦ୍ଧା ସେଭଳି କୌଣସି ଅଭିଯୋଗ ଆସିନାହିଁ। ତେଣୁ କମିଟି କୌଣସି ଶିକ୍ଷାନୁଷ୍ଠାନ ଯାଞ୍ଚ ହୋଇନାହିଁ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଯେଉଁ ୩ଟି ଟିମ୍ ଗଠନ କରାଯାଇଛି ସେମାନେ ବର୍ତମାନସୁଦ୍ଧା କୌଣସି ରିପୋର୍ଟ ଦାଖଲ କରି ନାହାନ୍ତି। କମିଟି କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦାଖଲ କରିବା ପରେ ହିଁ କେତେ ଘରୋଇ ନର୍ସିଂ ଶିକ୍ଷାନୁଷ୍ଠାନର ଭିତ୍ତିଭୂମିର ଅଭାବ ରହିଛି ତାହା ସ୍ପଷ୍ଟ ହୋଇପାରିବ ବୋଲି ଅଧିକାରୀ ଜଣକ ସୂଚନା ଦେଇଛନ୍ତି।

### ଭୀମଭୋଇ ସରକାରୀ ଦୃଷ୍ଟିହୀନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ଆଜି ଭୀମଭୋଇ ସରକାରୀ ଦୃଷ୍ଟିହୀନ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ପୁରସ୍କାର ବିଦରଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଞ୍ଜନ ଦାଶ ସନ୍ଥ କବି ଭୀମଭୋଇଙ୍କର କାଳଜୟୀ କବିତାରୁ ପଦେ ଉଦ୍ଧୃତ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏଥି ସହିତ ଜୀବନରେ ସଫଳତା ପାଇବା ପାଇଁ ଦୃଢ଼ ଆତ୍ମବିଶ୍ୱାସ ପୋଷଣ କରିବାକୁ ମଧ ବକ୍ତବ୍ୟରେ ମନ୍ତ୍ରୀ ଶ୍ରୀ ଦାଶ ପ୍ରକାଶ କରିଥିଲେ । ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା ଓଡ଼ିଶାରେ ସଫଳତା ଅର୍ଜନ କରିଥିବା କିଛି ବ୍ୟକ୍ତିବିଶେଷଙ୍କ ଉଦାହରଣ ଦେଇ ପିଲାମାନଙ୍କୁ ଆଗକୁ ସଫଳତା ଅର୍ଜନ କରିବାକୁ ପ୍ରେରଣା ଦେଇଥିଲେ ତଥା ନିଜକୁ ସର୍ବଦା ସକ୍ଷମ ମଣିବାକୁ ଉତ୍ସାହ ପ୍ରଦାନ କରିଥିଲେ ।

# ଡ୍ରଗ୍ ଏସ୍‌ଟିଏଫ୍ ହାତ ଖାଲି; ଏବେ କଟକ, କେନ୍ଦ୍ରାପଡ଼ାରୁ ଚିହ୍ନଟ ନକଲି ଔଷଧ ଉପରେ ନଜର

ଭୁବନେଶ୍ୱର , ୧୨/୦୨ (ନି.ପ୍ର): ରାଜ୍ୟରେ ନକଲି ଔଷଧ ଉପରେ ଜୋରଦାର ଚଢ଼ଉ ପାଇଁ ରାଜ୍ୟ ସରକାର ଗଠନ କରିଥିବା ଡ୍ରଗ୍ ଏସ୍‌ଟିଏଫ୍ ହାତ ଏବେ ଖାଲି। ଓଡ଼ିଶା ବଜାରରେ ବିକ୍ରି ହେଉଥିବା କୌଣସି ନୂଆ ନକଲି ଔଷଧ ସଂପର୍କରେ ଏସ୍‌ଟିଏଫ୍ ପାଖରେ ସୂଚନା ନାହିଁ। ବରଗଡ଼, ଝାରସୁଗୁଡ଼ା ମାମଲାରେ ଚଢ଼ଉ ପରେ ଏସ୍‌ଟିଏଫ୍‌ର ନଜର ଏବେ କେନ୍ଦ୍ରାପଡ଼ା ଓ କଟକରୁ ଜବତ ହୋଇଥିବା ନକଲି ଔଷଧ ଉପରେ ରହିଛି। ଅନ୍ୟପକ୍ଷରେ ରାଜ୍ୟରେ ପୂର୍ବଭଳି ନକଲି ଔଷଧ ବିକ୍ରି ଜାରି ରହିଛି ନା ନାହିଁ, ସେ ନେଇ ଖାଉଟି ଦ୍ୱନ୍ଦ୍ୱରେ। ଗତବର୍ଷ ସେପଟ୍ଟେମ୍ବର ମାସରେ ରାଜ୍ୟରେ ଏକାଧିକ ନକଲି ଔଷଧ ଚିହ୍ନଟ ହୋଇଥିଲା। ତେବେ କଟକରେ ସର୍ବାଧିକ ମାମଲା ରୁଜୁ ହେବା ସହିତ ଗିରଫଦାରୀ ହୋଇଥିଲେ ହେଁ ଅନ୍ୟସ୍ଥାନରେ ଏସବୁ ପରିଲକ୍ଷିତ ହୋଇନଥିଲା। ଗତ ଡିସେମ୍ବର ମାସରେ ରାଜ୍ୟ ସରକାର ୫ଜଣିଆ ଡ୍ରଗ୍ ଏସ୍‌ଟିଏଫ୍ ଗଠନ କରିଥିଲେ। ଏସିଟିଏଫ୍ ବରଗଡ଼ ଓ ଝାରସୁଗୁଡ଼ାରୁ ଚିହ୍ନଟ ନକଲି ଔଷଧର ଯାଞ୍ଚ କରିଥିଲା। ବରଗଡ଼ ଅଶୋକ ମେଡିକାଲ ହଲ୍‌ର ମାଲିକଙ୍କୁ ଗିରଫ କରାଯାଇଥିଲା ଏବଂ ଝାରସୁଗୁଡ଼ାର ଅମିତ ମେଡିକାଲ ଏଜେନ୍ସିର ମାଲିକ ଫେରାର ହୋଇଯାଇଥିଲେ। ତାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ କରାଯାଇଛି। ଏହି ଚଢ଼ାଉକୁ ପ୍ରାୟ ୧ମାସ ବିତିବାକୁ ବସିଲାଣି। ଏହାବାଦ୍ ଅନ୍ୟ ଘଟଣାରେ ଏସ୍‌ଟିଏଫ୍ କ'ଣ ପଦକ୍ଷେପ ନେଉଛି ସେ ନେଇ ଅଦ୍ୟାବଧି କୌଣସି ସୂଚନା ଆସିନାହିଁ। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏସ୍‌ଟିଏଫ୍ ଏବେ କଟକରୁ ଚିହ୍ନଟ ହୋଇଥିବା ସୁକ୍ରାଲ-ଓ କେନ୍ଦ୍ରାପଡ଼ାରୁ ଜବତ ହୋଇଥିବା କ୍ଲାଭମ୍ ଔଷଧ ଉପରେ ନଜର ରଖିଛି। କଟକରୁ ଚିହ୍ନଟ ହୋଇଥିବା ନକଲି ଔଷଧ ଘଟଣାରେ ସ୍ଥାନୀୟ ଜଣେ ଡ୍ରଗ୍ ଇନ୍ସପେକ୍ଟର(ଡିଆଇ)ଙ୍କ ଭୂମିକା ସନ୍ଦେହ ଘେରରେ ରହିଥିଲା। ତାଙ୍କ ଦ୍ୱାରା ପ୍ରାରମ୍ଭିକ ପର୍ଯ୍ୟାୟରେ ନକଲି ଔଷଧ ଚିହ୍ନଟ ହୋଇଥିଲେ ବି ପରବର୍ତ୍ତୀ ସମୟରେ ତାହା ବଜାରରେ ବିକ୍ରି ହେଉଥିବା ନଜରକୁ ଆସିଥିଲା। ପରେ କଟକ ଡିଆଇମାନଙ୍କ ଦ୍ୱାରା ହୋଇଥିବା ଏକ ମିଳିତ ଚଢ଼ଉରେ ଏହାକୁ ଚିହ୍ନଟ କରାଯାଇଥିଲା। ତେଣୁ ଏହି ନକଲି ଔଷଧ ଘଟଣାରେ ଡ୍ରଗ୍ ଏସ୍‌ଟିଏଫ୍ ଯେଉଁ ଆଭିମୁଖ୍ୟ ଗ୍ରହଣ କରିବ ତାହା ଆଗାମୀ ଦିନରେ ରାଜ୍ୟରେ ନକଲି ଔଷଧର ଧରପଗଡ଼ର ଭବିଷ୍ୟତ ନିର୍ଣ୍ଣୟ କରିବ ବୋଲି କୁହାଯାଉଛି। ଏହାସହ କେନ୍ଦ୍ରାପଡ଼ାରୁ ଚିହ୍ନଟ ହୋଇଥିବା କ୍ଲାଭାମ୍ ଔଷଧ ରାଜଧାନୀର ଏକ ଔଷଧ ଦୋକାନରୁ ଚିହ୍ନଟ ହୋଇଥିଲା। କମ୍ପାନି କର୍ତ୍ତୃପକ୍ଷ ଏହାକୁ ନକଲି ବୋଲି ସ୍ପଷ୍ଟ କରି ସାରିଛନ୍ତି। ମାତ୍ର ଏହି ଦୁଇଟି ନକଲି ଔଷଧ ଚିହ୍ନଟ ହେବାର ପ୍ରାୟ ୬/୮ମାସ ବିତିବାକୁ ବସିଥିବାରୁ ଏସ୍‌ଟିଏଫ୍ ଏହାର ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚିପାରିନି। ଡ୍ରଗ୍ ଏସ୍‌ଟିଏଫ୍‌ର ଜଣେ ସଦସ୍ୟ କହିଛନ୍ତି ଯେ ଝାରସୁଗୁଡ଼ା, ବରଗଡ଼ ଘଟଣା ପରେ ଏବେ ଆମେ କଟକ ଓ କେନ୍ଦ୍ରାପଡ଼ାକୁ ଆଖି ରଖିଛୁ। ଏ ସଂପର୍କିତ ରିପୋର୍ଟ ସଂଗ୍ରହ



କରାଯାଉଛି। ରାଜ୍ୟରେ ଏବେ ନୂତଭାବେ କୌଣସି ନକଲି ଔଷଧ ବଜାରରେ ବିକ୍ରି ହେଉଛି କି ନାହିଁ ତାହା ସଂପର୍କରେ କୌଣସି ସୂଚନା ମିଳିନାହିଁ। ରାଜ୍ୟ ଭେଷଜ ନିର୍ଦ୍ଦେଶାଳୟକୁ ମଧ ସୂଚନା ଦେବା ଲାଗି କୁହାଯାଇଛି। ଏପଟେ ଡ୍ରଗ୍ ଏସ୍‌ଟିଏଫ୍ ପାଇଁ ଯେଉଁ ଏସ୍ଓପି ପ୍ରସ୍ତୁତ କରାଯାଉଛି ତାହା ସଂପୂର୍ଣ୍ଣ ହୋଇନାହିଁ। ଯେହେତୁ ଦେଶର ଅନ୍ୟ କୌଣସି ରାଜ୍ୟରେ ଏଭଳି କୌଣସି ଏସ୍ଓପି ନାହିଁ ଓ ଓଡ଼ିଶାରେ ପ୍ରଥମଥର ଲାଗି ଏହାକୁ ପ୍ରସ୍ତୁତ କରାଯାଉଛି, ଏ ଦୃଷ୍ଟିରୁ କିଛିଟା ସମସ୍ୟା ଦେଖା ଦେଉଛି। ତେବେ ଯଥାଶୀଘ୍ର ଏହାକୁ ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ଅନୁମୋଦନ ଲୋଡ଼ାଯିବ ବୋଲି ସଦସ୍ୟ ଜଣକ ସୂଚନା ଦେଇଛନ୍ତି। ଉଲ୍ଲେଖ ଯେ ଗତବର୍ଷ ରାଜ୍ୟରେ ୧୦ରୁ ଅଧିକ ନକଲି ଔଷଧ ଚିହ୍ନଟ କରାଯାଇଛି। ତହିଁରୁ ଅଧିକାଂଶ ଔଷଧ ରାଜ୍ୟ ବାହାରୁ ଆସିଥିବା ବେଳେ କିଛିଟା ରାଜ୍ୟ ଭିତରେ ପ୍ରସ୍ତୁତ କରାଯାଇଛି। ହେଲେ ସାଧାରଣ ଲୋକ ଏଭଳି ନକଲି ଔଷଧ ସେବନରୁ ବର୍ତିପାରୁ ନାହାନ୍ତି। ରାଜଧାନୀର ଜଣେ ବ୍ୟକ୍ତିଙ୍କ ଅଭିଯୋଗ କାରଣରୁ ରାଜ୍ୟରେ ବିକ୍ରି ହେଉଥିବା ନକଲି ଉଚ୍ଚ ରକ୍ତଚାପ ଔଷଧର ପର୍ଦ୍ଦାଫାସ ହୋଇଥିଲା।

# ମାଲକାନଗିରି ବାଙ୍ଗାଲି ସମାଜର ବୈଠକ: ମାଲକାନଗିରି ସଦର ୟୁନିଟ ନାମରେ ନୂତନ ଶାଖା ଗଠନ

ମାଲକାନଗିରି, ୧୨/୦୨ (ନି.ପ୍ର): ସାହିତ୍ୟ ଓ ସଂସ୍କୃତିର ଉତଥାନ ଓ ମାନବିକତାର ସମ୍ମାନର ମନ୍ତ୍ର ନେଇ ମାଲକାନଗିରି ଜିଲ୍ଲାର ୨୧୪ ବଙ୍ଗାଲି ଗ୍ରାମକୁ ୧୧ ଗୋଟି ଜୋନରେ ବିଭକ୍ତ କରି ପ୍ରତିଷ୍ଠା କରାଯାଇଥିବା ମାଲକାନଗିରି ବାଙ୍ଗାଲି ସମାଜ (ଏମ.ବି.ଏସ)ର ଜିଲ୍ଲା ସଭାପତି ଗୌରାଙ୍ଗ କର୍ମକାରଙ୍କ ଅଧକ୍ଷତାରେ ଗତକାଲି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମାଲକାନଗିରି ସଦର ମହକୁମା ଏମ.ଭି - ୩ ରାଧାକୃଷ୍ଣ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମାଲକାନଗିରି ସହରର ବହୁ ସଂଖ୍ୟକ ଜନସାଧାରଣ ଯୋଗଦାନ କରିଥିଲେ। ସର୍ବସମ୍ମତି କ୍ରମେ ଏମ.ବି.ଏସ. ର ଆଉ ଗୋଟିଏ ଶାଖା ମାଲକାନଗିରି ସଦର ୟୁନିଟ୍ ନାମରେ ଗଠନ କରାଯାଇଥିଲା। ଏମ.ବି.ଏସ.ର ଏହି ସଦର ୟୁନିଟ ଗଠନର ଉଦ୍ଦେଶ୍ୟ ଥିଲା, ଜିଲ୍ଲାରେ ବସବାସ କରୁଥିବା ସମସ୍ତ ବଙ୍ଗଳା ଭାଷାଭାଷୀ ଲୋକଙ୍କର ମାତୃଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ଅଭିବୃଦ୍ଧି। ଏଠାରେ ଥିବା ସମସ୍ତ ବଙ୍ଗଳା ଭାଷାଭାଷୀ ଲୋକଙ୍କର ସମ୍ବିଧାନ ସ୍ୱୀକୃତ ସମସ୍ତ ମୌଳିକ ଅଧିକାରର ସୁରକ୍ଷା, ମାଲକାନଗିରି ଜିଲ୍ଲାରେ ବସବାସ କରୁଥିବା ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସବୁ ସମ୍ପ୍ରଦାୟ ସହିତ ଉତମ ସମ୍ପର୍କ ଓ ଭାଇଚାରା ବଜାୟ ରଖିବା। ଏଥିସହିତ ସବୁ କ୍ଷେତ୍ରରେ ସମସ୍ତଙ୍କ ସହିତ ସବୁ ବିଷୟରେ ସାହାଯ୍ୟ ସହଯୋଗିତାର ହାତ ବଢ଼ାଇବା ଏବଂ ବିଶେଷ ଭାବରେ ଆଦିବାସୀ ଭାଇଭଉଣୀ ମାନଙ୍କ ସହିତ ଉତମ ସମ୍ପର୍କ ସୃଷ୍ଟି କରିବା ସହିତ ସେମାନଙ୍କ ମଧ୍ୟରେ ସ୍ଥାନୀୟ ବେଙ୍ଗଲୀ ଲୋକ ମାନଙ୍କ ବିଷୟରେ ଥିବା ବିଭିନ୍ନ ଭୁଲ ଧାରଣା ଗୁଡିକ ଦୂର କରି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବା ଆଦି ବିଷୟରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାରେ ବସବାସ କରୁଥିବା ସମସ୍ତ ଭାଷାଭାଷୀ ଲୋକଙ୍କର ଉନ୍ନତି ପାଇଁ ସରକାର ଏବଂ ଜିଲ୍ଲା ପ୍ରଶାସନ ସହିତ ହାତରେ ହାତ, କାନ୍ଧରେ କାନ୍ଧ ମିଳାଇ ଆଗକୁ ବଢ଼ିବା ହିଁ ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମସ୍ତ କର୍ମକର୍ତାମାନେ ସ୍ପଷ୍ଟ କରିଥିଲେ। ବିଶେଷରେ, ସର୍ବସମ୍ମତି କ୍ରମେ ସଦର ୟୁନିଟର ସଭାପତି ଭାବରେ ଦିଲିପ ଦାସ ଏବଂ ସମ୍ପାଦକ ଭାବରେ କିଶୋର ଚନ୍ଦ୍ର ସିକଦାର, କୋଷାଧକ୍ଷ ଭାବରେ ଦେବବ୍ରତ କର୍ମକାର, ଉପ ସଭାପତି ଭାବରେ ଶଙ୍କର ପାଲ, ବୀରମୋହନ ଅଧିକାରୀ ଏବଂ ସହ ସଂପାଦକ ଭାବରେ ସୃଷ୍ଟିଧର ହାଲଦାର ତଥା ଶ୍ରୀଦାମ ଗାଇନଙ୍କୁ ଜିଲ୍ଲା କମିଟିର ପଦାଧିକାରୀମାନେ ମାଲ୍ୟାର୍ପଣ ଓ କରତାଳି ମାଧମରେ ମନୋନୀତ କରିଥିଲେ।

# ମୟୁରଭଂଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ରାଷ୍ଟ୍ରୀୟ ଲୋକ ଅଦାଲତ




ବାରିପଦା, ୧୨/୦୨ (ନି.ପ୍ର): ଆଜି ମୟୁରଭଂଜ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦା ଠାରେ ଜିଲ୍ଲା ଦୌରା ଜଜଙ୍କ କାର୍ଯ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଅଦାଲତ ରେ ମୋଟ ୭୦୮୫ ଗୋଟି ମାମଲା ମଧ୍ୟରୁ ୧୦୯୮ ଟି ମାମଲାର ଆପୋଷ ବିଚାର ହୋଇ ୨ କୋଟି ୬୫ ଲକ୍ଷ ୧୪ ହଜାର ୧୨୮ ଟଙ୍କା ଆଦାୟ ହୋଇଥିବା ଜଣା ପଡିଛି । ଭାର ପ୍ରାପ୍ତ ଜିଲ୍ଲା ଦୌରା ଜଜ ତଥା ଭାରପ୍ରାପ୍ତ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଶ୍ରୀମତୀ ସୁମିତା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି ଲିଟିଗେଶନ ସମ୍ବନ୍ଧୀୟ ୫୮୯୭ ଟି ମାମଲା ମଧ୍ୟରୁ ୫୬୬ ଟି ବ୍ୟାଙ୍କ ଋଣ ଆଦାୟ ମାମଲା ଓ ୪ ଟି ଅନ୍ୟାନ୍ୟ ବିବାଦୀୟ ଦେୱାନୀ ଏବଂ ଜମିଜମା ମାମଲା ଫଇସଲା କରାଯାଇ ମୋଟ ୧ କୋଟି ୫୯ ଲକ୍ଷ ୧୭ ହଜାର ୦୯୧ ଟଙ୍କା ଏବଂ ବକେୟା ଥିବା ବିଭିନ୍ନ ଶ୍ରେଣୀ ଭୁକ୍ତ ୧୧୮୮ ଗୋଟି ମାମଲାମଧ୍ୟରୁ କ୍ରିମିନାଲ କମ୍ପାଉଣ୍ଡେବଲ କେଶ ୫ ଟି, ଏନ ଆଇ ଆକ୍ଟ ଧାରା ୧୩୮ ଅନ୍ତର୍ଗତ ୧୭ ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୨୦ ଟି, ମୋଟର ଯାନ ଦୁର୍ଘଟଣା ମାମଲା ୯ ଟି, ବୈବାହିକ ସମ୍ବନ୍ଧୀୟ ୮ ଟି, ରାଜସ୍ୱ ମାମଲା ୩୦୧ ଟି, ସିଭିଲ ମାମଲା ୩୮ ଟି ଓ ଅନ୍ୟାନ୍ୟ ଅପରାଧିକ ଫୌଜଦାରୀ ମାମଲା ୧୩୪ ଟି ସମେତ ମୋଟ ୫୩୨ ଟି ଫଇସଲା କରାଯାଇ ୧ କୋଟି ୦୬ ଲକ୍ଷ ୧୭ ହଜାର ୬୩୭ ଟଙ୍କା ଆଦାୟ ପାଇଁ ସମାଧାନ ହୋଇଥିବା ଜଣାପଡିଛି । ପ୍ରାଧିକରଣ ସଚିବ ଶ୍ରୀମତୀ ଶିବାନୀ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ଏହି ଲୋକ ଅଦାଲତ ରେ ଫାମିଲି କୋ?ର୍ଟ ଜଜ ଶ୍ରୀ ବିରଂଚି ନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ ଶ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ଦୀପକ ରଂଜନ ସାହୁ, ସିନିୟର ସିଭିଲ ଜଜ ମିସ ଦୀପା ଦାସ, ଅତିରିକ୍ତ ସିନିୟର ସିଭିଲ ଜଜ ଶ୍ରୀମତୀ ଅପୂର୍ବା ଚୌଧୁରୀ, ସିନିୟର ସିଭିଲ ଜଜ ଶ୍ରୀମତୀ ପଲ୍ଲବୀ ରାଣୀ ସାହୁ, ଦ୍ୱିତୀୟ ସିଭିଲ ଜଜ ଶ୍ରୀମତୀ ଦେବଶ୍ରୀ ସାହୁ, ଏସଡିଜେଏମ ଶ୍ରୀମତୀ ବିଶ୍ୱକଲ୍ପିତା ମହାନ୍ତି, ଜେଏମଏଫସି ଜଜ ମିସେସ ଜରିନ ଖାନ, ଜେଏମ ଏସସି କୋ?ର୍ଟ ଜଜ ଶ୍ରୀମତୀ ମନ୍ଦିରା ମହାନ୍ତଙ୍କ ସମେତ ସିଭିଲ କୋ?ର୍ଟ ରେଜିଷ୍ଟାର ଶ୍ରୀ ଆଶିଷ କୁମାର ପରିଛା ଓ ଅନ୍ୟାନ୍ୟ ବିଚାର ବିଭାଗୀୟ ଓ ମାଜିଷ୍ଟ୍ରେଟ, ଆଇନଜୀବୀ, ବିଭିନ୍ନ ରାଷ୍ଟ୍ରାୟତ ଓ ଘରୋଇ ବ୍ୟାଙ୍କ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ମାନେ ସହଯୋଗ କରିଥିଲେ । ରେଜିଷ୍ଟ୍ରାର ଶ୍ରୀ ଆଶିଷ କୁମାର ପରିଛାଙ୍କ ପରିଚାଳନା ରେ ଉକ୍ତ ରାଷ୍ଟ୍ରୀୟ ଲୋକଅଦାଲତ କାର୍ଯ୍ୟକ୍ରମ ଶୃଙ୍ଖଳାର ସହିତ ସୁଚାରୁ ରୂପେ ଅନୁଷ୍ଠିତ ହୋଇ ଥିଲା ।

## ଚିଲିକା ମଝିରେ ଅଟକିଲା ଭସାପୋଲ

ପୁରୀ/ଖୋର୍ଦ୍ଧା, ୧୨/୦୨ (ନି.ପ୍ର): ଶହେରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ସାତପଡ଼ାରୁ ଜହ୍ନିକୁଦା ଅଭିମୁଖେ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ଆଜି ସକାଳେ ଚିଲିକା ମଝିରେ ଅଟକି ଯାଇଥିଲା ଭସାପୋଲ । କୁହୁଡ଼ି ଯୋଗୁଁ ଭସାପୋଲ ଚ୍ୟାନେଲ ବାହାରକୁ ଚାଲିଯିବାରୁ ଚିଲିକା ମଝିରେ ଅଟକି ଯାଇଥିଲା । ପରେ ଜେସିବି ସାହାଯ୍ୟରେ ଚ୍ୟାନେଲ ଖୋଳାଯାଇ ଭସାପୋଲକୁ ଚ୍ୟାନେଲ ମଝିକୁ ଆଣିବାରୁ ତାହା ଚଳାଚଳ ହୋଇଥିଲା । ପ୍ରଥମେ ଡ଼ଙ୍ଗା ଦ୍ୱାରା ଏହି ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଛି । ପରେ ପ୍ରଶାସନ ପକ୍ଷରୁ ଭସାପୋଲକୁ ସୁରକ୍ଷିତ ଭାବେ କୂଳକୁ ଅଣାଯାଇଛି । ଏହି ଭସାପୋଲରେ ଦୁଇଟି ବସ୍, ୧୦ଟି ବାଇକ୍ ଓ ୧୦୦ ରୁ ଉର୍ଦ୍ଧ୍ୱ ଯାତ୍ରୀ ଯାତ୍ରା କରୁଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ, ଭସାପୋଲଟି ବାରମ୍ବାର ଚିଲିକା ମଝିରେ ଅଟକୁଥିବାରୁ ଏଠାରେ ସ୍ଥାୟୀ ବ୍ରିଜ ନିର୍ମାଣ ଦାବି ଜୋର୍ ଧରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୪ ପୂର୍ବରୁ ଆନ୍ଦୋଳନ ମୁଡରେ....

ଗତ କିଛି ଦିନ ମଧ୍ୟରେ ରାଜ୍ୟରେ ଆଇନଶୃଙ୍ଖଳା ବିଗିଡିଛି । ନବଦାସଙ୍କ ହତ୍ୟାକାଣ୍ଡ ପରେ ଏହା ଅଧିକ ବିପର୍ଯ୍ୟସ୍ତ ହୋଇଛି । ଜଣେ ମନ୍ତ୍ରୀ ବି ସୁରକ୍ଷିତ ନୁହନ୍ତି ବୋଲି ପ୍ରମାଣିତ ହୋଇଛି । ତେଣୁ ଆଇନଶୃଙ୍ଖଳାକୁ ପ୍ରସଙ୍ଗ କରି ୧୪ ତାରିଖରେ ଭୁବନେଶ୍ୱର, ୧୫ ତାରିଖରେ ସବୁ ଜିଲ୍ଲା ମୁଖ୍ୟାଳୟ ଘେରାଉ ଓ ୧୬ ତାରିଖରେ ରାଜଭବନ ସାମ୍ନାରେ ଧାରଣା ସହ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବ ଦଳ । ତେବେ ବିଜେପି କେବଳ ରାଜନୀତି କରୁଛି ବୋଲି ଅଭିଯୋଗ ଆଣିଛି ବିଜେଡି । ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟରେ ଶାସକ ଓ ବିରୋଧୀ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି । କଂଗ୍ରେସ ବି ଆନ୍ଦୋଳନ ପାଇଁ ପ୍ରସ୍ତୁତି ଚଳାଇଛି । କିନ୍ତୁ ଭୋଟର କାହା ମୁଣ୍ଡରେ ସୁନାକଳସ ଢାଳୁଛନ୍ତି ତାହା ଆଗାମୀ ନିର୍ବାଚନରେ ସ୍ପଷ୍ଟ ହେବ ।

### ୧୩ ରାଜ୍ୟରେ ନୂଆ ରାଜ୍ୟପାଳ....

ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଏହା ସହିତ ଲକ୍ଷ୍ମଣ ପ୍ରସାଦ ଆଚାର୍ଯ୍ୟଙ୍କୁ ସିକିମ, ଶିବ ପ୍ରସାଦ ଶୁକ୍ଳଙ୍କୁ ହିମାଚଳ ପ୍ରଦେଶ ଓ ଗୁଲାବ ଚନ୍ଦ କଟାରିଆଙ୍କୁ ଆସାମର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ରାଷ୍ଟ୍ରପତି ଜଷ୍ଟିସ (ସେବା ନିବୃତ୍ତ) ଏସ ଅବଦୁଲ ନଜୀରଙ୍କୁ ଆନ୍ଧ୍ର ପ୍ରଦେଶ, ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ବିଶ୍ୱ ଭୂଷଣ ହରିଚନ୍ଦନଙ୍କୁ ଛତିଶଗଡ, ଛତିଶଗଡର ରାଜ୍ୟପାଳ ଅନୁସୂୟା ଉଇକେଙ୍କୁ ମଣିପୁରର ରାଜ୍ୟପାଳ ଭାବେ ନିଯୁକ୍ତି ଦେଇଛନ୍ତି । ମଣିପୁରର ରାଜ୍ୟପାଳ ଲା ଗଣେଶନଙ୍କୁ ନାଗାଲାଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ବିହାରର ରାଜ୍ୟପାଳ ଫଗୁ ଚୌହାନଙ୍କୁ ମେଘାଳୟର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ହିମାଚଳ ପ୍ରଦେଶର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କୁ ବିହାରର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଅରୁଣାଚଳ ପ୍ରଦେଶର ରାଜ୍ୟପାଳ ବ୍ରିଗେଡିୟର (ସେବା ନିବୃତ୍ତ) ବିଡି ମିଶ୍ରଙ୍କୁ ଲଦାଖର ଉପ ରାଜ୍ୟପାଳ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ରାଷ୍ଟ୍ରପତି ଭବନ ପକ୍ଷରୁ ଜାରୀ ବିଜ୍ଞପ୍ତିରେ କୁହାଯାଇଛି ଯେ ଏହି ନିଯକ୍ତି ତାଙ୍କର ସଂପୃକ୍ତ କାର୍ଯ୍ୟାଳୟର ଦାୟିତ୍ୱ ଗ୍ରହଣ କରିବାର ଦିନରୁ ଲାଗୁ ହେବ ।

## ଦେଶୀ ବନ୍ଧୁକ ଜବତ, ଶିକାରୀ ଗିରଫ



ନୀଳଗିରି, ୧୨/୦୨ (ନି.ପ୍ର): ନୀଳଗିରି କୁଲଡିହା ଅଭୟାରଣ୍ୟ ରଥକାଠ ପୋଖରୀ ନିକଟରୁ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଦେଶୀ ବନ୍ଧୁକ ଜବତ୍ କରାଯାଇଛି । ସୂଚନା ଅନୁଯାଇ କୁଲଡିହା ଅଭୟାରଣ୍ୟ-୨ ନିକଟସ୍ଥ ରଥକାଠ ପୋଖରୀ ଅଂଚଳରେ କିଛି ଶିକାରୀ ଶିକାର କରିବାକୁ ଯାଉଥିବା ଖବର ପାଇଁ କୁଲଡିହା ରେଞ୍ଜର ଅନନ୍ତ କୁମାର ଜେନାଙ୍କ ନିର୍ଦ୍ଦେଶରେ ରବିବାର ଭୋର ସମୟରେ ଖାନତଲାସୀ କରାଯାଇଥିଲା । ଘଟଣାସ୍ଥଳରୁ ୨ଜଣ ଶିକାରୀ ଖସିଯିବାରେ ସମର୍ଥ ହୋଇଥିବା ବେଳେ ଭରତ ମଢ଼େଇଙ୍କ ପୁଅ ବସନ୍ତ ମଢ଼େଇ (୨୮) ଯିଏକି ବେତକଟା ଅଂଚଳର ତାକୁ ଗିରଫ କରିବାରେ ବନବିଭାଗ ସକ୍ଷମ ହୋଇଛି । ଏହି ଚଢ଼ାଉରେ ରେଞ୍ଜର ଅନନ୍ତ କୁମାର ଜେନାଙ୍କ ସହ ଫରେଷ୍ଟର ବିଜୟ କୁମାର ସାହୁ, ଫରେଷ୍ଟ ଗାର୍ଡ, ଅଂଜନ କୁମାର ଦାସଙ୍କ ସହ ପ୍ରଟେକସନ ସ୍କାର୍ଡ ସହଯୋଗ କରିଥିଲେ । ଶିକାରୀଙ୍କୁ କୋର୍ଟଫରୱାର୍ଡ଼ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି ।

## ପ୍ରାଇଭେଟ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ ରାଜ୍ୟ ଅଧିବେଶନ

ବାଲେଶ୍ୱର, ୧୨/୦୨ (ନି.ପ୍ର): ଅଲ ଓଡ଼ିଶା ପ୍ରାଇଭେଟ ମେଡିକାଲ ଏଷ୍ଟାବ୍ଲିସମେଣ୍ଟ ଫୋରମ'ର ଦ୍ୱାଦଶ ସାଧାରଣ ପରିଷଦ ଅଧିବେଶନ ଚାନ୍ଦିପୁର ସ୍ଥିତ ଅର୍ପିତା ହୋଟେଲ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସଭାପତି ଡାକ୍ତର ସୁବ୍ରତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ସମ୍ପାଦକ ଡାକ୍ତର ଇନ୍ଦ୍ରମଣି ଜେନା, କୋଷାଧ୍ୟକ୍ଷ ଡାକ୍ତର ଦେବଦତ୍ତ କୁମାର ସାହୁ, ଉପ-ସଭାପତି ଡାକ୍ତର ରବୀନ୍ଦ୍ର କୁମାର ପ୍ରଧାନ ଓ ଡାକ୍ତର ସୁରେଶ କୁମାର ଅଗ୍ରୱାଲ, ସହ-ସମ୍ପାଦକ ଡାକ୍ତର ସଂଗ୍ରାମ କୁମାର ମହାପାତ୍ର, ଡାକ୍ତର ଅଜୟ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ବେସରକାରୀ ଚିକିତ୍ସା ସଂସ୍ଥା ପରିଚାଳନାରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ତା'ର ସ୍ଥାୟୀ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ପ୍ରତ୍ୟେକ ସଂସ୍ଥା ସରକାରୀ ନିୟମ ପାଳନ କରି ଚାଲିଥିବା ବେଳେ ଯାଞ୍ଚ ଆଳରେ ସରକାରୀ ଅଧିକାରୀଙ୍କ ପକ୍ଷରୁ ବଢ଼ିଥିବା ଦୌରାତ୍ମ୍ୟକୁ ନେଇ ଏହି ଅଧିବେଶନରେ ଉଦବେଗ ପ୍ରକାଶ ପାଇଥିଲା । ସବୁଠାରୁ ବଡ଼କଥା ହେଲା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ହିତାଧିକାରୀ ପରିବାରଙ୍କ ଚିକିତ୍ସା କରି ମାସ ମାସ ପରେ ବି ଧାର୍ଯ୍ୟ ଅର୍ଥରାଶି ମିଳୁ ନଥିବାକୁ ନେଇ ଏହି ଅଧିବେଶନରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ । ବେସରକାରୀ ଚିକିତ୍ସା ସଂସ୍ଥାରେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ନେଇ ଆଗାମୀ ଦିନରେ ସଂଗଠନ ପକ୍ଷରୁ ସରକାରଙ୍କ ସହ ଆଲୋଚନା କରାଯିବ ବୋଲି ସମ୍ପାଦକ ଡାକ୍ତର ଜେନା ସୂଚନା ଦେଇଥିଲେ । ଏହି ଅବସରରେ ସଂଗଠନର ଆଗାମୀ ବର୍ଷ ପାଇଁ କର୍ମକର୍ତ୍ତା । ଚୟନ କରାଯାଇଥିଲା । ଡାକ୍ତର ସୁବ୍ରତ ଜେନା ସଭାପତି, ଡାକ୍ତର ରବୀନ୍ଦ୍ର କୁମାର ପ୍ରଧାନ ପରବର୍ତ୍ତୀ ସଭାପତି, ଡାକ୍ତର ଇନ୍ଦ୍ରମଣି ଜେନା ମହାସଚିବ, ଡାକ୍ତର ସୁରେଶ କୁମାର ଅଗ୍ରୱାଲ, ଡାକ୍ତର କେସି ମହାନ୍ତି, ଡାକ୍ତର ପ୍ରଭାସ ମହାନ୍ତି, ଡାକ୍ତର ମୋହନଲାଲ ଜୈନ ଓ ଇଂ. ରାଜେଶ ମିଶ୍ର ଉପ-ସଭାପତି, ଡାକ୍ତର ସଂଗ୍ରାମ କେଶରୀ ମହାପାତ୍ର ଓ ଇଂ. ମନୋଜ କୁମାର ରଥ ସମ୍ପାଦକ, ଡାକ୍ତର ଦେବଦତ୍ତ ସାହୁ କୋଷାଧ୍ୟକ୍ଷ ଭାବେ ଚୟନ ହୋଇଛନ୍ତି ।

## ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ଭୁବନେଶ୍ୱରରେ ୩୭.୪ ଡ଼ିଗ୍ରୀ

ଭୁବନେଶ୍ୱର, ୧୨/୦୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ଭୁବନେଶ୍ୱରରେ ୩୭.୪ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଫୁଲବାଣୀରେ ୧୦.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ପାର୍ବତ୍ୟାଚଂଳରେ ସର୍ବନିମ୍ନ ତାପମାତ୍ରା ଜି. ଉଦୟଗିରିରେ ୭.୬ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୭.୪ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୬.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି । କଟକରେ ସର୍ବୋଚ୍ଚ ତାପମାତ୍ରା ୩୫.୦ ଡ଼ିଗ୍ରୀ ଓ ସର୍ବନିମ୍ନ ତାପମାତ୍ରା ୧୮.୫ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି ।

## ତୁର୍କୀ, ସିରିୟା ଭୂମିକମ୍ପ ପରେ ବିଶ୍ୱରେ ଭୟର ବାତାବରଣ

ନୂଆଦିଲ୍ଲୀ,୧୨/୦୨ : ତୁର୍କୀ ଓ ସିରିଆରେ ପ୍ରକୃତିର ତାଣ୍ଡବ ପରେ ସମଗ୍ର ବିଶ୍ୱରେ ଦେଖା ଦେଇଛି ଭୟର ବାତାବରଣ । ଆଗକୁ ଏସିଆରେ ଆସିପାରେ ଭୂମିକମ୍ପର ବଡ଼ ବିପଦ । ବିଶେଷ କରି ଭାରତ, ପାକିସ୍ତାନ ଓ ଆଫଗାନିସ୍ତାନକୁ ନେଇ ହୋଇଛି ବଡ଼ ଆକଳନ । ଏହି ଆକଳନ କରିଛନ୍ତି ନେଦରଲ୍ୟାଣ୍ଡ୍ସ ଗବେଷକ ଫ୍ୟାଙ୍କ୍ ହୋଗରବିଟ୍ସ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ହୋଗରବର୍ଗ ଏକ ବଡ଼ ଭୂମିକମ୍ପର ଭବିଷ୍ୟବାଣୀ କରୁଥିବା ଦେଖିବାକୁ ମିଳିଛି । ହୋଗରବର୍ଗ କହିଛନ୍ତି, ତୁର୍କୀ ଭଳି ଭୂମିକମ୍ପ ବା ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିପାରେ ଏସୀୟ ଦେଶ । ପରବର୍ତୀ ଭୂମିକମ୍ପ ଆଫଗାନିସ୍ତାନରୁ ଉତ୍ପନ୍ନ ହେବ । ଆଉ ଏହା ପରବର୍ତୀ ସମୟରେ ପାକିସ୍ତାନ ଓ ଭାରତ ଦେଇ ଗତି କରି ଭାରତ ମହାସାଗରରେ ଶେଷ ହେବ । ନେଦରଲ୍ୟାଣ୍ଡର ଏହି ଗବେଷକ ଗତ ଫେବୃଆରୀ ୩ ତାରିଖରେ ତୁର୍କୀ ଓ ସିରିଆରେ ବଡ଼ ଭୂମିକମ୍ପ ନେଇ ଭବିଷ୍ୟବାଣୀ କରିଥିଲେ । ସେ ଟ୍ୱିଟ୍ କରି ଲେଖିଥିଲେ, ଖୁବ୍‌ଶୀଘ୍ର କିମ୍ବା ପରେ ଦକ୍ଷିଣ-ମଧ୍ୟ ତୁର୍କୀ, ଜୋର୍ଡାନ, ସିରିଆ, ଲେବାନନରେ ୭ଦଶମିକ ୫ ତୀବ୍ରତାର ଭୂମିକମ୍ପ ଆସିବ । ଆଉ ସତକୁ ସତ, ଭୂମିକମ୍ପର ତାଣ୍ଡବରେ ତୁର୍କୀ ଓ ସିରିଆ ସମ୍ପୂର୍ଣ୍ଣ ଧ୍ୱଂସବିଧ୍ୱସ୍ତ ହୋଇଯାଇଛି । ତୁର୍କୀ ଓ ସିରିଆରେ ଆସିଥିବା ଭୂମିକମ୍ପରେ ୨୫ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଗକୁ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ । ଗବେଷକଙ୍କ ଆକଳନ, ଥରିବ ଭାରତ ! ଫେବୃଆରୀ ୩ରେ ଭୂମିକମ୍ପ ନେଇ ଭବିଷ୍ୟବାଣୀ କରିଥିଲେ ଫ୍ରାଙ୍କ । ସତ ହୋଇଥିଲା ଗବେଷକଙ୍କ ଭବିଷ୍ୟବାଣୀ । ୨ଦିନ ପରେ ଭୟଙ୍କର ଭୂମିକମ୍ପରେ ଥରିଲା ତୁର୍କୀ ଓ ସିରିଆ । ୯ ତାରିଖରେ ଏସିଆରେ ଭୂମିକମ୍ପ ନେଇ ଭବିଷ୍ୟବାଣୀ । ଭାରତ ସମେତ ଆଫଗାନିସ୍ତାନ, ପାକିସ୍ତାନରେ ହୋଇପାରେ ଭୂମିକମ୍ପ । ଚୀନରେ ମଧ୍ୟ ଆଗାମୀ ଦିନଗୁଡ଼ିକରେ ଆସିପାରେ ଭୂମିକମ୍ପ । ଭାରତରେ ଭୂମିକମ୍ପ ଫ୍ରାଙ୍କ ତାରିଖ ଘୋଷଣା କରିନାହାନ୍ତି ନେଇ । ବାୟୁମଣ୍ଡଳର ଅସ୍ଥିରତା ଯୋଗୁଁ ହୋଇପାରେ ଭୂମିକମ୍ପ । ସବୁ ବଡ଼ ଭୂମିକମ୍ପ ପରିବେଶରେ ନିଜର ପଦଚିହ୍ନ ଚାଡ଼ିନଥାଏ । ସେପଟେ ଭାରତ ପାଇଁ ଆର୍ଲଟ ମଧ୍ୟ ଜାରି ହୋଇଛି । ଆଇଆଇଟି କାନପୁରର ପ୍ରଫେସର ଜାବେଦ ମଲ୍ଲିକ ଦାବି କରିଛନ୍ତି କମ୍ ଦିନ ଭିତରେ ଭାରତରେ ମଧ୍ୟ ଦେଖାଯାଇପାରେ ଭୟଙ୍କର ଭୂମିକମ୍ପ । ଯଦି ଆଇଆଇଟି କାନପୁର ପ୍ରଫେସରଙ୍କ କଥା ସତ ହୁଏ ତେବେ ଏହି ଭୂମିକମ୍ପର ତ୍ରୀବତା ରେକ୍ଟର ସ୍କେଲରେ ୭.୫ ରହିବା ନେଇ ଆକଳନ କରିଛନ୍ତି ବୈଜ୍ଞାନିକ । ଏକଥା ମଧ୍ୟ ଦାବି କରାଯାଇଛି ଯଦି ଭୂମିକମ୍ପ ହୁଏ ତେବେ ହିମାଳୟ, ଆଣ୍ଡାମାନ ନିକୋବର କିମ୍ବା କଚ୍ଛରେ ଭୂକମ୍ପର କେନ୍ଦ୍ରସ୍ଥଳ ହୋଇପାରେ ।

## ଶ୍ରୀଜଗନ୍ନାଥ ନିକେତନର ୧୮ତମ ବାର୍ଷିକ ଉତ୍ସବ ପାଳିତ
## ଏକ ବୃହତ ମାନସିକତାର ଚେତନା ହିଁ ହିନ୍ଦୁତ୍ୱ : ପ୍ରମିଳା ପଣ୍ଡା



ଉଦଳା, ୧୨/୦୨ (ନି.ପ୍ର): ସ୍ଥାନୀୟ ଶ୍ରୀ ଜଗନ୍ନାଥ ନିକେତନର ୧୮ ତମ ବାର୍ଷିକ ଉତ୍ସବ ଆଜି ଫେବୃଆରୀ ୧୨ ତାରିଖ ରବିବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟ ରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଦିବସ ବ୍ୟାପି ସଫେଇ, ବେଦପାଠ, ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପର୍ବ ଅନୁଷ୍ଠିତ ହୋଇଥିଲା । ପ୍ରଭାତରେ ପ୍ରଥମେ ଶ୍ରୀ ଜଗନ୍ନାଥ ନିକେତନ ପରିସରକୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା । ଏହାପରେ ସାମୂହିକ ବେଦମନ୍ତ୍ର ଉଚ୍ଚାରଣ କରାଯାଇ ଅଖଣ୍ଡ ଭାରତର ମାନଚିତ୍ରକୁ ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ଅର୍ପଣ ପୂର୍ବକ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଅନୁଷ୍ଠିତ ସାଧାରଣ ସଭାରେ ସ୍ଥାନୀୟ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନିକେତନର ସମସ୍ତ କାର୍ଯ୍ୟକର୍ତାଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ହିନ୍ଦୁତ୍ୱର ପରିଭାଷା ଓ ଏହାର ବ୍ୟାପକତା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଭୁବନେଶ୍ୱର ସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଅକ୍ଷୟ କୁମାର ପିଟ, ଉପସଭାପତି ବିଜୟ କେତନ ସାହୁ, କେନ୍ଦ୍ରପଡ଼ା ଜିଲ୍ଲା ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଶାଖା ପରିଚାଳକ ଅମୂଲ୍ୟ କୁମାର ମହାରଣା ପ୍ରମୁଖ ଯୋଗ ଦେଇ ୧୯୯୯ ମସିହାରେ ହୋଇଥିବା ମହାବାତ୍ୟା ପରେ ଉତ୍କଳ ବିପନ୍ନ ସହାୟତା ସମିତି କିପରି ଜନ୍ମ ନେଲା ଓ ଏହାର ନିୟନ୍ତ୍ରଣରେ ଗଢ଼ି ଉଠିଥିବା ଶ୍ରୀ ଜଗନ୍ନାଥ ନିକେତନ , ଉଦଳାର ଭବିଷ୍ୟତ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ନିକେତନର ସଭାପତି ପ୍ରକାଶ କୁମାର ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ ନିକେତନର ଜନ୍ମ ଠାରୁ ଆଜି ପର୍ଯ୍ୟନ୍ତ ଦିର୍ଘ ୧୮ ବର୍ଷର ଇତିହାସ ବର୍ଣ୍ଣନା କରିଥିଲେ । ସମ୍ପାଦକ ଦୀପକ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ।

## ମହୁଲଡ଼ିହା ଥାନା ପରିସରରେ ଅଗ୍ନିକାଣ୍ଡ

ବାରିପଦା, ୧୨/୦୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ମହୁଲଡ଼ିହା ଥାନା ପରିସରରେ ଅଗ୍ନିକାଣ୍ଡ ଘଟି ପୋଡ଼ିଯାଇଛି ବହୁ ସଂଖ୍ୟାରେ ଜବତ ଗାଡ଼ି । ଖବର ପାଇ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଛି । ପାଖ ଜଙ୍ଗଲ ନିଆଁ ଯୋଗୁଁ ଥାନା ପରିସରରେ ରଖାଯାଇଥିବା ଜବତ ଗାଡ଼ି ଜଳି ଯାଇଥିବା ସୂଚନା ମିଳିଛି ।

## କ୍ଷୁଦ୍ର ଚଳଚ୍ଚିତ୍ର 'ଭରସା' ଲୋକାର୍ପିତ

ବଲାଙ୍ଗୀର, ୧୨/୦୨ (ନି.ପ୍ର): ସ୍ଥାନୀୟ ଜିଲ୍ଲା ସାମ୍ବାଦିକ ଭବନ ରେ କ୍ଷୁଦ୍ର ଚଳଚ୍ଚିତ୍ର 'ଭରସା' ର ଲୋକାର୍ପଣ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର ମୁଖ୍ୟ ଅତିଥି, ଗୁରୁଶ୍ରୀ ଘାସିରାମ ମିଶ୍ର, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ରସରାଜ ଅଚ୍ୟୁତ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ଷୁଦ୍ର ଚଳଚ୍ଚିତ୍ରର ପ୍ରଶଂସା କରିଥିଲେ । ସୌମ୍ୟରଞ୍ଜନ ପୂଜାରୀଙ୍କ ପ୍ରଯୋଜନା ଓ ରୋସନ ଭରଦ୍ୱାଜଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ରେ ସାଇସ୍ୱୟଂ ପଣ୍ଡା, ଚନ୍ଦନା ସିଂ, ପ୍ରଦ୍ୟୁମ୍ନ ମହାନ୍ତି, କିରଣମୟ ସାହୁ, ଲଳିତ ପୂଜାରୀ ଓ ଅସତାପ ମହାନ୍ତି ପ୍ରମୁଖ ଅଭିନୟ କରିଛନ୍ତି । କୋମଳମତି ଶିଶୁର ବିଶ୍ୱାସ ଓ ଭରସାରେ କିପରି ଅସାଧ୍ୟ ସାଧନା ହୋଇ ପାରିଛି ତାହା ଚଳଚ୍ଚିତ୍ରରେ ପ୍ରତିଫଳିତ ହୋଇଛି ।

## ଆଦର୍ଶ ମାଆ ହିଁ ଆଦର୍ଶ ମଣିଷ ସୃଷ୍ଟି କରିପାରେ

କଇଥଖୋଲା, ୧୨/୦୨ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ମାନବିକ ମୂଲ୍ୟବୋଧ ଶିକ୍ଷା ଉପରେ ଗୁରୁତ୍ୱ ଦିଅ ଯିବାର ଆବଶ୍ୟକତା ରହିଅଛି । ଉନ୍ନତ ଓ ଆଦର୍ଶ ଶିଶୁ ଗଠନ ରେ ମାଆ ମାନଙ୍କ ର ଭୂମିକା ବହୁ ଗୁରୁତ୍ୱ ପୂର୍ଣ୍ଣ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ ମୁଖ୍ୟ ଅତିଥି କରଞ୍ଜମାଳ ସି. ଆର. ସି. ସି ଅନୁପ କୁମାର ଦାସ, ଯୋଗ ଦେଇ ନିଜ ର ବହୁ ମୂଲ୍ୟ ବକ୍ତବ୍ୟ ରଖିଥଲେ । ବାସୁଦେବ ପୁର ସଂକୁଳ ପ୍ରମୁଖ ରମାକାନ୍ତ କରଙ୍କ ପୌରହିତ୍ୟ ରେ ମୁଖ୍ୟ ବକ୍ତା ଭାବେ ବାସୁଦେବପୁର ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଳିପଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ, ଅନୁଷ୍ଠାନ ପ୍ରତିଷ୍ଠାତା ସଭାପତି ବିମଳ କୁମାର ଦାସ ପ୍ରମୁଖ ଯୋଗ ଦେଇ ନିଜ ନିଜ ର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ ଳ ଗୁରୁଜୀ ବିଶ୍ୱଜିତ ଜାନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବରିଷ୍ଠ ସଦସ୍ୟ କୁମୁଦ ରଂଜନ ମଣ୍ଡଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଗୁରୁଜୀ ବିଶ୍ୱଜିତ ଜାନା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗ ରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ କ୍ଷ ପିଲାମାନଙ୍କ ଦ୍ୱାରା ନାଚ, ଗୀତ, ଏକକ ଅଭିନୟ, ଶିଶୁ ଗୀତ, ବ୍ୟାୟାମ ଉପରେ ସୁନ୍ଦର କାର୍ଯ୍ୟକ୍ରମ ମାନ ପାରିବେଷିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ଗୁରୁଜୀ ମଞ୍ଜିତ ନାରାୟଣ ବେହେରା, ଗୁରୁମା ଗୀତାରାଣୀ ମଣ୍ଡଳ, ନମିତା ବେହେରା, ସସ୍ମିତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଦ୍ୱିତୀୟ ଥର ଆନ୍ଦୋଳନ ନିମନ୍ତେ ପ୍ରାଥମିକ ଶିକ୍ଷକ ସଂଘର ସଜବାଜ : ଦାବି ପୂରଣରେ ସରକାରଙ୍କ ଟାଳଟୁଳ ନୀତି

ଭଦ୍ରକ, ୧୨/୦୨ (ନି.ପ୍ର): ପ୍ରାଥମିକ ଶିକ୍ଷକମାନଙ୍କର ୬ ବର୍ଷ ଠିକା କାର୍ଯ୍ୟକାଳକୁ ୬ଟି ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ପୁରୁଣା ପେନ୍‌ସନ୍‌କୁ ପୁନଃ ପ୍ରଚଳନ କରିବା ଦାବିରେ ଲକ୍ଷାଧିକ ପ୍ରାଥମିକ ଶିକ୍ଷକମାନେ ଭୁବନେଶ୍ୱରରେ ଦୀର୍ଘ ଦିନ ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନରେ ଭଦ୍ରକ ଜିଲ୍ଲାରୁ ପ୍ରାୟ ୩ହଜାର ଶିକ୍ଷକ ଯୋଗ ଦେଇଥିଲେ । ସରକାର ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିଥିଲେ ଏବଂ ଏହି କମିଟିରେ ଆଲୋଚନା କର ଶିକ୍ଷକମାନଙ୍କର ସମସ୍ୟା ସମାଧାନ କରାଯିବ ବୋଲି ଲିଖିତ ପ୍ରତିଶୃତି ଦେବା ପରେ ଆନ୍ଦୋଳନ ସ୍ଥଗିତ ଥିଲା । ଇତି ମଧ୍ୟରେ ୩ ମାସ ବିତି ଯାଇଥିଲେ ମଧ୍ୟ ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସରକାର କିଛି ଘୋଷଣା କରି ନାହାନ୍ତି । ଆଗକୁ ବିଧାନସଭାର ବଜେଟ ଅଧିବେଶନ ଆସୁଛି । ଏହି ପ୍ରାଥମିକ ଶିକ୍ଷକମାନଙ୍କୁ ସରକାର ଠକି ଦେବେ ବୋଲି ଆଶଙ୍କା ଉପୁଜିଲାଣି । ୫୭ ହଜାର କର୍ମଚାରୀଙ୍କର ଠିକା ନିଯୁକ୍ତି ପ୍ରଥାକୁ ଉଚ୍ଛେଦ କରି ସରକାର ୧୩୦୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଥିବା ବେଳେ ପ୍ରାଥମିକ ଶିକ୍ଷକମାନଙ୍କ ନିମନ୍ତେ ସରକାରଙ୍କର ଟାଳଟୁଳ ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ସଂଘ ତରଫରୁ କୁହା ଯାଇଛି । ୨୦୦୬ ମସିହା ଠାରୁ ଷଷ୍ଠ ବେତନରେ ଏହି ଶିକ୍ଷକମାନଙ୍କୁ ୨୨୦୦ ଗ୍ରେଡ୍ ପେ ହାରରେ ଦରମା ପ୍ରଦାନ କରାଯାଉଛି । କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଦାବିକୁ ସରକାର କର୍ଣ୍ଣପାତ କରୁ ନାହାନ୍ତି । ମିଳିତ ଶିକ୍ଷକ ମହାସଂଘର ଡାକରାରେ ଆଗାମୀ ବିଧାନସଭାର ବଜେଟ ଅଧିବେଶନ ସମୟରେ ଭଦ୍ରକ ଜିଲ୍ଲାରୁ ପୁଣି ୩ହଜାର ଶିକ୍ଷକ ଆନ୍ଦୋଳନରେ ସାମିଲ ହେବେ ବୋଲି ସଭାପତି ଅରବିନ୍ଦ ଦୀକ୍ଷିତ, ସମ୍ପାଦକ ପ୍ରଣୟ ମହାପାତ୍ର, ରାଜ୍ୟ ସଂଗଠନ ସମ୍ପାଦକ ତବରେଜ୍ ଖାନ୍, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ରାଉତ, ମହାସଚିବ ଜ୍ୟୋତିର୍ମୟ ଅଗସ୍ତି, ଶିକ୍ଷକ ନେତା ଗୟାଧର ଦାସ, ସୁକାନ୍ତ ନାୟକ, ନିଳଦ୍ରୀ ତ୍ରିପାଠୀ, ଚନ୍ଦ୍ରକାନ୍ତ ଶୁକ୍ଳ, ପ୍ରମୋଦ କର, ରୂପକ ମିଶ୍ର, ପ୍ରଦୀପ ସେଠୀ, ପ୍ରକାଶ ନାୟକ, ସଞ୍ଜୟ ନନ୍ଦ, ନରେନ୍ଦ୍ର ସାହୁ, ସନାତନ ଦାସ, ବୃନ୍ଦାବନ ବାରିକ, ପ୍ରଭାସ ପଣ୍ଡା, ପରମେଶ୍ୱର ମଲ୍ଲିକ, ପ୍ରଶାନ୍ତ ବାରିକ, ଚନ୍ଦ୍ରଭାନୁ ନାୟକ, ବିମଳ ଦାସ, ଶରତ ଥାଟୋଇ, ସୁରେନ୍ଦ୍ର ସେଠୀ, ପ୍ରଶାନ୍ତ ବେହେରା, ଦେବାନନ୍ଦ ବିଶ୍ୱାଳ ପ୍ରମୁଖ ଏକ ପ୍ରେସ ବିଜ୍ଞପ୍ତିରେ ଜରିଆରେ ଦୃଢ ଚେତାବନୀ ଦେଇଛନ୍ତି ।

## ସିଦ୍ଧେଶ୍ୱର ଫାର୍ମାସ୍ୟୁଟିକାଲ ସାଇନସେସ ପ୍ରାକ୍ତନ ଛାତ୍ରଙ୍କ ୨ୟ ମହାବନ୍ଧୁମିଳନ

ଅମର୍ଦ୍ଦାରୋଡ୍, ୧୨/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତର ଶ୍ୟାମସୁନ୍ଦରପୁର ସ୍ଥିତ ସିଦ୍ଧେଶ୍ୱର ଫାର୍ମାସ୍ୟୁଟିକାଲ ସାଇନସର ପ୍ରାକ୍ତନ ଛାତ୍ରମାନଙ୍କର ମହାମିଳନ ୨୦୨୩ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି ।କଲେଜର ପୂର୍ବତନ ଅଧକ୍ଷ ଜ୍ଞାନରଞ୍ଜନ ଦାସଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଉତ୍ତର ଓଡ଼ିଶା ଭେଷଜ ନିୟନ୍ତ୍ରଙ୍କ କାର୍ଯ୍ୟାଳୟର ମୁଖ୍ୟ ଅଶୋକ କୁମାର ପାତ୍ର , ମୁଖ୍ୟ ବକ୍ତା ଭାବେ ବାଲେଶ୍ୱର ଗ୍ରାମାଞ୍ଚଳ ଔଷଧ ନିରୀକ୍ଷକ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ପରିଚାଳନା କମିଟିର ସଦସ୍ୟ ରବୀନ୍ଦ୍ର ନାଥ ପଣ୍ଡା, ପ୍ରଦୀପ କୁମାର ବେହେରା, କଲେଜର ପୂର୍ବତନ ଅଧକ୍ଷ ଦିଲ୍ଲୀପ କୁମାର ସୁବୁଦ୍ଧି, ପ୍ରଧାପକ ନିରଞ୍ଜନ ପରିଡ଼ା, ପ୍ରଧାପିକା ଶୋଭାରାଣୀ ପଟ୍ଟନାୟକ,ପ୍ରଧାପକ ଜନ୍ମେଜୟ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ଭେଷଜ ପଦାର୍ଥ ବିଜ୍ଞାନର ଯୁବ ଉପଯୋଗୀ ତତ୍ ସହିତ ଆଧୁନିକ ପ୍ରଣାଳୀର ବ୍ୟବହାରିକ ବିଷୟରେ ଆଲୋକପାତ କରିବା ସହିତ କାର୍ଯ୍ୟରତ ଚିକିତ୍ସାଳୟ କିପରି ନିଶ୍ୱାର୍ଥ ଭାବେ ବିନା ବାଛବିଚାରରେ କାର୍ଯ୍ୟ ସମ୍ପାଦନ କରିବେ ସେସବୁର ଗୁଣାବଳୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲା ବେଳେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଫାର୍ମାସିଷ୍ଟ ମୋହିମ କୁମାର ପାଲ ଧନ୍ୟବାଦ ଅର୍ପଣ କରିଥିଲେ ।ଶେଷରେ ଅର୍କେଷ୍ଟ୍ରା ହାର୍ଟବିଟ୍ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।ଉକ୍ତ କାର୍ଯ୍ୟକ୍ରମକୁ ୧୯୮୨ ମସିହା ଠାରୁ ୨୦୨୩ ପର୍ଯ୍ୟନ୍ତ ପଢୁଥିବା ପୁରାତନ ଛାତ୍ରଛାତ୍ରୀ ଶୁଭ୍ରାଂଶୁ ଶେଖର ପଣ୍ଡା, ହେମନ୍ତ କୁମାର ବାରିକ, ସୌରବ ରଞ୍ଜନ ମହାନ୍ତି, ଶରତ ପଣ୍ଡା, କୈଳାସ ମହାନ୍ତି, ଅକ୍ଷୟ କିଶୋର ଦାସ,ସୁନିଲ ମହାନ୍ତି ଓ ସମସ୍ତ ଛାତ୍ର/ଛାତ୍ରୀ ଏବଂ କଲେଜର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଶେଷରେ ବାଲେଶ୍ୱର ହାର୍ଟ ବିଟ ଆରକେଷ୍ଟ୍ରାରେ ଝୁମି ଉଠିଥିଲେ ଛାତ୍ର ଛାତ୍ରୀ ।

## ଭଦ୍ରକ କଲେଜ ସୁବର୍ଣ୍ଣ ଆଲମୁନି ବ୍ୟାଚର ବଂଧୁମିଳନ

ଭଦ୍ରକ, ୧୨/୦୨ (ନି.ପ୍ର): ଭଦ୍ରକ କଲେଜ ସୁବର୍ଣ୍ଣ ଆଲମୁନୀ ବେଚ୍ ୭୩ ରୁ ୭୭ର ୫୦ବର୍ଷ ପରେ ତା ୧୨.୨.୨୩ରିଖରେ ବଂଧୁ ମିଳନ ଭଦ୍ରକ କଲେଜ ପରିସର ସି.ଏଲ୍.ଟି.ରେ ଅନୁଷ୍ଠିତ ହୋଇଥିଲା । ହରମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ କଲେଜର ଅଧକ୍ଷ ଡ଼. ସୁବୋଧ ମିଶ୍ର ଯୋଗ ଦେଇ କହିଲେ ଯେ କଲେଜ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ମୁଁ କଲେଜର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଚେଷ୍ଟା କରୁଛି । ଯଦି ଦରକାର ପଡ଼େ ମୁଁ ପୁରାତନ ଛାତ୍ରମାନଙ୍କ ସହଯୋଗ ଲୋଡ଼ିବି । ଏପରି ଏକ ବଂଧୁ ମିଳନ ଉତ୍ସବରେ ଯୋଗ ଦେଇ ମୁଁ ଆନନ୍ଦିତ । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଡ଼. ବ୍ରଜ ମୋହନ ମିଶ୍ର କହିଲେ ଯେ ମୁଁ ଅସୁସ୍ଥ ଥିବା ସତ୍ତ୍ୱେ ମୋର ପ୍ରିୟ ଛାତ୍ରଛାତ୍ରୀଙ୍କ ଡ଼ାକରେ ରହି ନପାରି ମୁଁ ଦୁଇପଦ ପରାମର୍ଶ ଦେବା ପାଇଁ ଆସିଲି । ଦୁନିଆରେ ମୋର ପ୍ରିୟ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଦେଖିଲେ ମୋ ପେଟ ପୁରିଯାଏ ଏବଂ ଛାତି କୁଣ୍ଢେ ମୋଟ ହୋଇଯାଏ । ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଏହି ବେଚ୍ ଛାତ୍ରଛାତ୍ରୀଙ୍କ ସହ ପ୍ରଥମେ ପୂର୍ବାହ୍ନରେ କଲେଜର ପ୍ରତିଷ୍ଠାତା ୰ ଡ଼. ହରେକୃଷ୍ଣ ମହତାବ ଓ ଜମିଦାତା ୰ ଛକଡ଼ି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସଭାରେ ଯୋଗ ଦେଇଥିଲେ । ଆରମ୍ଭରେ ସାଇ ବିନାୟକ କଲେଜ ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିଷେଣ କରାଯାଇଥିଲା । ସଭାରେ ଡ଼. ରାଧାରାଣୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ । ଶ୍ରୀ ନିତ୍ୟାନନ୍ଦ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରେମାନନ୍ଦ ଦାଶ ସଂଘ ଗଠନ କିପରି ହେଲା ତା ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୀଣା ରାଉତ, ଶ୍ରୀହର୍ଷ ସ୍ୱାଇଁ, ପ୍ରମୋଦ ଜେନା, ଅଳକା ଜେନା, ଅନୀଲ ଜେନା, ଡ଼ାକ୍ତର ରସିଦ୍, ନୀଳାମ୍ବର ବିଶ୍ୱାଳ, ଭାନୁ ମାଠିଆ, ବିଜୟ ଜେନା, ଶଶି ପାଢ଼ୀ, ଲଳିତା ରାଉତ, ଅନୁ ନାୟକ, କିରଣ ରାଉତ, ଡ଼. ଭାବନୀ ମହାପାତ୍ର, ସୁଧା ଦାଶ, ଅଞ୍ଜଳୀ ନାୟକ, ସୁନନ୍ଦା ରାଉତ, ଗୌର ମୋହନ ପାଢ଼ୀଙ୍କ ସମେତ ବହୁ ଛାତ୍ରଛତ୍ରୀ ବିଭିନ୍ନ ପ୍ରାନ୍ତରୁ ଆସି ଯୋଗ ଦେଇ ନିଜର କଲେଜ ସମୟର ଅନୁଭୂତି ବର୍ଣ୍ଣନା କରିଥିଲେ ।

## ରାଜ୍ୟ ଜୁନିୟର ଶିକ୍ଷକ ଓହ୍ଲାଇବେ ରାଜରାସ୍ତାକୁ




ଜଳେଶ୍ୱର, ୧୨/୦୨ (ନି.ପ୍ର): ଗତ ଚାରିମାସ ତଳେ ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡିଶା ମାଟିରୁ ଚୁକ୍ତିଭିତ୍ତିକ ଯୁଗ ଶେଷ ହେଲାବୋଲି ଘୋଷଣା କରିଥିବା ବେଳେ ଆଜି ରାଜ୍ୟର ପ୍ରାଥମିକ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟରତ ପ୍ରାୟ ୧୩ହଜାର କନିଷ୍ଠ ଶିକ୍ଷକ, ଶିକ୍ଷୟତ୍ରୀ ଚୁକ୍ତି ଭିତ୍ତିରେ ଓ ସ୍ୱଳ୍ପ ଦରମାରେ ଥିବାରୁ ସେମାନଙ୍କୁ ସରକାରୀ ଘୋଷଣା କରିବାକୁ ଦାବି ହୋଇଛି । ଆଜି ଜଳେଶ୍ୱର ଶାଖା ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଶିକ୍ଷକମାନଙ୍କୁ ଚୁକ୍ତିଭିତ୍ତିକ ପ୍ରଥାରୁ ମୁକ୍ତି କରିବା ଦାବି କରି ପୋଷ୍ଟକାର୍ଡ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡିଛନ୍ତି । ଗତ ୧୫-୧୦-୨୨ରେ ରାଜ୍ୟ ସରକାର ସବୁ ବିଭାଗର ଚୁକ୍ତି ଭିତ୍ତିକ କର୍ମଚାରୀଙ୍କୁ ନିୟମିତ କରିବା ଘୋଷଣା କରିଥିବା ବେଳେ ଅଦ୍ୟାବଧି ମୋଟ ୭୦ହଜାର ଚୁକ୍ତିଭିତ୍ତିକଙ୍କ ମଧ୍ୟରୁ ୧୩୮୦୦ କନିଷ୍ଠ ଶିକ୍ଷକ ସେଥିରେ ସାମିଲ ହୋଇନଥିବା ଜଳେଶ୍ୱର ବ୍ଲକ ସଭାପତି ଲକ୍ଷ୍ମୀନାରାୟଣ ଦାସ ଓ ସଂପାଦକ ସୌଭାଗ୍ୟ କର ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଛନ୍ତି । ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକମାନେ ରେଗୁଲାର ହୋଇଥିବା ବେଳେ ପ୍ରାଥମିକ ଶିକ୍ଷକ (ଚୁକ୍ତିଭିତ୍ତିକ)ଙ୍କୁ ରେଗୁଲାର କରାଯାଇନଥିବାରୁ କ୍ଷୋଭ ପ୍ରକାଶ ପାଇଛି । ସମଗ୍ର ବାଲେଶ୍ୱର ଜିଲାରେ ୩୨୦ ଶିକ୍ଷକ ଏପରି ଥିବା ବେଳେ ଜଳେଶ୍ୱରର ୩୦ ଶିକ୍ଷକ ଶିକ୍ଷୟତ୍ରୀ ଆଜି ପୋଷ୍ଟକାର୍ଡ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ବିଭିନ୍ନ ବର୍ଗର ଶିକ୍ଷକ ରହିଥିବା ଓ ସେମାନଙ୍କ ମଧ୍ୟରୁ କେତେକଙ୍କୁ ସ୍ୱଳ୍ପ ବେତନ ଦିଆଯାଉଥିବାରୁ ଶିକ୍ଷାଦାନରେ ମାନସିକତାରେ ବ୍ୟାଘାତ ସୃଷ୍ଟି ହେଉଥିବା ସେମାନେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଶୁଭଶ୍ରୀ ପାତ୍ର, ବ୍ରଜେଶ୍ୱର ପ୍ରମାଣିକ, ରାମକୃଷ୍ଣ ଘୋଷ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ମିତ୍ରପୁର ଚର୍ଚ୍ଚର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବାଲେଶ୍ୱର, ୧୨/୦୨ (ନି.ପ୍ର): ଲୁର୍ଦ୍ଧୁ ମାଆ ମାରିଆଙ୍କ ପର୍ବ ଓ ମିତ୍ରପୁର ଗୀର୍ଜାର ୫୦ ବର୍ଷ ପୂର୍ତ୍ତି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦଯାପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଶପ ଥୋମାସ ଥିରୁଥାଲିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୁର୍ଦ୍ଧୁ ମାଆ ମାରରିଆଙ୍କ ପର୍ବ ସାଙ୍ଗକୁ ଚର୍ଚ୍ଚର ୫୦ ବର୍ଷ ପୂର୍ତ୍ତିକୁ ନେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ତେବେ ସମାଜ ସେବା ସାଙ୍ଗକୁ ସ୍ନେହ ଓ ପ୍ରେମ ବାଣ୍ଟିବା ଏବଂ ଯୁବଗୋଷ୍ଠୀଙ୍କୁ ଶିକ୍ଷିତ କରାଇବାରେ ଜୀବନର ସାର୍ଥକତା ରହିଛି ବୋଲି ସେ କହିଥିଲେ । ନିଜେ ଖୁସୀରେ ରହିବା ସହିତ ଅନ୍ୟକୁ ଖୁସୀ ରଖିବା ହିଁ ପ୍ରଭୁଙ୍କର ନିର୍ଦ୍ଦେଶ ବୋଲି ବିଶପ ଥିରୁଥଲିଲ ମତ ପ୍ରକାଶ କରିଥିଲେ । ମିତ୍ରପୁର ଚର୍ଚ୍ଚର ମୁଖ୍ୟ ଫାଦର ପଲ କୁନମ ପରମପଥ ଏଥିରେ ଅଧ୍ୟକ୍ଷତା କରିବା ସହିତ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସମସ୍ତଙ୍କ ସହଯୋଗରୁ ମିତ୍ରପୁର ଚର୍ଚ୍ଚ ଆଜି ୫୦ ବର୍ଷରେ ପହଞ୍ଚି ପାରିଛି ବୋଲି ସେ କହିଥିଲେ । ଏନେଇ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ସୁବର୍ଣ୍ଣ ଜୟନ୍ତୀରେ କେବଳ ବାଲେଶ୍ୱର ଜିଲା ନୁହେଁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ବ୍ୟକ୍ତି ୯ ଦିନିଆ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସେ ସୂଚନା ଦେଇଥିଲେ । ବାଲେଶ୍ୱର ଡାଓସିସିର ପ୍ରଶାସକ ଫାଦର ଆଇଜାକ ପୁତୁନାଗଡ଼ି ଏଥିରେ ବିଶେଷ ଅତିଥି ଭାବେ ଯୋଗଦେଇ ୫୦ବର୍ଷ ପୂର୍ବରୁ ପ୍ରତିଷ୍ଠା ହୋଇଥିବା ଏହି ଚର୍ଚ୍ଚ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ପ୍ରତୀକ ହୋଇପାରିଛି ବୋଲି କହିଥିଲେ । ଉଦଯାପନ ଅବସରରେ ଧନ୍ୟବାର୍ଦ ଅର୍ପଣ ପର୍ବ, ଦିବ୍ୟଯଜ୍ଞ, କ୍ୟାଣ୍ଡେଲ ଶୋଭାଯାତ୍ରା, ୫୦ ବର୍ଷ ଧରି ଚର୍ଚ୍ଚ ସହ ଜଡ଼ିତ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଉଦଯାପନ ଉତ୍ସବରେ ବାଲେଶ୍ୱର ସମେତ ଓଡ଼ିଶା ତଥା ରାଜ୍ୟ ବାହାରୁ ୧୦ ହଜାରରୁ ଅଧିକ ଲୋକେ ଯୋଗ ଦେଇଥିଲେ ।

## ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା, ୧୨/୦୨ (ନି.ପ୍ର): ଗତକାଲି ମୟୂରଭଞ୍ଜ ଜିଲ୍ଲାର VTA ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ OVTA ସଂଘର ସଭାପତି ଶ୍ରୀଯୁକ୍ତ ସୁନୀଲ କୁମାର ଦେବତା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ଜିଲ୍ଲାର ସଭାପତି ସମ୍ବିତ କୁମାର ନାୟକ ଏବଂ ରାଜ୍ୟ କୋର କମିଟି ସଦସ୍ୟ ରାଜକିଶୋର ଦାସ ସଭା ପରିଚାଳନା କରିଥିଲେ । ଭୋକେସନାଲ ପ୍ରଶିକ୍ଷକଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ଜିଲ୍ଲାର ସମସ୍ତ ଭୋକେସନାଲ ଟ୍ରେନର ମାନେ ଉପସ୍ଥିତ ରହି କିପରି ଆଗାମୀ ଦିନରେ ସଙ୍ଘର କାର୍ଯ୍ୟକ୍ରମକୁ ଆଗକୁ ନେବେ ସେ ବିଷୟରେ ଆଲୋଚନା କରିଥିଲେ । ୧. ଭୋକେସନାଲ ଟ୍ରେନର ମାନେ କିପରି ଚାକିରୀର ସ୍ଥାୟିତ୍ୱ ପାଇବେ ? ୨. ୬୦ ବର୍ଷର ଚାକିରୀ ସୁରକ୍ଷା । ୩. ସମାନ କାମକୁ ସମାନ ଦରମା । ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ସର୍ବଶେଷରେ ସଭାପତି ଶ୍ରୀଯୁକ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟାଉନ ସରକାରୀ ହାଇସ୍କୁଲ ଶକ୍ତି କ୍ଲବର ପୁରସ୍କାର ବିତରଣ

ବାଲେଶ୍ୱର, ୧୨/୦୨ (ନି.ପ୍ର): ଟାଉନ ସରକାରୀ ହାଇସ୍କୁଲ 'ଶକ୍ତିକ୍ଲବ'ର ପୁରସ୍କାର ବିତରଣ ଉତ୍ସବ ଉଦଯାପିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୁମତି ରାଉତ ଅଧ୍ୟକ୍ଷତା କରିବା ସହ ଶକ୍ତିର ସଂରକ୍ଷଣ ସାଙ୍ଗକୁ ଅପଚୟ ରୋକିବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଉପଲବ୍ଧ ପ୍ରାକୃତିକ ସାଧନ ଯଥା ଜଳ, ବାୟୁ ଏବଂ ବିଦ୍ୟୁତ ଶକ୍ତିର ଅପଚୟକୁ ରୋକିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷକ ଅକ୍ଷୟ କୁମାର ପାତ୍ର ଶକ୍ତିକ୍ଲବର କାର୍ଯ୍ୟଧାରାକୁ ନେଇ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ । ପୂର୍ବରୁ ଶକ୍ତି ସଂରକ୍ଷଣ ଶୀର୍ଷକକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା । ଶିକ୍ଷୟତ୍ରୀ ଭାରତୀ ରାଉଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ର୍ଅଣ କରିଥିଲେ । ମଧୁସ୍ମିତା ବାରିକ, କଳ୍ପଲତା ରଥ, ଦେବସ୍ମିତା ଦାସ, ଜୟନ୍ତୀ ଚାଷି ପ୍ରମୁଖ ଶିକ୍ଷୟିତ୍ରୀମାନେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ୩ କେଜି ଗଂଜେଇ ଜବତ, ଦୁଇ ଅଦାଲତ ଚାଲାଣ

କୋରେଇ, ୧୨/୦୨ (ନି.ପ୍ର): ପାଣିକୋଇଲି ପୁଲିସ ବସ ଷ୍ଟପରୁ ୩ କେଜି ଗଂଜେଇ ଜବତ କରିବା ସହ ୨ ବେପାରୀଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ କୌଣସି ସୂତ୍ରରୁ ଗଂଜେଇ ଚୋରା ଚାଲାଣର ଖବର ପାଇଁ ପାଣିକୋଇଲି ପୁଲିସ ପାଣିକୋଇଲି ବସ ଷ୍ଟପ ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ସନ୍ଦେହ ଜନକ ଅବସ୍ଥାରେ ଦୁଇ ଜଣଙ୍କୁ ଧରିବା ପରେ ସେମାନଙ୍କ ନିକଟରୁ ୩ କେଜି ଗଂଜେଇ ଜବତ କରିଥିଲା । ସେମାନଙ୍କୁ ଥାନାକୁ ଆଣିବା ପରେ ଏକ ମାମଲା ୨୭/୨୩ ରୁଜୁ କରାଯାଇଥିଲା । ପରେ ଗଂଜେଇକୁ ଯାଂଚ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଅଦାଦଲ ଚାଲାଣ କରାଯାଇଥିଲା । ଅଭିଯୁକ୍ତ ହେଲେ ପଶ୍ଚିମ ବଙ୍ଗ ପଶ୍ଚିମ ମେଦିନପୁର ଜିଲ୍ଲା ଘଟାଲ ଥାନା ଧରମପୁର ଗ୍ରାମର ଗୋପାଲ ମିର୍ଜାଙ୍କ ପୁଅ ବିନାନ୍ଦ (୨୪) ଓ ଯାଜପୁରରୋଡ ଚୁନଭାଟି ପ୍ଲଟର ହରେକୃଷ୍ଣ ସାହୁଙ୍କ ପୁଅ ପ୍ରତାପ (୪୧) । ସେମାନଙ୍କୁ ଗିରଫ ପରେ ଆଜି ଦଫା ୨୦(ବି), ୧୧ ବି ଏନଡିପିସି ଆକ୍ଟରେ ଅଦାଲତ ଚାଲାଣ କରାଯାଇଥିବା ତଦନ୍ତାଧିକାରୀ ସବଇନ୍ସପେକ୍ଟର ପ୍ରକାଶ ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ ।

## ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାଲେଶ୍ୱର, ୧୨/୦୨ (ନି.ପ୍ର): ବାଲେଶ୍ୱର ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଜିଲା ପ୍ରଧାନ ଡାକଘର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ସମବାୟ ସମିତିର ସଭାପତି ଅଜୟ ନାରାୟଣ ଦାସ ଏଥିରେ ସଭାପତିତ୍ୱ କରିଥିଲେ । ବାଲେଶ୍ୱର ସମବାୟ ଉପ-ନିବନ୍ଧକ ସୀତାପତି କରୁଣାକର ମାଝୀ ମୁଖ୍ୟଅତିଥି ଓ ସହକାରୀ ଉପ-ନିବନ୍ଧକ ଗୋପବନ୍ଧୁ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସମିତିର ଉନ୍ନତି ପାଇଁ ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ । ଡାକ ସମବାୟ ସମିତିର ୧୧ବର୍ଷ ଧରି ହୋଇ ନଥିବା ଅଡିଟ ହୋଇ ଯାଇଥିବାକୁ ନେଇ ସେମାନେ ସନ୍ତୋଷ ପ୍ରକାଶ କରିଥିଲେ । ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ୨୦୨୨-୨୩ର ବାର୍ଷିକ ବିବରଣୀ ପାଠ ଓ ଆୟବ୍ୟୟର ଆର୍ଥିକ ଅଟକଳ ଉପସ୍ଥାପନ କରିବା ପରେ ତାହା ଅନୁମୋଦନ ଲାଭ କରିଥିଲା । ବିଭିନ୍ନ ପ୍ରସ୍ତାବ ମଧ୍ୟରେ ପୂର୍ବରୁ ଦିଆଯାଇଥିବା ଋଣ ପରିମାଣ ୧ଲକ୍ଷ ଟଙ୍କାରୁ ୧ଲକ୍ଷ ୫୦ ହଜାରକୁ ବୃଦ୍ଧି, ୧୦ବର୍ଷର ଅଡିଟ୍ ପରେ ଲାଭାଂଶରୁ ୨ ପ୍ରତିଶତ ବର୍ତ୍ତମାନ ଥିବା ସମସ୍ତ ସମବାୟ ସମିତିର ସଭ୍ୟମାନଙ୍କୁ ଅଂଶଧନ ଉପରେ ଦିଆଯିବା ପାଇଁ ସର୍ବସମ୍ମତି କ୍ରମେ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ବାଲେଶ୍ୱର-ଭଦ୍ରକ ପୋଷ୍ଟାଲ୍ ଡିଭିଜନ୍ ସମିତିର ସଭ୍ୟମାନେ ଯୋଗ ଦେଇଥିଲେ । ଏହି ବୈଠକରେ ସଭ୍ୟ ଗୋପାଳ ଚନ୍ଦ୍ର ପଢ଼ିହାରୀ, କୁଞ୍ଜବିହାରୀ ଦାଶ, କୁଳମଣି ଗିରି, ରବୀନ୍ଦ୍ର ମହାକୁଡ଼, ପ୍ରସନ୍ନ କୁମାର ବିଶ୍ୱାଳ, ରାଜେନ୍ଦ୍ର ମଲ୍ଲିକ୍, କାର୍ତ୍ତିକ ଚନ୍ଦ୍ର ଦାସ, କାର୍ତ୍ତିକ ଚନ୍ଦ୍ର ଜାନା, ତନୁଜା ପୃଷ୍ଟି, ଆରତୀ ହାଁସଦା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ବାଲ୍ୟ ବିବାହକୁ ରୋକିବା ଉଦ୍ଦେଶ୍ୟରେ ଶରତ ଠାରେ ପ୍ରଶିକ୍ଷଣ




ଉଦଳା, ୧୨/୦୨ (ନି.ପ୍ର): ସ୍ୱେଚ୍ଛାସେବୀ ସଂଗଠନ 'ସେଂଟର ଫର କାଟାଲାଇଜିଂ ଚେଞ୍ଜ' (ସି-୩) ଆନୁକୂଲ୍ୟରେ ବାଲ୍ୟ ବିବାହକୁ ରୋକିବା ଉଦ୍ଦେଶ୍ୟରେ କପ୍ତିପଦା ବ୍ଲକ ଅନ୍ତର୍ଗତ ଶରତ ଗ୍ରା.ପ. କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟ ସରପଂଚ ପଦ୍ମାବତୀ ସିଂ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବରକୁ ଉଦ୍‌ଘାଟନ କରି ବାଲ୍ୟ ବିବାହକୁ ରୋକିବା ପାଇଁ ବହୁଳ ଭାବରେ ସଚେତନତାର ଆବଶ୍ୟକତା ରହିଛି ବୋଲି ବ୍ୟକ୍ତ କରିଥିଲେ । ପ୍ରଶିକ୍ଷକ ଭାବରେ (ସି-୩) ର ସଂଯୋଜକ ଶିବରାମ ଦାସ ଯୋଗ ଦେଇ ବଳ ପୂର୍ବକ ବାଲ୍ୟ ବିବାହ ପ୍ରକଳ୍ପକୁ ପୂର୍ଣ୍ଣ ମାତ୍ରାରେ ସଫଳ କରିବା ପାଇଁ ଗ୍ରାମ ଶିଶୁ ସୁରକ୍ଷା ସମିତିର ସଦସ୍ୟ/ସଦସ୍ୟା ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆଚଂଳିକ ସଂଯୋଜକ ସୁଧିର ପ୍ରଧାନ, ସୌଜନ୍ୟା ନାୟକ, ଶାନ୍ତିଲତା ଭୂୟାଁ, ସନ୍ତୋଷ ସାହୁ, ବିଷ୍ଣୁ ଦେବ ମହାନ୍ତ, ବୁଧୁରାୟ ସୋରେନ, ଦିପ୍ତିମୟୀ ପରିଡ଼ା ଓ ମାଣିକରାଣୀ ମୁଦୁଲି ପ୍ରମୁଖ ଯୋଗ ଦେଇ କାର୍ଯ୍ୟ କ୍ରମକୁ ସଫଳ କରିଥିଲେ ।

## ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳଙ୍କ ୭୮ତମ ଜୟନ୍ତୀ ପାଳିତ



ଜଳେଶ୍ୱର, ୧୨/୨(ନି.ପ୍ର): ଜଳେଶ୍ୱରରେ ଦୀର୍ଘ ୪୪ବର୍ଷ ଧରି ଦୀନକୃଷ୍ଣ ସ୍ମୃତି ପରିଷଦ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଥିବା ବେଳେ ତାର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳଙ୍କୁ ୭୮ତମ ଜୟନ୍ତୀ ଅବସରରେ କମିଟି ପକ୍ଷରୁ ଜନ୍ମଜୟନ୍ତୀ ପାଳିତ ହୋଇଛି । ତାରୁଣ୍ୟ ମିଳନୀ କକ୍ଷ ପରିସରରେ ଆୟେରଜିତ ଏହି ସଭାରେ ଓଡିଶା ଓ ପଶ୍ଚିମବଂଗର ବିଭିନ୍ନ ସ୍ଥାନରୁ ସାରସ୍ୱତ ସାଧକ, ଅଧ୍ୟାପକ, ସାମ୍ବାଦିକ, ଶୁଭେଚ୍ଛୁ ଓ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେଇଥିଲେ । ଜୟନ୍ତୀ କମିଟିର ସଭାପତି ଡ. ରମାକାନ୍ତ ଭଂଜ ଏଥିରେ ଅଧ୍ୟକ୍ଷତା କରି ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଭିନ୍ନ ସଂଗଠନ ଓ ବ୍ୟକ୍ତି ବିଶେଷ ପକ୍ଷରୁ ପ୍ରଫେସର ବିଶ୍ୱାଳକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧନାର ଉତ୍ତରରେ ଆନନ୍ଦ ଓ ଅଭିନନ୍ଦନହିଁ ଜୟନ୍ତୀର ମୂଳ ଉଦ୍ଦେଶ୍ୟ । ଦୀର୍ଘ ୨୧ବର୍ଷ ଧରି ତାଙ୍କର ଜନ୍ମଦିନ ପାଳିତ ହେଉଥିବା ବେଳେ ୧୯ତମ ମୁଖପତ୍ର 'ତାରୁଣ୍ୟ' ଉନ୍ମୋଚିତ ହୋଇଥିଲା । କବି ଦୀନକୃଷ୍ଣ ଏକ ଓ ଅଭିନ୍ନ ବୋଲି ସେ ବିଭିନ୍ନ ଲେଖା ମାଧ୍ୟମରେ ପ୍ରମାଣ କରିଛନ୍ତି ବୋଲି କହିଥିଲେ । ବିଭିନ୍ନ ସ୍ଥାନରୁ ମିଳୁଥିବା ପ୍ରତ୍ସାହନ ଓମ୍ବର୍ଦ୍ଧନା ତାଙ୍କୁ ଆନନ୍ଦ ଦେଇଥିବା ପ୍ରକାଶ କରିଥିଲେ । ସମ୍ବର୍ଦ୍ଧନା ସଭାରେ ମୁଖ୍ୟବକ୍ତା ଭାବେ ପ୍ରଫେସର ଭାଗବତ ବେହେରା, ମୁଖ୍ୟ ଅତିଥି ଜିଲାପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, କବି ବ୍ରଜେନ୍ଦ୍ର ନାଥ ଗିରି, ରାଜ୍ୟ ଅଭିଲେଖାଗାରର ଅନ୍ୟତମ ମୁଖ୍ୟ ଡ. ସତ୍ୟନାରାୟଣ ମିଶ୍ର, ପଶ୍ଚିମବଂଗର କବି ଡ. ସୁନିଲ ମାଝି, ବାସୁଦେବ ନାପିତ, ମାୟାଧର ନାଥ, ଓଡିଆ ସାହିତ୍ୟ ଏକାଡେମୀର ସଦସ୍ୟ ଇଂ ଅଭୟ ସୂତାର, ଡ. ପଦ୍ମଲାଭ ପ୍ରଧାନ, ତାରାପଦ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଯୋଗେଶ କୁମାର ରାଉଳ ମଂଚ ପରିଚାଳନା କରିଥିବା ବେଳେ ଡ. ଅଜିତ୍ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଜ୍ୟୋତିଷ କର, ତ୍ରିଲୋଚନ ଗିରି କାର୍ଯ୍ୟ କରିଚାଳନା କରିଥିବା ବେଳେ ଓଡିଶା ଓ ପଶ୍ଚିମବଂଗରୁ ବହୁ କଳାକାର ସ୍ୱରଚିତ କବିତା ଓ ନୃତ୍ୟ ପରିବେଷଣ କରିଥିଲେ ।

## ଅଙ୍ଗନୱାଡି ସଂଘର ଜିଲ୍ଲା ସମ୍ମିଳନୀ : ଦାବି ନଶୁଣିଲେ ଆଗାମୀ ଦିନ ସରକାରଙ୍କୁ ମହଙ୍ଗା ପଡ଼ିବ



ଭଦ୍ରକ, ୧୨/୦୨ (ନି.ପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏସନ ଭଦ୍ରକ ଜିଲ୍ଲା ଶାଖାର ବାର୍ଷିକ ଜିଲ୍ଲା ସମ୍ମିଳନୀ ଆଜି ସ୍ଥାନୀୟ ନୂଆବଜାର ସ୍ଥିତ ମଞ୍ଜୁଳ ମଞ୍ଜରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସଂଘର ଜିଲ୍ଲା ସମ୍ପାଦିକା ଜୟନ୍ତୀ ଜେନା ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ରାଜ୍ୟସଂଘ ସଭାନେତ୍ରୀ ସୁମିତା ମହାପାତ୍ର, ଅଖିଳ ଭାରତୀୟ ଅଙ୍ଗନୱାଡି ମହାସଂଘର ସଂଗଠନ ସମ୍ପାଦିକା ଅଞ୍ଜଳି ପଟେଲ, ବିଏମ୍ଏସ୍ ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା, ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ ନାଥ ଧଳ, ରାଜ୍ୟ ଆଶାକର୍ମୀ ସଂଘର ସହପ୍ରଭାରୀ ମୁକ୍ତିକାନ୍ତ ସାହୁ, ରାଜ୍ୟ ସରକାରୀ କର୍ମଚାରୀ ସଂଘ ଉପସଭାପତି ବିଜୟ ମିଶ୍ର ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାର ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ଗୋଟି ଶ୍ରମିକ ଭଳି ଖଟାଇ ଚାଲିଛନ୍ତି । ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନରେ ଅଙ୍ଗନୱାଡି କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ସରକାର ସେମାନଙ୍କ ନିତାନ୍ତ ଚାକିରୀ ସର୍ତ୍ତାବଳୀ ପୂରଣ କରୁ ନାହାନ୍ତି । ସେମାନଙ୍କୁ ଆଶାନୁରୂପ ଦରମା ପ୍ରଦାନ କରାଯାଉ ନାହିଁ । ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା କିମ୍ବା କୌଣସି ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାଯାଉ ନାହିଁ । ନିକଟ ଅତୀତରେ ଲକ୍ଷାଧିକ ଅଙ୍ଗନୱାଡି କର୍ମଚାରୀ ଭୁବନେଶ୍ୱରର ରାଜରାସ୍ତାରେ ଦିନରାତି ପଡ଼ି ରହି ଦୀର୍ଘ ଦିନ ଧରି ଆନ୍ଦୋଳନ କରିଥିଲେ ମଧ କେବଳ ପ୍ରତିଶୃତି ଦେଇ ସେମାନଙ୍କୁ ଆନ୍ଦୋଳନରୁ ଓହରି ଯିବା ପାଇଁ ବାଧ କରାଯାଇଥିଲା । ତେବେ ସରକାର ଖୁବ୍ ଶୀଘ୍ର ଯଦି ସେମାନଙ୍କ ଦାବୀକୁ ପୂରଣ ନକରନ୍ତି ତେବେ ରାଜ୍ୟର ସମସ୍ତ ଅଙ୍ଗନୱାଡି କର୍ମଚାରୀ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ, ଯାହା ସରକାରଙ୍କୁ ବହୁତ ମହଙ୍ଗା ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏଥିଲାଗି ଜିଲ୍ଲାର ସମସ୍ତ ବ୍ଲକରେ ସଂଗଠନକୁ ଆହୁରି ସୁଦୃଢ କରି ସଂଘକୁ ଆଗକୁ ଆଗେଇ ନେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଙ୍ଗନୱାଡି ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ କର୍ମକର୍ତ୍ତାରେ ଜିଲ୍ଲା ସଭାନେତ୍ରୀ ଭାବେ ଜୟନ୍ତୀ ଜେନା, କାର୍ଯ୍ୟକାରୀ ସଭାନେତ୍ରୀ ସନ୍ଧ୍ୟାରାଣୀ ପହି, ଉପସଭାନେତ୍ରୀ ମିନତୀ ମହାନ୍ତି ଓ ମିନତୀ ନାୟକ, ସମ୍ପାଦିକା ଅନ୍ନପୂର୍ଣ୍ଣା ବିଶ୍ୱାଳ, ସହସମ୍ପାଦିକା ତପସ୍ୱିନୀ ମହାନ୍ତି ଓ ଲିଲି ଭୋଇ, କୋଷାଧକ୍ଷା ସୁଜାତା ଜେନା ମନୋନୀତ ହୋଇଛନ୍ତି । ଏହି ସମ୍ମିଳନୀରେ ଜିଲ୍ଲାର ୭ଟି ବ୍ଲକର ଶତାଧିକ କର୍ମକର୍ତ୍ତା ଯୋଗ ଦେଇଥିଲେ । ସମ୍ମିଳନୀରେ ବିଏମ୍ଏସ୍‌ର ମଧୁସୂଦନ ପତି, ବିଶ୍ୱନାଥ ନାୟକ, ଅଶୋକ ନାୟକ, ଅଙ୍ଗନୱାଡି ସଂଘର କମଳିନୀ ମଳିକ, ରୀନା ସାହୁ, ଜାନକୀ ଦାସ, ସୋଫିକା ସେରାଓ୍ୱତ, ରଞ୍ଜିତା ମହାନ୍ତି, ମଞ୍ଜୁଲତା ବାରିକ, ମିନତୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ ।

## ଦୁଇ ଦିବସୀୟ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ



ନୀଳଗିରି, ୧୨/୦୨ (ନି.ପ୍ର): ନୀଳଗିରି ବ୍ଲକ ଗରଡିହି ଗ୍ରା.ପ. କୁଂଚିବଣିଆ ଠାରେ ମାର୍ଶଲ କ୍ଲବ ଆନୁକୂଲ୍ୟରେ ୨ଦିନିଆ କ୍ରିକେଟ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଗତ ଫେବୃଆରୀ ୯ ଓ ୧୦ ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ମ୍ୟାଚର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ମୋଟ ୧୬ ଗୋଟି ଦଳ ଏହି ଟୁର୍ଣ୍ଣାମେଂଟ ରେ ଭାଗ ନେଇ ଥିବା ବେଳେ ଫାଇନାଲ ମ୍ୟାଚ କଳାକାଦ ଫେମସ ଏକାଦଶ ଏବଂ ଗରଡିହି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କଳାକାଦ ଫେମସ ୧୫ଦିନ ରେ ଗରଡିହି ଏକାଦଶକୁ ହରାଇ ଚମ୍ପିଆନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟକାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ର ଯୋଗଦେଇ ଏହିଭଳି ଖେଳ ପ୍ରତିଯୋଗିତା ଯୁବକମାନଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରିବା ସହ ଏକ ପ୍ରତିଯୋଗୀ ମନୋଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ । ସମ୍ମାନନୀୟ ଅତିଥି ଭାବେ ଗରଡିହି ପଂଚାୟତର ସରପଂଚ ପ୍ରାର୍ଥୀ ବୈଦନାଥ ସିଂ , ନୀଳଗିରିର ଯୁବସମାଜସେବୀ ଉଦୟଜ୍ୟୋତି ମହାନ୍ତି ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଦସ୍ୟମାନେ ସହଯୋଗ କରିଥିବା ବେଳେ ରମେଶ ନାୟକ ମଂଚ ପରିଚାଳନ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo